

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ରେସ୍‌ରେ ଅଗ୍ନିମିତ୍ରା

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 46 ଭାଗ ୩୪ | ସଂଖ୍ୟା ୪୬ | Friday 8 May 2026 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୮ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଅନିଶ୍ଚିତତାରେ ତାମିଲନାଡୁ ବିଧାନସଭା

## ବହୁମତ ଥାଇ ବି ସରକାର ଗଢ଼ିପାରୁନାହାନ୍ତି ବିଜୟ



### ରାଜ୍ୟପାଳଙ୍କ ଭୂମିକାକୁ ନେଇ ଉଠିଲା ପ୍ରଶ୍ନ

ଚେନ୍ନାଇ,୭।୫ଃଦିନକୁ ଦିନ ତାମିଲନାଡୁ ରାଜନୀତି ନାଟକୀୟ ରୂପ ନେଉଛି। ଅଭିନେତାରୁ ରାଜନେତା ବନିଥିବା ଥାଲାପତି ବିଜୟଙ୍କ ଟିଭିକେ ୧୦୭ଟି ଆସନ ପାଇଁ ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ସର୍ବାଧିକ ଆସନ ଅକ୍ତିଆର କରିଥିଲେ ମଧ୍ୟ ତାଙ୍କର ସରକାର ଗଢ଼ିବା ପ୍ରକ୍ରିୟା ଏକପ୍ରକାର ଝୁଲନ୍ତା ଅବସ୍ଥାରେ ରହିଛି। ମ୍ୟାଜିକ୍ ଅଙ୍କ ପାଇଁ ଟିଭିକେକୁ ଆଉ ମାତ୍ର ୧୧ଟି ଆସନ ଦରକାର ହେଉଥିବା ବେଳେ ତାମିଲନାଡୁ କଂଗ୍ରେସ ବିଜୟଙ୍କ ଦଳକୁ ପୂର୍ଣ୍ଣ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଛି। ଏହାସତ୍ତ୍ୱେ ରାଜ୍ୟପାଳ ବିଧାନସଭାକୁ ଭାଙ୍ଗୁନାହାନ୍ତି କି ସରକାର ଗଠନ ପାଇଁ ଟିଭିକେକୁ ଆମନ୍ତ୍ରଣ କରୁନାହାନ୍ତି। ଫଳରେ ରାଜ୍ୟପାଳଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ରାଜ୍ୟପାଳଙ୍କ ଏ ପ୍ରକାର କାର୍ଯ୍ୟକୁ ନେଇ ତାମିଲନାଡୁ କଂଗ୍ରେସ ତୀବ୍ର ନିନ୍ଦା କରିବା ସହ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ରାଜ୍ୟର ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କହିଛି। ତାମିଲନାଡୁ ରାଜ୍ୟ କଂଗ୍ରେସ ସଭାପତି କେ. ସେଲଭାପେରୁନଥାଗାଇ କହିଛନ୍ତି ଯେ ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନରେ ଏକମାତ୍ର ସଂଖ୍ୟାଗରିଷ୍ଠ ଦଳ ଟିଭିକେକୁ ସରକାର ଗଠନ କରିବାର ସୁଯୋଗ ନ ଦେଇ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଓ ରାଜ୍ୟପାଳ ରାଜେନ୍ଦ୍ର ➪ପୃଷ୍ଠା-୬

### ଗୁଜରାଟ ଇନଭେଷ୍ଟର୍ସ ମିଟ୍‌ରୁ ଆସିଲା ବଡ଼ ସମ୍ଭାବନା

# ଶିଳ୍ପାୟନ ପାଇଁ ଆଗାମୀ ଦଶନ୍ଧି ହେବ 'ସୁବର୍ଣ୍ଣ ଦଶକ'

### ବିକଶିତ ଭାରତ ପାଇଁ ପୂର୍ବ ଭାରତର ଉଦୟ ଜରୁରୀ

### ୪୮,୩୩୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି

### ସୃଷ୍ଟି ହେବ ୬୭,୮୩୮ରୁ ଅଧିକ ନିଯୁକ୍ତି ସୁଯୋଗ

### ୮ ଏମଓୟୁ ସ୍ୱାକ୍ଷରିତ, ୬୩ଟି ନିବେଶ ଆଗ୍ରହପତ୍ର



ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ)ଃ ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ଆଗାମୀ ଦଶ ବର୍ଷ ଓଡ଼ିଶା ପାଇଁ ହେବ 'ସୁବର୍ଣ୍ଣ ଦଶକ'। ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ଗୁଜରାଟ ଗସ୍ତ ସାରି ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଫେରିବା ଅବସରରେ ଗଣମାଧ୍ୟମକୁ ଏହା କହିଛନ୍ତି। ଏହି ଗସ୍ତ ଅବସରରେ ସେ ଅହମ୍ମଦାବାଦ, ମୁନ୍ଦ୍ରା, ଏକତା ନଗର ଓ ଭଦୋଦରା ଗସ୍ତ କରି ବିଭିନ୍ନ ଶିଳ୍ପପତି ଓ ଶିଳ୍ପପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶା ପାଇଁ ସମୁଦାୟ ୪୮,୩୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି ଓ ପ୍ରସ୍ତାବ ମିଳିଛି ଏବଂ ଏହାଦ୍ୱାରା ୬୭,୮୩୮ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଗୁଜରାଟର ଶିଳ୍ପ ବିକାଶକୁ ଦେଖି ସେ ଅନୁଭବ କରିଛନ୍ତି ଯେ କିପରି ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ନିର୍ଣ୍ଣାୟକ ପଦକ୍ଷେପ ଯୋଗୁ ଗୁଜରାଟ ଏକ ବିଶ୍ୱସ୍ତରୀୟ ଶିଳ୍ପ କେନ୍ଦ୍ରରେ ପରିଣତ ହୋଇପାରିଛି। ଦେଶର ପଶ୍ଚିମ ଉପକୂଳ ବିକଶିତ ହୋଇସାରିଛି ଓ ଆହୁରି ଅଗ୍ରଗତି କରୁଛି। ଏବେ ବିକଶିତ ଭାରତ ପାଇଁ ଓ ସନ୍ତୁଳିତ ବିକାଶ ପାଇଁ ପୂର୍ବ ଉପକୂଳର ଅଭିବୃଦ୍ଧି ଅତ୍ୟନ୍ତ ଆବଶ୍ୟକ। ଗୁଜରାଟର ଶିଳ୍ପପତିଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କର ଏହା ଥିଲା ଟୁ-କୋଷ୍ଟ ଷ୍ଟ୍ରାଟେଜି ବା ଦ୍ୱି-ଉପକୂଳ ରଣନୀତି।

ସେ କହିଥିଲେ ଯେ ପାରାଦୀପ, ଧାମରା ଓ ଗୋପାଳପୁର ପରି ବନ୍ଦର ଯୋଗୁ ଓଡ଼ିଶା ପୂର୍ବ-ଏସିଆ, ଦକ୍ଷିଣ ପୂର୍ବ-ଏସିଆ ଏବଂ ସମଗ୍ର ଇଣ୍ଡୋ-ପାସିଫିକ୍ ଅଞ୍ଚଳର ଦେଶମାନଙ୍କ ପାଇଁ ଏକ ଗେଟ୍-ୱେ ଭାବରେ ସୁଯୋଗ ସୃଷ୍ଟି କରୁଛି। ତେଣୁ ରାଜ୍ୟର ବନ୍ଦରଭିତ୍ତିକ ବିକାଶର ଉଦ୍ୟମ ଅତ୍ୟନ୍ତ ବାସ୍ତବବାଦୀ। ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ରଣନୈତିକ ପ୍ରସ୍ତାବ ଉପରେ ଶିଳ୍ପପତିମାନେ ସମ୍ପୂର୍ଣ୍ଣ ଭାବେ ସହମତ ହୋଇଥିଲେ ଓ ବନ୍ଦରଭିତ୍ତିକ ବିକାଶ ପାଇଁ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଥିଲେ ଯେ ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ଓଡ଼ିଶା ପାଇଁ ଅତ୍ୟାଧୁନିକ ଓ ଅଭିବୃଦ୍ଧି ସମ୍ଭାବନା ସମ୍ପନ୍ନ କ୍ଷେତ୍ରଗୁଡ଼ିକରେ ନିବେଶ ➪ପୃଷ୍ଠା-୬

### ନେଦରଲ୍ୟାଣ୍ଡ ରାଷ୍ଟ୍ରଦୂତଙ୍କୁ ଭେଟିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

## ଶିକ୍ଷା ସହ ଗବେଷଣା କ୍ଷେତ୍ରରେ ଭାଗିଦାରୀ ବଢ଼ିବ



ନୂଆଦିଲ୍ଲୀ,୭।୫ଃ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତରେ ଅବସ୍ଥାପିତ ନେଦରଲ୍ୟାଣ୍ଡ୍‌ସର ରାଷ୍ଟ୍ରଦୂତ ମାରିସା ଗେରାର୍ଡସଙ୍କୁ ଭେଟି ଉଭୟ ଦେଶ ମଧ୍ୟରେ ଉଚ୍ଚଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସହଯୋଗର ନୂତନ ଦିଗ ଉପରେ ଆଲୋଚନା କରିଛନ୍ତି। ବୈଠକରେ ଉଭୟ ଦେଶ ମଧ୍ୟରେ ଶିକ୍ଷାଗତ ସହଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଚର୍ଚ୍ଚା କରାଯାଇଛି। ଏହି ଆଲୋଚନା ଅନୁଯାୟୀ, ଭାରତ ଓ ନେଦରଲ୍ୟାଣ୍ଡ୍‌ସ ଆସନ୍ତା ଶିକ୍ଷା ବର୍ଷରୁ ହାଇଡ୍ରୋଜେନ, ସେମିକଣ୍ଡକ୍ଟର, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ସହରୀ ବିକାଶ ଓ କୃଷି ଭଳି ➪ପୃଷ୍ଠା-୬ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ସଂଗଠିତ ଭାବେ କାର୍ଯ୍ୟ କରିବେ। ଏହି ଭାଗିଦାରୀ ମାଧ୍ୟମରେ ନୂତନତା, ଗବେଷଣା ଓ ଜ୍ଞାନର ଆଦାନପ୍ରଦାନ ପାଇଁ ନୂତନ ମାର୍ଗ ପ୍ରଶସ୍ତ ହେବ, ଯାହା ଶିକ୍ଷା କ୍ଷେତ୍ରରେ ଏକ ଉତ୍ତମ ➪ପୃଷ୍ଠା-୬

## ଲାଗୁ ହେଲା ଓଡ଼ିଶା ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ ନୀତି

ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ)ଃ ରାଜ୍ୟରେ ସ୍ୱଚ୍ଛ ଓ ପରିବେଶ ଅନୁକୂଳ ଜାଳେଣି ବ୍ୟବହାରକୁ ତ୍ୱରାନ୍ୱିତ କରିବା ସହ ପିଏନଜି ଏବଂ ସିଏନଜି ଭିତ୍ତିଭୂମିର ଦ୍ରୁତ ବିକାଶ ପାଇଁ ରାଜ୍ୟ ସରକାର 'ଓଡ଼ିଶା ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ୍ ନୀତି, ୨୦୨୬' ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ନୀତି ମାଧ୍ୟମରେ ରାଜ୍ୟର ସହରାଞ୍ଚଳରେ ସ୍ୱଚ୍ଛ ଶକ୍ତିର

- ଅନୁମତି ଓ ତଦାରଖ ଶୁଳ୍କକୁ ମିଳିଲା ମୋରାଟୋରିୟମ
- ୯ ଲକ୍ଷ ଘରକୁ ପିଏନଜି ସଂଯୋଗ ଲକ୍ଷ୍ୟ

ପ୍ରସାରକୁ ସୁନିଶ୍ଚିତ କରାଯାଇପାରିବ।

ଏହି ନୀତିର କାର୍ଯ୍ୟାନ୍ୱୟନ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନୋଡାଲ୍ ବିଭାଗ ଭାବେ ନିଯୁକ୍ତ କରାଯାଇଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ଶୀର୍ଷ କମିଟି ଓ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ଜିଲ୍ଲା ସ୍ତରରେ ଏହି କମିଟିଗୁଡ଼ିକୁ ସିଙ୍ଗଲ୍ ୱିଣ୍ଡୋ ➪ପୃଷ୍ଠା-୬

### ଖାକିକୁ ଭୟ ନାହିଁ କି ଭରସା ନାହିଁ

# ପୁଲିସ ସାମ୍ନାରେ ଯୁବକଙ୍କୁ ପିଟିପିଟି ହତ୍ୟା



ଭୁବନେଶ୍ୱର/ବାଲିଅନ୍ତା,୭।୫(ସଂଚାର ବ୍ୟୁରୋ)ଃ ରାଜ୍ୟରେ ପୁଲିସ ପ୍ରଶାସନ ପ୍ରତି ସାଧାରଣ ଲୋକଙ୍କ ଭରସା ବା ଭୟ ନ ଥିଲା ଭଳି ଲାଗୁଛି। ହିଞ୍ଜିଳିରେ ମହିଳାଙ୍କୁ ପିଟିପିଟା ହତ୍ୟା କରାଗଲା। ପରେ କଣାସରେ ଜଣେ ଯୁବକଙ୍କ ଉପରେ ବାଇକ ଚଢ଼ାଇ ହତ୍ୟା ଉଦ୍ୟମ। ଆଉ ଆଜି ରାଜଧାନୀ ଉପକଣ୍ଠରେ ପୁଲିସ ଉପସ୍ଥିତିରେ ଜଣେ ଯୁବକକୁ ପିଟିପିଟି ହତ୍ୟା କରାଯାଇଛି। ଏଭଳି ଘଟଣା ରାଜ୍ୟ

- ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରୁ ଆକ୍ରମଣ
- ମୃତକଙ୍କ ମା' କହିଲେ ଯୋଜନାବଦ୍ଧ ହତ୍ୟା

ସରକାରଙ୍କ ଆଇନ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରୁଥିବା ବେଳେ ପୁଲିସର ପାରିବାପଣିଆ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହି ଘଟଣାରେ ପୁଲିସ୍ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

ବର୍ବରତାର ସବୁ ସୀମା ଅତିକ୍ରମ କରି ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକଙ୍କୁ ପିଟିପିଟି ମାରିଦେଲେ ସ୍ଥାନୀୟ ➪ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

### କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱରର ବାଲିଅନ୍ତା ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆଙ୍କ ସହ କଥା ହୋଇ ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏଭଳି ଭିଡ଼ ହତ୍ୟା ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ପୁଲିସ ପ୍ରଶାସନ ଓ ପୁଲିସ ବାହିନୀ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୁଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କୁ ଗିରଫ କରିବା ସହିତ ତା'ର ଅନୁସନ୍ଧାନ ଜାରି ରଖିଛି। ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ରାଜ୍ୟ ମହିଳା ➪ପୃଷ୍ଠା-୬

### ରାଜ୍ୟର ସଡ଼କ ଭିତ୍ତିଭୂମି ପାଇଁ କେନ୍ଦ୍ରର ସହଯୋଗ

## ୧୦ ପ୍ରକଳ୍ପ ପାଇଁ ମିଳିଲା ୭୬୯ କୋଟି

ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ)ଃ ରାଜ୍ୟର ସାମଗ୍ରିକ ବିକାଶ ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି (ସିଆର୍‌ଆଇଏଫ) ଯୋଜନା ଅଧୀନରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ପାଇଁ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିମନ୍ତେ ୭୬୯ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ବିଶେଷକରି ରାଜ୍ୟର ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏହି ଅନୁମୋଦନ ଦ୍ୱାରା କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ସେମିଳିଗୁଡ଼ା-ହାଣ୍ଡିପୁଟ ଏବଂ ଲମତାପୁଟ-ମାଛକୁଣ୍ଡ

- ଉପାନ୍ତରୁ ଉପକୂଳ ଯୋଗାଯୋଗ ବ୍ୟବସ୍ଥାରେ ରୂପାନ୍ତର
- ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ରାସ୍ତାର ଉନ୍ନତିକରଣ କରାଯିବା ସହ ବ୍ରହ୍ମପୁର ସହରର ଟାଟା ବେଞ୍ଜ୍ ଛକରୁ ଏମକେସିଜି ମେଡିକାଲ କଲେଜ ଓ ଗିରି



ରୋଡ ଜଙ୍କସନରୁ ପୁରୁଣା ବସଷ୍ଟାଣ୍ଡ୍ ପର୍ଯ୍ୟନ୍ତ ଦୁଇଟି ଅତ୍ୟାଧୁନିକ ଫ୍ଲାଏଓଭର ନିର୍ମାଣ ହେବ। ଏହି ଦୁଇଟି ପ୍ରକଳ୍ପ ପାଇଁ ଯଥାକ୍ରମେ ୧୪୬ କୋଟି ୧ ଲକ୍ଷ ଏବଂ ୧୬୮ କୋଟି ୨୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେମିଳିଗୁଡ଼ା-ହାଣ୍ଡିପୁଟ ରାସ୍ତା ପାଇଁ କେନ୍ଦ୍ର ସରକାର ୩୮ କୋଟି ୪୬ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ ଲମତାପୁଟ-ମାଛକୁଣ୍ଡ ରାସ୍ତା ପାଇଁ ୧୫ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

ଏଥିସହ ନବରଙ୍ଗପୁର ଜିଲ୍ଲାର ଉମରକୋଟ-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତାର ପ୍ରଶସ୍ତିକରଣ (୩୨.୬୨ କୋଟି), ନୂଆପଡ଼ା ଜିଲ୍ଲାର ଖରିଆର ରୋଡ୍-ଆମୋଦି-ବେଲଟୁକ୍ରି ରାସ୍ତାକୁ ପ୍ରଶସ୍ତ କରିବା (୬୧.୧୧ କୋଟି) ଓ ଝାରସୁଗୁଡ଼ା ଜିଲ୍ଲାରେ ଦଳଗାଁ-ତିଲିଆ ଓ ଚାରପାଲି-ଡଙ୍ଗାଘାଟ ରାସ୍ତା ସହ ରାମପେଲା ବ୍ରିଜ୍ ଆପ୍ରୋଚ୍ ରୋଡ ନିର୍ମାଣ ପାଇଁ (୫୨.୬୯ କୋଟି) ପଦକ୍ଷେପ ➪ପୃଷ୍ଠା-୬

### ● ଭାଙ୍ଗିଲା ମମତାଙ୍କ ଆଣ୍ଠ

## ଟିଏମ୍‌ସି ସରକାରକୁ ବରଖାସ୍ତ କଲେ ରାଜ୍ୟପାଳ

କୋଲକାତା, ୭।୫ (ସଂଚାର ବ୍ୟୁରୋ)ଃ ଏକ ବିରଳ ରାଜନୈତିକ ଘଟଣାକ୍ରମରେ ରାଜ୍ୟପାଳ ଆରଏନ ରବି ଗୁରୁବାର ସାମ୍ବିଧାନିକ ପ୍ରକ୍ରିୟା ଅନୁଯାୟୀ ପଶ୍ଚିମବଙ୍ଗ ବିଧାନସଭାକୁ

### ଆଜି ବିଧାୟକ ଦଳ ନେତା ଚୟନ

ଭାଙ୍ଗିଦେଇଛନ୍ତି। ବିଧାନସଭା ନିର୍ବାଚନରେ ପରାସ୍ତ ହେବା ପରେ ବି ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେବାରୁ ରାଜ୍ୟପାଳ ପୁରୁଣା ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରିବା ସହ ନୂଆ ମନ୍ତ୍ରିମଣ୍ଡଳ ଗଠନ ପାଇଁ ମାର୍ଗ ପ୍ରସ୍ତୁତ କରିଛନ୍ତି। ଅପରପକ୍ଷରେ ପ୍ରଥମଥର ପାଇଁ ବଙ୍ଗରେ ବିଜୟ ଧ୍ୱଜା ଉଡ଼ାଇଥିବା ବିଜେପି ପକ୍ଷରୁ ଶୁକ୍ରବାର



ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୯ ତାରିଖ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ପବିତ୍ର ଜୟନ୍ତୀ ଅବସରରେ କୋଲକାତାର ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡରେ ବିଜେପିର ପ୍ରଥମ ସରକାର ଶପଥ ଗ୍ରହଣ କରିବ ବୋଲି ଦଳର କେନ୍ଦ୍ର ନେତୃତ୍ୱ ଘୋଷଣା କରିଥିବାରୁ ଆସନ୍ତାକାଲି ବୈଠକରେ ବିଧାୟକ ଦଳ ନେତା ଚୟନ କରାଯିବ। ପଶ୍ଚିମବଙ୍ଗ ଭଳି ଏକ ସମ୍ବେଦନଶୀଳ ରାଜ୍ୟରେ ଦୀର୍ଘ ୧୫ ବର୍ଷ ଧରି ଶାସନ କ୍ଷମତାରେ ରହିଥିବା ମମତାଙ୍କ ସ୍ଥାନ କିଏ ନେବ, ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଥିବା ବେଳେ ତାହା ସ୍ଥିର କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି ଓ ତାଙ୍କୁ ସହଯୋଗ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ଏସବୁ ଘଟଣା ଘଟିବା ପୂର୍ବରୁ ପରାଜିତ ପ୍ରାର୍ଥୀ ମମତାଙ୍କୁ ନେଇ ରାଜ୍ୟରେ ସୃଷ୍ଟି ହୋଇଥିବା ହାଇ ପ୍ରୋଫାଇଲ୍ ଡ୍ରାମା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି।

ସାମ୍ବିଧାନିକ ନିୟମ ➪ପୃଷ୍ଠା-୬



### କାନ ଡେରିଥା

ତଡ଼ା ଖାଇଯାଇ କି ଲାଭ ପାଇଲ
ଦିଦି ତୁମେ ଏକି କଲ
ଅହଂଭାବ ତୁମେ ଦେଖାଇ
ଦେଖାଇ
ଗାଦି ମାଡ଼ି ବସିଥିଲ
ପରିସ୍ଥିତି ଦେଖି ଚାଲ...
ହାରିବା ସ୍ୱୀକାର ହେଉନି ଯଦିଓ
ରାଜନୀତି ନକଲେ ଭଲ ।

■ ଦେବାଶିଷ

# ଆନ୍ଧ୍ର ପାଇଁ ଓଡ଼ିଶାରେ ତୈଳ ସଙ୍କଟ

- ମାଲବାହୀ ଟ୍ରକ୍ ପିଉଛନ୍ତି ଅଧିକ ଡିଜେଲ୍
- ସୀମାନ୍ତବର୍ତ୍ତୀ ଜିଲ୍ଲାରେ ବଢ଼ିଛି ଚାହିଦା

ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ)ଃ ଶିଳ୍ପ ପାଇଁ ବ୍ୟବହୃତ ହେଉଥିବା ଡିଜେଲ ଦର ବଢ଼ିଲା, ଆନ୍ଧ୍ରରେ ସୃଷ୍ଟି ହେଲା ତେଲ ସଙ୍କଟ। ଆଉ ଏହାର ପ୍ରଭାବ ପଡ଼ିଛି ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଆଦି ଜିଲ୍ଲାରେ। ଏଭଳି ଏକ ସଙ୍ଗିନ ସ୍ଥିତି ପାଇଁ ଦକ୍ଷିଣ ଓଡ଼ିଶାର ଏହିସବୁ ଜିଲ୍ଲାରେ କେଉଁଠି ପେଟ୍ରୋଲ ପମ୍ପ୍ ବନ୍ଦ ହୋଇଗଲାଣି ତ କେଉଁଠି ଗ୍ରାହକଙ୍କୁ ସୀମିତ ପରିମାଣର ପେଟ୍ରୋଲ ଦିଆଯାଉଛି। ଏଭଳି ସ୍ଥିତିରେ ରାଜ୍ୟ ଯୋଗାଣ ବିଭାଗ ନାଚାର।

ସାଧାରଣ ଭାବେ ଶିଳ୍ପ ପାଇଁ ବ୍ୟବହାର ହେଉଥିବା ଡିଜେଲକୁ ଶିଳ୍ପାନୁଷ୍ଠାନ ସିଧାସଳଖ ତୈଳ କମ୍ପାନୀଠାରୁ କିଣିଥାନ୍ତି। ଏଥିପାଇଁ ଇରାନ-ଆମେରିକା ଯୁଦ୍ଧ ପୂର୍ବରୁ ଶିଳ୍ପାନୁଷ୍ଠାନକୁ ବଜାର ଦରଠାରୁ ୩ ଟଙ୍କା କମରେ ଡିଜେଲ ମିଳିଥାଏ। କିନ୍ତୁ ଯୁଦ୍ଧ ଆରମ୍ଭ ପରେ ଶିଳ୍ପ ପାଇଁ ବ୍ୟବହୃତ ଡିଜେଲ ଦରରେ ପ୍ରଥମେ ୨୨ ଟଙ୍କା, ୧୫ ଦିନ ପରେ ୪୦ ଟଙ୍କା ଓ ଗତ ୧ ତାରିଖରୁ ବଜାର ଦରଠାରୁ ୫୮ ଟଙ୍କା ଅଧିକ ବୃଦ୍ଧି କରାଯାଇଛି। ଫଳରେ ଶିଳ୍ପାନୁଷ୍ଠାନ ତୈଳ କମ୍ପାନୀରୁ ଡିଜେଲ କିଣିବା କମାଇଦେଲେ। ତା' ସାଙ୍ଗକୁ ପୁଣି ବର୍ତ୍ତମାନ ଆନ୍ଧ୍ର ଓ ଓଡ଼ିଶା ଉଭୟ ରାଜ୍ୟରେ ଚିଙ୍ଗୁଡ଼ି ଉତ୍ପାଦନ ସମୟ, ଯେଉଁଥିପାଇଁ ଡିଜେଲ ଉପରେ ଅଧିକ ବୋଝ ପଡୁଛି। ତେବେ ଆନ୍ଧ୍ରରେ ପେଟ୍ରୋଲ ପମ୍ପଗୁଡ଼ିକରେ ଡିଜେଲ ସପ୍ଲାଏ ପ୍ରଭାବିତ ହେବାରୁ ସେଠାରୁ ଓଡ଼ିଶା ଦେଇ ଉତ୍ତର-ପୂର୍ବ ରାଜ୍ୟମାନଙ୍କ ପର୍ଯ୍ୟନ୍ତ ଯାଉଥିବା ଟ୍ରକ୍‌ଗୁଡ଼ିକର ଭରସା ସୀମାନ୍ତବର୍ତ୍ତୀ ପେଟ୍ରୋଲ ପମ୍ପ୍।



ଆନ୍ଧ୍ରରୁ ସୀମିତ ଡିଜେଲ ପକାଇ ଓଡ଼ିଶା ସୀମାରେ ପହଞ୍ଚିବା ପରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଆଜି ଜିଲ୍ଲାରେ ଟାଙ୍କି ଭର୍ତ୍ତି କଲେ। କାରଣ ଏହିସବୁ ଟ୍ରକରେ ଯାଉଥିବା ମାଲ ମୁଖ୍ୟତଃ ଅଣ୍ଡା, କ୍ଷୀର, ଚିଙ୍ଗୁଡ଼ି, ମାଛ ଓ ପନିପରିବା ଭଳି ନାଶଶୀଳ ବା ପେରିସେବ୍‌ଲ ଆଇଟମ। ତେଣୁ ସେସବୁ ଗାଡ଼ିକୁ ଅଟକାଇ ରଖିବା ମଧ୍ୟ ସମ୍ଭବ ନୁହେଁ। ଗୋଟିଏ ଗୋଟିଏ ଟ୍ରକ ଦେଢ଼ ଶହରୁ ୨୦୦ ଲିଟର ଡିଜେଲ ପକାଇବା ଦ୍ୱାରା ଏହିସବୁ ଜିଲ୍ଲାରେ ଡିଜେଲର ଅଭାବ ସୃଷ୍ଟି ହେଲା। ଗତ କିଛି ମାସ ମଧ୍ୟରେ ସୀମାନ୍ତବର୍ତ୍ତୀ ଜିଲ୍ଲାରେ ଡିଜେଲ ଚାହିଦା ୪୦ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ତୈଳ କମ୍ପାନୀମାନେ ପାରାଦ୍ୱୀପରୁ ଏହିସବୁ ଜିଲ୍ଲାକୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଡିଜେଲ୍ ପଠାଉଥିଲେ। ହଠାତ ଚାହିଦା ବଢ଼ିଯିବା ପରେ ପାରାଦୀପର ତୈଳ ବିଶୋଧନାଗାରଗୁଡ଼ିକ ଏତେ ପରିମାଣର ବୃଦ୍ଧିକୁ ଭରଣା କରିବା ସମ୍ଭବ ନ ଥିଲା।

## ବଜ୍ରପାତରେ ଶାଶୂ-ବୋହୂ ମୃତ

### ଉପୁଡ଼ିପଡ଼ିଲା ଆଶ୍ରୟ ନେଇଥିବା ବାଉଁଶବୁଦା



ଭଞ୍ଜନଗର,୭।୫(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ତହସିଲ ଅନ୍ତର୍ଗତ ମୁଦୁଲିପଲ୍ଲୀରେ ଆଜି ଘଟିଛି ଏକ ଦୁଃଖଦ ଘଟଣା। ବଜ୍ରପାତରେ ଏକାଥରକେ ଚାଲିଯାଇଛି ଶାଶୂ ଓ ବୋହୂଙ୍କ ଜୀବନ। ମୃତକଦ୍ୱୟ ହେଲେ ଶାଶୂ ଶୈଳ ବିଷୋୟୀ (୬୫) ଓ ବୋହୂ ସନ୍ତୋଷିନୀ ବିଷୋୟୀ (୩୫)। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

ଘଟଣାରୁ ପ୍ରକାଶ ଯେ ଆଜି ଅପରାହ୍ନରେ ସମ୍ପୃକ୍ତ ଅଞ୍ଚଳରେ ଝଡ଼ତୋଫାନ ସହ ଖୁବ୍ ଜୋର୍‌ରେ ବର୍ଷା ହୋଇଥିଲା। ଏହି ସମୟରେ ବିଲକୁ ଯାଇ କାମ ସାରି ଘରକୁ ଫେରୁଥିବା ଶାଶୂ ଓ ବୋହୂ ବର୍ଷାରୁ ରକ୍ଷା ପାଇବା ସକାଶେ ଏକ ବାଉଁଶ ବୁଦା ତଳେ ଆଶ୍ରୟ ନେଇଥିଲେ। କିନ୍ତୁ ଏହା ସେମାନଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥିଲା। କାରଣ ସେହି ସମୟରେ ବଜ୍ରପାତ ➪ପୃଷ୍ଠା-୬

# ଶ୍ରୀଜଗନ୍ନାଥଙ୍କ ନାମରେ ଆସିବ ସ୍ୱତନ୍ତ୍ର ଚ୍ୟାନେଲ: ପୃଥ୍ୱୀରାଜ



ଭୁବନେଶ୍ୱର, ୭।୫ (ସଂଚାର ବ୍ୟୁରୋ): ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ନାମରେ ଏକ ସ୍ୱତନ୍ତ୍ର ଟିଭି ଚ୍ୟାନେଲ ଆରମ୍ଭ କରିବା ନେଇ ଏକ ଆଲୋଚନା ବୈଠକ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ପ୍ରସ୍ତାବିତ ନୂତନ ଚ୍ୟାନେଲର ରୂପରେଖ, ଦୈନିକ କାର୍ଯ୍ୟକ୍ରମ, ଜଗନ୍ନାଥ ସଂସ୍କୃତିର ପରିବ୍ୟାପ୍ତି, ଭକ୍ତଙ୍କ ମନରେ ଜଗନ୍ନାଥଙ୍କୁ ନେଇ ଥିବା ଭାବନାର ପରିପ୍ରକାଶ ନେଇ ଆସିଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଚ୍ୟାନେଲ ପ୍ରତିଷ୍ଠା ନେଇ ପ୍ରାଥମିକ ପର୍ଯ୍ୟାୟରେ ଥିବା ଏହି ଆଲୋଚନା ବେଶ୍ ସକାରାତ୍ମକ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଏଥିସହ ଜଗନ୍ନାଥ ସଂସ୍କୃତି ବିଷୟରେ ବିଶ୍ୱବାସୀଙ୍କୁ ଅବଗତ କରାଇବା ଏବଂ ଜଗନ୍ନାଥ ସଂସ୍କୃତି ଉପରେ ଅଧିକ ଗବେଷଣା ଓ ଆଲୋଚନା ସହ ଜଗନ୍ନାଥଙ୍କ ମହିମା ଓ ଭାବାବେଗ ନେଇ ଭକ୍ତଙ୍କ ଅନୁଭୂତିକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସିଥିବା ପ୍ରସ୍ତାବ ଉପରେ ରାଜ୍ୟ ସରକାର ଅତି ସକାରାତ୍ମକ ଭାବେ ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି। ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ଆଇନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଯୁବପିଢ଼ି ପାଇଁ ୮୦ ଲକ୍ଷ ଟଙ୍କାର ପ୍ରକଳ୍ପ ଭେଟି

# ଡବଲ୍ ଇଞ୍ଜିନରେ ହେଉଛି ବିକାଶ କାର୍ଯ୍ୟ:ଅପରାଜିତା



ଭୁବନେଶ୍ୱର, ୭।୫ (ସଂଚାର ବ୍ୟୁରୋ) : ଆଜିର ଯୁବକ ଆସନ୍ତାକାଲି ଦେଶର ଭବିଷ୍ୟତ। ଯୁବଶକ୍ତି କୁ ସଠିକ ମାର୍ଗରେ ବିନିଯୋଗ କରିବା ଲକ୍ଷ୍ୟ ନେଇ ବର୍ତ୍ତମାନ ସରକାର ଆରମ୍ଭ କରିଛନ୍ତି ବିଭିନ୍ନ କାର୍ଯ୍ୟପନ୍ଥା। ଏହି ଉଦ୍ଦେଶ୍ୟରେ 'ୟଙ୍ଗ ଗେମ୍ ଚେଞ୍ଜର୍ସ ଇଣ୍ଡିଆ' ଅନ୍ତର୍ଗତ ୟୁଏନ ହାବିଟାଟ ଓ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଟଣୀ ପୌରାଞ୍ଚଳରେ ଶିଳାନ୍ୟାସ ହୋଇଛି ୧କୋଟି ୯୧ ଲକ୍ଷ ଟଙ୍କାର ପ୍ରକଳ୍ପ। ଯାହା ମଧ୍ୟରୁ ଦୁଇଟି ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏଥିସହିତ ଜଟଣୀ ମ୍ୟୁନିସିପାଲିଟି ଏବଂ ଜାତିସଂଘଙ୍କ ସଂଯୁକ୍ତ ପ୍ରୟାସରେ ୭ ନମ୍ବର ୱାର୍ଡରେ ମୁଣ୍ଡିଆ ସାହି ପାର୍କ ଓ ଖେଳ ପଡିଆ ପାଇଁ ୬୩.୨୯ ଲକ୍ଷ ଏବଂ ୧୧ ନମ୍ବର ୱାର୍ଡରେ ମା' ଉତ୍ତରାୟଣୀ ଯୁବକ ସଂଘ ଓ ଖେଳ ପଡିଆ ପାଇଁ ୧୬.୨୨ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଏଥିସହିତ ୱାର୍ଡ ନମ୍ବର ୮ରେ ୧୬.୨୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଷ୍ଟାଫ କ୍ୱାର୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି ସାଂସଦ।

ଏ ନେଇ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରକଳ୍ପ ଓ ତାହାର ବିଭିନ୍ନ ଦିଗ ଗୁଡ଼ିକୁ ନେଇ ଆଲୋଚନା କରାଯାଇଥିବା ବେଳେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବାରୁ ସମସ୍ତ କାର୍ଯ୍ୟ ସୁବିଧାରେ ହେଉଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଥିଲେ। ବର୍ତ୍ତମାନର ସରକାର ଲୋକଙ୍କ ନିଷ୍ପତ୍ତିରେ ବିଭିନ୍ନ ପ୍ରକଳ୍ପ କରୁଥିବା ବେଳେ ବିକାଶ ମୂଳକ କାର୍ଯ୍ୟ ପାଇଁ ଦଳ ମତ ନିର୍ବିଶେଷରେ ସମସ୍ତେ ମିଳି ମିଶି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏଥିସହିତ ଜଟଣୀ ପୌରାଞ୍ଚଳରେ ଶିଳାନ୍ୟାସ ହୋଇଥିବା ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ଉତ୍ତମ ଖେଳ ଓ ବିନୋଦନ ସୁବିଧା ସୃଷ୍ଟି ହେବା ସହ ଅଞ୍ଚଳର ସାମଗ୍ରିକ ଉନ୍ନତି ହେବ ବୋଲି ସେ କହିଥିଲେ।

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଅସୁରକ୍ଷିତ, କଂଗ୍ରେସର ପୋଷ୍ଟମୋର୍ଟମ

# ଅଭିଯୁକ୍ତ ଅଧ୍ୟାପକଙ୍କୁ ଘଣ୍ଟ ଘୋଡ଼ାଉଛି ଉଚ୍ଚଶିକ୍ଷା ବିଭାଗ



**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବହିଷ୍କାର ଦାବି**

ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଖୋଦ ଅଧ୍ୟାପକମାନେ ସେମାନଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଛନ୍ତି। ଅଭିଯୋଗ ସତ୍ତ୍ୱେ ଉଚ୍ଚଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ବରଂ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ତତ୍ପର ହେଉଛି। ଫଳରେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯଦି ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରୁ ନାହାନ୍ତି, ତେବେ ଅପାରଗ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ବିଦା କରନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ତଥା ଛାତ୍ରନେତା ବିଭୁତି ଭୂଷଣ ମହାପାତ୍ର ଦାବି କହିଛନ୍ତି। ଆଜି କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ସରକାରଙ୍କ ନରମ ଆଭିମୁଖ୍ୟକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ଅସୁରକ୍ଷିତ ଥିବା ସାରା ରାଜ୍ୟରୁ ଅଭିଯୋଗ ଆସୁଛି। ହେଲେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ନିଦାବିଷ୍ଟୁ ସାଜିଛନ୍ତି। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ପରି ସମସ୍ତ ଅଭିଯୋଗ ମଧ୍ୟରୁ ଗୋଟିଏ ଅଭିଯୋଗର ସେ ପୋଷ୍ଟମୋର୍ଟମ କରିଛନ୍ତି। କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ବରଂ ରାଜଧାନୀର ଛାତି ଉପରେ ଥିବା ପ୍ରତିଷ୍ଠିତ ବିଜେବି କଲେଜରେ ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଓଡ଼ିଆ ଅଧ୍ୟାପକଙ୍କୁ ସରକାର କିପରି ଘୋଡ଼ାଇବାକୁ ପ୍ରୟାସ କରୁଛନ୍ତି, ସେ ତାହାର ପୋଲ୍ ଖୋଲିଛନ୍ତି। ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ଆରଡିଇ ତଦନ୍ତ କରିଥିଲେ। ଅଧ୍ୟାପକ ଜଣଙ୍କ ଛାତ୍ରୀଙ୍କୁ ବ୍ୟାଡ୍ ଟଚ କରିବା ସହ ଅଶ୍ଳୀଳ ଇଙ୍ଗିତ କରିବା, ଦ୍ୱିଅର୍ଥବୋଧକ ଶବ୍ଦ କହିବା, ଛାତ୍ରୀଙ୍କ ଅଙ୍ଗଭଙ୍ଗୀକୁ ଇଙ୍ଗିତ କରୁଥିବା ଅଭିଯୋଗର ସତ୍ୟତା ରହିଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବି ଉଚ୍ଚ ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

ହିଞ୍ଜିଳିରେ ଗର୍ଭବତୀ ମହିଳାଙ୍କୁ ହତ୍ୟା ଘଟଣା

# ଅସହାୟ ଶିଶୁକୁ ବିଜେଡିର ସହାୟତା



ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ହିଞ୍ଜିଳିର ଖରିଡ଼ାରେ ଗର୍ଭବତୀ ମହିଳା ହତ୍ୟା ଘଟଣାରେ ତାଙ୍କର ୩ ବର୍ଷର ଶିଶୁଙ୍କୁ ଆଜି ବିଜେଡି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଉକ୍ତ ଶିଶୁଟି ଏବେ ରହୁଥିବା ବ୍ରହ୍ମପୁରସ୍ଥିତ ଉତ୍କଳ ବାଳାଶ୍ରମରେ ପହଞ୍ଚି ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଶିଶୁ ନାମରେ ବ୍ୟାଙ୍କରେ ସ୍ଥାୟୀ ଜମା ଆକାରରେ ଏହି ଅର୍ଥ ରାଶି ରଖିବା ପାଇଁ ସେମାନେ ବାଳାଶ୍ରମ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳାଇ ଓ ସୁଲକ୍ଷଣା ଗୀତାଞ୍ଜଳି ଦେବୀ ରହିଥିଲେ।

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ମଦନମୋହନଙ୍କ ଜାମିନ ଆବେଦନ ଖାରଜ

କଟକ,୭।୫(ସଂଚାର ବ୍ୟୁରୋ): ବ୍ରହ୍ମପୁରର ପ୍ରତିଷ୍ଠିତ ଆଇନଜୀବୀ ତଥା ବିଜେଡି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ମଦନମୋହନ ଦଳାଇଙ୍କ ଅନ୍ତରୀଣ ଜାମିନ୍ ଆବେଦନକୁ ଆଜି ହାଇକୋର୍ଟ ଖାରଜ କରିଛନ୍ତି। ସ୍ୱାସ୍ଥ୍ୟାବସ୍ଥା କାରଣ ଦର୍ଶାଇ ଅଧିକ ଚିକିତ୍ସା ପାଇଁ ଏହି ଅନ୍ତରୀଣ ଜାମିନ୍ ପାଇଁ ଆବେଦନ କରାଯାଇଥିଲା। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ଏହି ଜାମିନ୍ ଆବେଦନକୁ ଖାରଜ କରିଦେଇଛନ୍ତି। ସୂଚନାନୁସାରେ, ବ୍ରହ୍ମପୁରର ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ମଦନମୋହନ ଗିରଫ ହୋଇଥିଲେ। ଜେଲ୍‌ରେ ଥିବା ସମୟରେ ତାଙ୍କ ଗୋଡ଼ରେ ଅପରେସନ୍ ପରେ ଥିବା ଏକ ରଡ୍ ବାହାର କରିବା ସକାଶେ ହାଇକୋର୍ଟରୁ ଅନ୍ତରୀଣ ଜାମିନ୍ ସକାଶେ ଆବେଦନ କରିଥିଲେ। କିନ୍ତୁ ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଆବେଦନକାରୀଙ୍କୁ ଏମ୍‌କେସିଜି ହସ୍ପିଟାଲରେ ଉପଯୁକ୍ତ ଚିକିତ୍ସା ସୁବିଧା ମିଳୁଛି। ଏକ ଡାକ୍ତରୀ ଟିମ୍ ମଧ୍ୟ ତାଙ୍କ ଚିକିତ୍ସା ସ୍ଥିତିର ଅନୁଧ୍ୟାନ କରିଛନ୍ତି। ତେଣୁ ଆବେଦନକାରୀଙ୍କୁ ବାହାରକୁ ଯାଇ ଚିକିତ୍ସା କରିବାର କୌଣସି ଆବଶ୍ୟକତା ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ସରକାରଙ୍କ ଏପରି ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଆବେଦନକାରୀ ମଦନମୋହନଙ୍କ ଅନ୍ତରୀଣ ଜାମିନ୍ ଆବେଦନକୁ ଖାରଜ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ପାର୍ଥ ସାରଥୀ ନାୟକ ମାମଲା ପରିଚାଳନା କରୁଥିଲେ।

# ବୈଶାଖୀ ମହୋତ୍ସବ ଅନୁଷ୍ଠିତ




ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡ଼ିଶା କଲଚର୍ ଆର୍ଟ ଏକାଡେମୀ ଓଡ଼ିଶା ପକ୍ଷରୁ ଜାତୀୟସ୍ତରୀୟ ଓଡ଼ିଶୀ ନୃତ୍ୟ ଓ ବୈଶାଖୀ ମହୋତ୍ସବ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି ଉତ୍ସବରେ ଆଇଏଏସ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦାଶରଥି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଓ ବାଗ୍ମୀ ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀ, ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହ ନିର୍ଦ୍ଦେଶକ ଅକ୍ଷୟ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରଶାନ୍ତ କୁମାର ସାମଲ, ଅବସର ପ୍ରାପ୍ତ ସୈନିକ ଅକ୍ଷୟ କୁମାର ନାଥ, ସଭାପତି ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡ଼ିଶାର ନଙ୍ଗୁଳି ବାବା, ବ୍ୟଙ୍ଗ କବି ସମ୍ପଦ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାତା ଓ ସଭାପତି ତଥା ଜାତୀୟ ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ବୈଶାଖୀ ମହୋତ୍ସବ ଓ ଦେବଦାସୀ କଥା ଉପରେ ଅଭିଭାଷଣ ରଖିଥିଲେ। ଓଡ଼ିଶାରୁ ୫୦ ଜଣ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ଦେବଦାସୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ୯୦ ଜଣଙ୍କୁ ଓଡ଼ିଶା ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ଭଜନ କ୍ୟାସେଟ୍ ଅତିଥିମାନେ ଉନ୍ମୋଚିତ ହୋଇଥିଲା। ଉପସ୍ଥାପନାରେ ଅନିଲ କୁମାର ବାରିକ, ସୁଶାନ୍ତ କୁମାର ପରିଡ଼ା କରିଥିବା ବେଳେ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ମୋନାଲିସା ମୁଦୁଲି, ବିଜୟ କେତନ ସାହୁ, କୈଳାଶ ଚନ୍ଦ୍ର ସାହୁ, ପ୍ରଭାତୀ ନାୟକ, ବବିନା ପଟ୍ଟନାୟକ, ଗାୟତ୍ରୀ ଗୀତାଞ୍ଜଳି ଦାସ ଏଥିରେ ସହଯୋଗ କରିଥିଲେ।

# ଜନଶୁଣାଣିରେ ଦାବି ଉପସ୍ଥାପନ କଲେ ଟିଜିଟି ଶିକ୍ଷକ




ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ରାଜ୍ୟର ମାଧ୍ୟମିକ ଟିଜିଟି (ପିସିଏମ୍, ସିବିଜେଡ୍, ଆର୍ଟ୍ସ) ଶିକ୍ଷକଶିକ୍ଷୟିତ୍ରୀ ଆନ୍ତଃ ଜିଲ୍ଲା ମ୍ୟୁଚୁଆଲ ବଦଳି ବ୍ୟବସ୍ଥାରେ ସଂଶୋଧନ ଦାବି କରି ଗଣଶିକ୍ଷା ବିଭାଗର ଜନଶୁଣାଣିରେ ସେମାନଙ୍କ ଅଭିଯୋଗ ଓ ଦାବି ଉପସ୍ଥାପନ କରିଛନ୍ତି। ଶିକ୍ଷକମାନଙ୍କ ଅଭିଯୋଗ ଅନୁସାରେ, ରାଜ୍ୟର ଅନ୍ୟାନ୍ୟ ରାଜ୍ୟ କ୍ୟାଡର କର୍ମଚାରୀ ସମଗ୍ର ଚାକିରି କାଳରେ ଏକାଧିକ ଥର ଆନ୍ତଃଜିଲ୍ଲା ମ୍ୟୁଚୁଆଲ ବଦଳିର ସୁବିଧା ପାଉଥିବା ବେଳେ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଟିଜିଟି ଶିକ୍ଷକମାନଙ୍କୁ କେବଳ ଗୋଟିଏ ଥର ଏହି ସୁବିଧା ଦିଆଯାଉଛି। ଫଳରେ ଅନେକ ଶିକ୍ଷକଶିକ୍ଷୟିତ୍ରୀ ମାନସିକ ଅଶାନ୍ତିରେ ରହୁଛନ୍ତି।

ମ୍ୟୁଚୁଆଲ ବଦଳି ହେଲେ ସ୍କୁଲ କିମ୍ବା ଜିଲ୍ଲା ସ୍ତରରେ କୌଣସି ପଦବୀର ଅଭାବ କିମ୍ବା ଅତିରିକ୍ତତା ସୃଷ୍ଟି ହୁଏ ନାହିଁ। ତଥାପି ଅନେକ ଶିକ୍ଷକ ଗତ ବର୍ଷ ବଦଳି ହୋଇଥିଲେ ମଧ୍ୟ ନିଜ ବୃଦ୍ଧ ଓ ଅସୁସ୍ଥ ପିତାମାତାଙ୍କ ଯତ୍ନ ପାଇଁ ନିଜ ଜିଲ୍ଲାକୁ ଫେରି ପାରି ନ ଥିବାରୁ ଅସୁବିଧାରେ ପଡୁଛନ୍ତି। ଏପରି ସ୍ଥିତିକୁ ଦୃଷ୍ଟିରେ ରଖି ୨୦୨୬-୨୭ ବର୍ଷର ଟ୍ରାନ୍ସଫର ଗାଇଡଲାଇନରେ ଟିଜିଟି ଶିକ୍ଷକମାନଙ୍କ ପାଇଁ ଦ୍ୱିତୀୟ ଥର ଆନ୍ତଃଜିଲ୍ଲା ମ୍ୟୁଚୁଆଲ ବଦଳି ସୁବିଧା ସ୍ପଷ୍ଟ ଭାବେ ପ୍ରଯୁଜ୍ୟ କରିବାକୁ ଶିକ୍ଷକମାନେ ଦାବି କରିଛନ୍ତି।

# କଂଗ୍ରେସର ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ



ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓଡ଼ିଶାକୁ ଏକ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହାକୁ ସାକାର କରିବା ପାଇଁ ଦଳର ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ଆଇନଜୀବୀ ମାନସ ମଲ୍ଲିକଙ୍କ ନେତୃତ୍ୱରେ ଗତ ୧୪ରୁ ପୁରୀ ଜିଲ୍ଲାର ସୁଆଣ୍ଡୋଠାରୁ ନିଶାମୁକ୍ତ ଜନଜାଗରଣ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଆଦି ଗସ୍ତ କରି ପ୍ରତ୍ୟେକ ଜନଗହଳି ସ୍ଥାନରେ ପଥପ୍ରାନ୍ତ ସଭା କରି ଜନସାଧାରଣଙ୍କୁ ସଚେତନ କରୁଛି। କିନ୍ତୁ ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ରୌଦ୍ରତାପ ଓ ଗରମ ପବନ ଯୋଗୁଁ ଏହି ଅଭିଯାନକୁ ପ୍ରଦେଶ କଂଗ୍ରେସ ସଭାପତିଙ୍କ ପରାମର୍ଶରେ ସାମୟିକ ଭାବେ ବନ୍ଦ କରାଯାଇଛି। ଗ୍ରୀଷ୍ମ ପ୍ରବାହ କମିଲେ ପୁଣି ଏହି ଅଭିଯାନ ବଳକା ଜିଲ୍ଲାମାନଙ୍କୁ ଗସ୍ତ କରିବ ବୋଲି ଆଇନଜୀବୀ ଶ୍ରୀ ମଲ୍ଲିକ ଆଜି କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଗତ ୨୨ ଦିନ ଧରି ଚାଲୁଥିବା ଏହି ଅଭିଯାନ ଶ୍ରୀଜଗନ୍ନାଥଙ୍କ ଭୂମିରୁ ଆରମ୍ଭ ହୋଇ ମା' ସମଲେଶ୍ୱରୀଙ୍କ ପୀଠ ସମ୍ବଲପୁରଠାରେ ସାମୟିକ ବିରାମ ନେଇଛି। ଏହି ଅଭିଯାନକୁ ସହଯୋଗ ଓ ସମର୍ଥନ କରିଥିବା ସବୁ ନେତା ଓ କର୍ମୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

● ରାଜଧାନୀ ଉପକଣ୍ଠରେ ଯୁବକଙ୍କୁ ପିଟି ପିଟି ମାରିଦେବା ଘଟଣା

# ରାଜ୍ୟରେ ଭୁଶୁଡ଼ିଗଲାଣି ଆଇନର ଶାସନ: ବିଜେଡି



**ଡବଲ ଇଞ୍ଜିନ ସରକାରରେ ପୁଲିସ୍ ଏତେ ଅସହାୟ କାହିଁକି ?**

ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ରାଜଧାନୀ ଉପକଣ୍ଠ ବାଲିଅନ୍ତା ରାମଚନ୍ଦ୍ରପୁର ବ୍ରିଜ ନିକଟରେ ପୁଲିସର ଉପସ୍ଥିତିକୁ ଭୃକ୍ଷେପ ନ କରି ପିଟି ପିଟି ଜଣେ ଯୁବକଙ୍କୁ ମାରିଦେବା ଘଟଣା ଦୁର୍ଭାଗ୍ୟଜନକ ଓ ରାଜ୍ୟରେ ଏବେ ଆଇନର ଶାସନ ଭୁଶୁଡ଼ି ପଡ଼ିଛି ବୋଲି ବିଜେଡି ଅଭିଯୋଗ କରିଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ ମହାନ୍ତି ଓ ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଗତ ସପ୍ତାହେ ମଧ୍ୟରେ ରାଜ୍ୟରେ ବୃଦ୍ଧି ପାଉଥିବା ଜଘନ୍ୟ ଅପରାଧ ଓ ହତ୍ୟାକାଣ୍ଡ ଆଗରୁ କେବେ ଦେଖିବାକୁ ମିଳି ନ ଥିଲା। ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟ ଗୃହ ବିଭାଗର ଅପାରଗତା ଲାଗି ଆଜି ଓଡ଼ିଶା ସାରା ଦେଶରେ ନିନ୍ଦିତ ହେଉଛି।

ଶ୍ରୀ ମହାନ୍ତି କହିଥିଲେ ଯେ ଶାନ୍ତିପ୍ରିୟ ଓଡ଼ିଶାରେ ପ୍ରତିଦିନ ଘଟୁଥିବା ହିଂସାକାଣ୍ଡ ପାଇଁ ରାଜ୍ୟବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ହିଞ୍ଜିଳିରେ ସ୍ପଷ୍ଟ ଦିବାଲୋକରେ ଜଣେ ଗର୍ଭବତୀ ମହିଳାଙ୍କୁ ହତ୍ୟା ଓ କଣାସରେ ଜଣେ ଯୁବକଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ସମସ୍ତଙ୍କୁ ବିଚଳିତ କରିଥିବା ବେଳେ ଆଜିର ଘଟଣା ପରେ ପୁଲିସ ପ୍ରଶାସନିକ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ତୁଟିଯାଇଛି।

ଶ୍ରୀ ପଣ୍ଡା କହିଥିଲେ ଯେ ପ୍ରଚାରସର୍ବସ୍ୱ ସରକାର ଆଇନର ଶାସନ ପ୍ରତି ସମ୍ପୂର୍ଣ୍ଣ ସମ୍ବେଦନହୀନ ହୋଇପଡ଼ିବାର ଫଳ ପ୍ରତିଦିନ ରାଜ୍ୟବାସୀ ଭୋଗୁଛନ୍ତି। ସରକାରଙ୍କ ଅପାରଗତା ଲାଗି ରାଜ୍ୟରେ ଉଦ୍‌ବେଗଜନକ ଭାବେ ହିଂସାକାଣ୍ଡ ବୃଦ୍ଧି ପାଉଛି। ବୀଭତ୍ସ ଘଟଣାମାନ ଘଟିଲା ପରେ ସରକାରଙ୍କ ନିଦ ଭାଙ୍ଗୁଛି ଏବଂ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହୁଛନ୍ତି। କିନ୍ତୁ ଅପରାଧ ନିରାକରଣ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଏଭଳି ପରିସ୍ଥିତି ଲାଗି ରହିଲେ ବ୍ୟବସ୍ଥା ଉପରୁ ଲୋକଙ୍କ ଭରସା ତୁଟିଯିବ।

# ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ, ୭।୫ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ୯ ତାରିଖ ଶନିବାର ପୂର୍ବାହ୍ଣ ୧୦ଟାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅବସରରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ଯଥା- ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକଦ୍ଦମାର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡିବନାହିଁ।

ମହାନଦୀ ସମ୍ପର୍କରେ ଯୁଗ୍ମ ବୈଷୟିକ କମିଟି ତଥ୍ୟ ବିଭ୍ରାନ୍ତିକର

# ଓଡ଼ିଶାର ସ୍ୱାର୍ଥ ଓ ମହାନଦୀର ନ୍ୟାୟ ସହ ସାଲିସ ଅଭିଯୋଗ

- ଆଲୋଚନା ପାଇଁ ସମୟ ମାଗିଲା ମହାନଦୀ ବଞ୍ଚାଅ ଅଭିଯାନ
- ସମୟ ନମିଳିଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ସତ୍ୟାଗ୍ରହ



ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ମହାନଦୀ ଟ୍ରିବ୍ୟୁନାଲ ନିକଟରେ ଓଡ଼ିଶା ଓ ଛତିଶଗଡ଼ ତରଫରୁ ସଂଗୃହୀତ ଜଳରାଶିକୁ ନେଇ ଗତ ୨ ତାରିଖରେ ଶୁଣାଣି ସମୟରେ ଯେଉଁ ତଥ୍ୟ ଉପସ୍ଥାପିତ ହୋଇଛି, ତାହା ବିଭ୍ରାନ୍ତିକର। ଏଥିରେ ଓଡ଼ିଶା ଓ ମହାନଦୀର ସ୍ୱାର୍ଥ ସହ ସାଲିସ କରାଯାଇଛି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ମହାନଦୀରେ ଜଳ ଉପଲବ୍ଧତା ସମ୍ପର୍କରେ ଯୁଗ୍ମ ବୈଷୟିକ କମିଟି ଟ୍ରିବ୍ୟୁନାଲରେ ଦେଇଥିବା ତଥ୍ୟ ଅନୁଯାୟୀ ସମଗ୍ର ମହାନଦୀର ବେସିନରେ ୬୨.୩୬ ମିଲିୟନ ଏକର ଫୁଟ, ଛତିଶଗଡ଼ ଓ ଓଡ଼ିଶା ସୀମାନ୍ତରେ ୨୮.୪୮, ହୀରାକୁଦ ନିକଟରେ ୩୨.୮୩ ଓ ନରାଜ ନିକଟରେ ୫୬.୨୯ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ। ଏହି ତଥ୍ୟ ଅନୁସାରେ ଓଡ଼ିଶାରେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ଼ ସହ ବିବାଦର କୌଣସି ଯଥାର୍ଥତା ନାହିଁ। ହେଲେ ବିଧାନସଭାରେ ଗତ ୨୦୨୫ ଅଗଷ୍ଟ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ଦେଇଥିବା ଉତ୍ତର ଅନୁଯାୟୀ, ଉପର ମୁଣ୍ଡରେ ୪୧ଟି ବୃହତ ଓ ମଧ୍ୟମ, ୧୮୭୪ଟି କ୍ଷୁଦ୍ର ଓ ଆହୁରି ଅନେକ ନଦୀ ଜଳ ପ୍ରକଳ୍ପ ନିର୍ମାଣ କରିଥିବାରୁ ଅଣମୌସୁମୀ ସମୟରେ ମହାନଦୀରେ ଜଳ ପ୍ରବାହ ହ୍ରାସ ପାଉଛି। ଏହି ତଥ୍ୟ ଓ ନିକଟରେ ଟ୍ରିବ୍ୟୁନାଲରେ ଦାଖଲ ହୋଇଥିବା ତଥ୍ୟ ଭିତରେ ତାଳମେଳ ନାହିଁ। ୨୦୨୫ରେ ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି, ଠିକ ସେହି କଥା ପୂର୍ବରୁ ୨୦୧୮-୧୯ରେ ରାଜ୍ୟ ପକ୍ଷରୁ ଟ୍ରିବ୍ୟୁନାଲରେ ତଥ୍ୟ ଦିଆଯାଇଥିଲା। ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଓ ସୁପ୍ରିମକୋର୍ଟରେ କହିଥିଲେ ଯେ ଅଣମୌସୁମୀ ସମୟରେ ଛତିଶଗଡ଼ ମହାନଦୀର ସମସ୍ତ ପାଣି ଅଟକାଇ ଦେଇଥିବାରୁ ଓଡ଼ିଶା ଜଳ ସଙ୍କଟର ସମ୍ମୁଖୀନ ହେଉଛି। ସେତେବେଳେ ଛତିଶଗଡ଼ ୨୭.୪୮ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ଦାବି କରିଥିଲା। ସେ ଦାବିକୁ ଓଡ଼ିଶା ଖଣ୍ଡନ କରି କହିଥିଲା ଯେ ଛତିଶଗଡ଼ରେ ମହାନଦୀ ଅବବାହିକାରେ ୨୭.୪୮ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ନାହିଁ। ଛତିଶଗଡ଼ରେ ପ୍ରକୃତରେ ୨୪.୨୭ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଓ ସେଥିରୁ ୧୦.୮୩ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ହକଦାର। ଏହି ତଥ୍ୟ ଥିଲା ବିବାଦର ମୂଳ କାରଣ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସକାଶେ ୨୦ ସୁଦ୍ଧା ସୁଯୋଗ ନ ମିଳିଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯିବ।

● ଚିଲିକା କୂଳ ଗାଁରେ ରାତି କାଟିପାରିବେ ପର୍ଯ୍ୟଟକ

# ୧୫ ହୋମ୍ ଷ୍ଟେ ପ୍ରକଳ୍ପ ପାଇଁ ନିର୍ଦ୍ଦେଶ



ପୁରୀ,୭।୫(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ୍‌ର ଦୁଇଟି ପଞ୍ଚାୟତ ସାତପଡ଼ା ଓ ପିରିଜିପୁରରେ ପର୍ଯ୍ୟଟକଙ୍କ ସକାଶେ ତିଆରି ହେବ ହୋମ ଷ୍ଟେ' ବ୍ୟବସ୍ଥା। ଓଡ଼ିଶା ହୋମ ଷ୍ଟେ ଏଷ୍ଟାବ୍ଲିସମେଣ୍ଟ ସ୍କିମ୍-୨୦୨୫ ଅନ୍ତର୍ଗତ ପ୍ରଥମ ଦଫାରେ ଦିଆଯାଇଥିବା ଲକ୍ଷ୍ୟ ପୂରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଚିଠି ଲେଖି ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଏହି ଲକ୍ଷ୍ୟକୁ ସଫଳ କରିବା ଓ ଆନୁଷଙ୍ଗିକ ସହଯୋଗ ଦେବା ସକାଶେ ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ସାତପଡ଼ା ଓ ପିରିଜିପୁର ପଞ୍ଚାୟତରେ ୧୫ଟି ହୋମ୍ ଷ୍ଟେ ପ୍ରକଳ୍ପ ତିଆରି ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ସାତପଡ଼ାଠାରୁ ପିରିଜିପୁରର ଦୂରତା ପ୍ରାୟ ୪ କିମି। ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ସହଯୋଗ ଦେଇ ପର୍ଯ୍ୟଟନ ବିଭାଗ ରାଜ୍ୟର ୧୯ ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋମ ଷ୍ଟେ' ପ୍ରକଳ୍ପ କରିବା ସକାଶେ ପ୍ରାଥମିକ ପଦକ୍ଷେପ ନେଇଛି। ଏଥିରେ ପୁରୀ ବି ରହିଛି। ପୁରୀ ପର୍ଯ୍ୟଟକମାନଙ୍କ ପାଇଁ ସବୁବେଳେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଆସିଛି। ପୁରୀ ଜିଲ୍ଲାର କୋଣାର୍କ ଓ ସାତପଡ଼ା ସହ ଚିଲିକା ସବୁବେଳେ ପର୍ଯ୍ୟଟକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଆସିଛି। ନୀଳାମ୍ବୁ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବା ସକାଶେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ୁଥିବା ବେଳେ ଏହାକୁ ଆହୁରି ସୁଖଦ କରିବା ସକାଶେ ସରକାର ଉଦ୍ୟମ କରୁଛନ୍ତି। ଏଠାରେ ବୁଲାବୁଲି କରିବା ସହ ପର୍ଯ୍ୟଟକମାନଙ୍କ ସକାଶେ ରାତି କାଟିବା ନିମନ୍ତେ ହୋମ ଷ୍ଟେ' ବ୍ୟବସ୍ଥା କରାଯିବ। ଏଠାରେ ସ୍ଥାନୀୟ ଅଞ୍ଚଳର ଖାଦ୍ୟପେୟର ଆନନ୍ଦ ନେବା, ନିକଟସ୍ଥ ଦର୍ଶନୀୟ ସ୍ଥାନ ବୁଲିବା, ସ୍ଥାନୀୟ ଅଞ୍ଚଳର ଲୋକକଳାର ଅନୁଭୂତି ନେବା ଆଦି ପର୍ଯ୍ୟଟକଙ୍କ ସକାଶେ ଗୋଟିଏ ଛାତ ତଳେ ଉପଲବ୍ଧ କରିବାର ଲକ୍ଷ୍ୟ ରହିଛି। ଏଠାରେ ଅତ୍ୟାଧୁନିକ ସେବା ସହ ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେବା ସକାଶେ ଉଦ୍ୟମ ହେଉଥିବା ବେଳେ ଏପରି ବ୍ୟବସ୍ଥା ସ୍ଥାନୀୟ ଅଞ୍ଚଳ ସମେତ ଦେଶର ଅର୍ଥନୀତି ବିକାଶରେ ସହଯୋଗ କରିବ ବୋଲି ସରକାର ଆଶା ରଖିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୮ ମେ ୨୦୨୬, ଭୁବନେଶ୍ୱର

Friday 8 May 2026, Bhubaneswar


# ନିର୍ବାଚନରେ ଦୁର୍ନୀତି ଏକ ଅବିଚ୍ଛେଦ୍ୟ ଅଙ୍ଗ

ଗଣତନ୍ତ୍ରର ମୂଳ ସ୍ତମ୍ଭ ହେଉଛି ନିର୍ବାଚନ। ଭାରତ ବିଶ୍ୱର ସର୍ବବୃହତ୍ତମ ଗଣତନ୍ତ୍ର ଭାବରେ ପରିଚିତ, ଯେଉଁଠିରେ ହଜାର ହଜାର କୋଟି ଭୋଟର ନିଜର ପ୍ରତିନିଧି ବାଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଆଜି ଏହି ନିର୍ବାଚନ ପ୍ରକ୍ରିୟାରେ ଦୁର୍ନୀତି ଏକ ଅବିଚ୍ଛେଦ୍ୟ ଅଂଶ ହୋଇଛି। ଅର୍ଥବଳ, ବାହୁବଳ, ଭୋଟ କ୍ରୟ ଏବଂ ଅନ୍ୟାନ୍ୟ ଅନୈତିକ ପଦ୍ଧତି ଏତେ ଗଭୀରଭାବେ ପ୍ରବେଶ କରିଛି ଯେ, ସଚ୍ଚୋଟ ଗଣତନ୍ତ୍ର ଏବଂ ଜନପ୍ରତିନିଧିତ୍ୱର ଆଦର୍ଶ କ୍ଷୁଣ୍ଣ ହେଉଛି। ଏହା କେବଳ ରାଜନୈତିକ ସମସ୍ୟା ନୁହେଁ, ବରଂ ଏକ ଜାତୀୟ ସଙ୍କଟ।

ନିର୍ବାଚନରେ ଦୁର୍ନୀତିର ସର୍ବପ୍ରଥମ ରୂପ ହେଉଛି ଅତ୍ୟଧିକ ଖର୍ଚ୍ଚ। ୨୦୨୪ ଲୋକସଭା ନିର୍ବାଚନକୁ ଦେଶର ଇତିହାସରେ ଖର୍ଚ୍ଚ ବହୁଳ ବୋଲି କୁହାଯାଉଛି। ଗତ ସାଧାରଣ ନିର୍ବାଚନରେ ବିଭିନ୍ନ ଉପାୟରେ ପ୍ରାୟ ୧.୩୫ ଲକ୍ଷ କୋଟି ଟପିଛି ବୋଲି ଅନୁମାନ କରାଯାଉଛି। ଜଣେ ଲୋକସଭା ପ୍ରାର୍ଥୀର ଔପଚାରିକ ଖର୍ଚ୍ଚ ସୀମା ପ୍ରାୟ ୯୫ ଲକ୍ଷ ଥିବା ସତ୍ତ୍ୱେ ପ୍ରକୃତ ଖର୍ଚ୍ଚ ଏହାଠାରୁ ଢେର ଅଧିକ। ମିଡ଼ିଆ ପ୍ରଚାର, ରାଲି, ଭୋଟରଙ୍କୁ ପ୍ରଭାବିତ କରିବା ଆଦି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହି ଟଙ୍କାର ଉତ୍ସ ଅଧିକାଂଶ କ୍ଷେତ୍ରରେ କଳା ଟଙ୍କା ବା ଅବୈଧ ଆୟ ହୋଇଥାଏ। ନିର୍ବାଚନ ପରେ ବିଜୟୀ ପ୍ରାର୍ଥୀ ଏହି ଖର୍ଚ୍ଚ ଭରଣା ପାଇଁ କ୍ଷମତାର ଅପବ୍ୟବହାର କରନ୍ତି, ଯାହା ଦୁର୍ନୀତିର ଏକ ଚକ୍ର ସୃଷ୍ଟି କରୁଛି।

ଭୋଟ କ୍ରୟ ଦୁର୍ନୀତିର ଅନ୍ୟ ଏକ ମାଧ୍ୟମ। ନିର୍ବାଚନ କମିଶନ ଏବଂ ଅନ୍ୟାନ୍ୟ ସଂସ୍ଥାର ତଥ୍ୟ ଅନୁସାରେ, ଅନେକ ରାଜ୍ୟରେ ନଗଦ ଟଙ୍କା, ମଦ, ମୂଲ୍ୟବାନ ଧାତୁ ଏବଂ ଅନ୍ୟାନ୍ୟ ପ୍ରଲୋଭନ ବଣ୍ଟା ଯାଇଥାଏ। ୨୦୨୪ ନିର୍ବାଚନ ପୂର୍ବରୁ ରେକର୍ଡ ପରିମାଣର ଲାଞ୍ଚ (ପ୍ରାୟ ୫୫୦ ମିଲିୟନ ଡଲାର) ଜବତ ହୋଇଥିଲା, ଯାହା ପୂର୍ବ ନିର୍ବାଚନଠାରୁ ବହୁତ ଅଧିକ। ଗରିବ ଏବଂ ସାଧାରଣ ଭୋଟରଙ୍କୁ ଟଙ୍କା ଦେଇ ପ୍ରଭାବିତ କରାଯାଉଛି। ଏହା କେବଳ ଭୋଟରଙ୍କ ଅଧିକାରକୁ ହରଣ କରେ ନାହିଁ, ବରଂ ଯୋଗ୍ୟ ପ୍ରାର୍ଥୀଙ୍କ ପରାଜୟ ନିଶ୍ଚିତ କରେ। ଏକ ଅଧ୍ୟୟନ ଅନୁସାରେ, ଗତ ୧୫-୨୦ ବର୍ଷରେ ଅନ୍ତତଃ ଏକ ପଞ୍ଚମାଂଶ ଭୋଟର ନଗଦ ପାଇ ଭୋଟ ଦେଇଛନ୍ତି।

ତୃତୀୟ ଏକ ଭୟଙ୍କର ରୂପ ହେଉଛି ଅପରାଧୀକରଣ।



ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର)ର ତଥ୍ୟ ଅନୁସାରେ, ୨୦୨୪ ଲୋକସଭାର ୪୬% ସାଂସଦଙ୍କ ବିରୋଧରେ ଅପରାଧିକ ମାମଲା ରହିଛି, ଯେଉଁଥିରେ ୩୧% ଗୁରୁତର ଅପରାଧ। ଏହି ଅପରାଧୀ ପୃଷ୍ଠଭୂମି ଥିବା ବ୍ୟକ୍ତିମାନେ ବାହୁବଳ ବ୍ୟବହାର କରି ବିରୋଧୀଙ୍କୁ ଭୟଭୀତ କରନ୍ତି ଏବଂ ନିର୍ବାଚନ ଜିତନ୍ତି। ଏହା ଫଳରେ ବିଧାନସଭା ଏବଂ ସଂସଦ ଅପରାଧୀଙ୍କ ଆଡ୍ଡା ହେଉଛି। ଦୁର୍ନୀତି ଏବଂ ଅପରାଧର ଏହି ମିଶ୍ରଣ ଶାସନକୁ ଦୁର୍ବଳ କରୁଛି ଏବଂ ଜନସାଧାରଣଙ୍କ ବିଶ୍ୱାସ ହରାଉଛି।

ନିର୍ବାଚନ ବଣ୍ଡନ ଯୋଜନା ଭଳି ପଦକ୍ଷେପ ମଧ୍ୟ ବିବାଦୀୟ ହୋଇଥିଲା। ସୁପ୍ରିମ କୋର୍ଟ ଏହାକୁ ଅସମ୍ବିଧାନିକ ଘୋଷଣା କରିଥିଲେ, କାରଣ ଏହା କର୍ପୋରେଟ ଏବଂ ରାଜନୈତିକ ଦଳ ମଧ୍ୟରେ ଦେବା-ନେବାର ସମ୍ପର୍କକୁ ପ୍ରୋତ୍ସାହିତ କରୁଥିଲା। ଏହା ପ୍ରମାଣ କରୁଛି ଯେ, ରାଜନୈତିକ ଆର୍ଥିକ ସ୍ୱଚ୍ଛତା ଏବେ ମଧ୍ୟ ଏକ ସ୍ୱପ୍ନ ରହି ଯାଇଛି।

ଏହି ଦୁର୍ନୀତିର ପରିଣାମ ଅତ୍ୟନ୍ତ ଭୟଙ୍କର। ଯୋଗ୍ୟ ଏବଂ ଉପଯୁକ୍ତ ନେତାମାନେ ରାଜନୀତିରୁ ଦୂରେଇ ଯାଉଛନ୍ତି। ଗରିବ ଏବଂ ଦୁର୍ବଳ ବର୍ଗର ସ୍ୱର ଦବି ଯାଉଛି। ଉନ୍ନୟନ ଏବଂ କଲ୍ୟାଣମୂଳକ କାର୍ଯ୍ୟ ପଛକୁ ପଡ଼ିଯାଉଛି, କାରଣ ନେତାମାନେ କ୍ଷମତା ଆସିବା ପରେ କେବଳ ନିଜର ଖର୍ଚ୍ଚ ପୁରଣ କରିବାରେ ବ୍ୟସ୍ତ ରହନ୍ତି। ଫଳରେ ଦେଶର ପ୍ରଗତି ବାଧାପ୍ରାପ୍ତ ହୁଏ ଏବଂ ଜନସାଧାରଣର ବିଶ୍ୱାସ ଭାଙ୍ଗିଯାଏ।

ଏହି ସଙ୍କଟର ସମାଧାନ ପାଇଁ ଜରୁରୀ ପଦକ୍ଷେପ ଆବଶ୍ୟକ। ପ୍ରଥମତଃ, ନିର୍ବାଚନ ଖର୍ଚ୍ଚର ସ୍ୱଚ୍ଛ ନିରୀକ୍ଷଣ ଏବଂ କଠୋର ସୀମା ଲାଗୁ କରିବା ଦରକାର। ରାଜନୈତିକ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ନିଶ୍ଚିତ କରିବାକୁ ପଡ଼ିବ। ଦ୍ୱିତୀୟତଃ, ଅପରାଧୀ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରୁଥିବା କଠୋର ଆଇନ ପ୍ରଣୟନ କରାଯାଉ। ତୃତୀୟତଃ, ଭୋଟର ଶିକ୍ଷା ଏବଂ ସଚେତନତା ଅଭିଯାନ ଜରିଆରେ ଲୋକଙ୍କୁ ପ୍ରଲୋଭନରୁ ଦୂରେଇ ରଖିବାକୁ ପଡ଼ିବ। ନିର୍ବାଚନ କମିଶନର କ୍ଷମତା ବୃଦ୍ଧି ଏବଂ ଡିଜିଟାଲ ସ୍ୱଚ୍ଛତା ମଧ୍ୟ ସହାୟକ ହେବ। ଦୁର୍ନୀତିମୁକ୍ତ ନିର୍ବାଚନ ବିନା ସ୍ୱଚ୍ଛ ଗଣତନ୍ତ୍ର ସମ୍ଭବ ନୁହେଁ। ଏହା କେବଳ ସରକାର ଏବଂ ନିର୍ବାଚନ କମିଶନର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକର ମଧ୍ୟ ଦାୟିତ୍ୱ। ଯଦି ଆମେ ଆଜି ଏହି ଚକ୍ରକୁ ଭାଙ୍ଗିବାକୁ ପଦକ୍ଷେପ ନ ନେବୁ, ତେବେ ଆଗାମୀ ପିଢ଼ି ଏକ ଦୁର୍ବଳ ଏବଂ ଅସ୍ଥିର ଗଣତନ୍ତ୍ର ପାଇବ।

# ଅବାଧ୍ୟ ମମତା



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ (ଟିଏମସି)ର ଶୋଚନୀୟ ପରାଜୟ ପରେ ମମତା ବାନାର୍ଜୀଙ୍କ ପ୍ରଥମ ସାମ୍ବାଦିକ ସମ୍ମିଳନୀ ୨୦୨୦ରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଡୋନାଲଡ ଟ୍ରମ୍ପଙ୍କ ପରାଜୟ ପରି ମୂହୁର୍ତ୍ତକୁ ସ୍ମରଣ କରାଇଦେଇଛି। କ୍ରମାଗତ ଦ୍ୱିତୀୟ ଥର ରାଷ୍ଟ୍ରପତି ପଦ ପାଇଁ ଲଢୁଥିବା ଟ୍ରମ୍ପ ପରାଜିତ ହେବା ପରେ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ଯାହାକି ଆମେରିକାର ୪୦୦ବର୍ଷର ଗଣତାନ୍ତ୍ରୀକ ଇତିହାସରେ ପ୍ରଥମ ଘଟଣା ଥିଲା। ବିଧାନସଭା ନିର୍ବାଚନରେ ସେ ନିଜେ ଏବଂ ତାଙ୍କ ନେତୃତ୍ୱାଧୀନ ଦଳର ଶୋଚନୀୟ ପରାଜୟ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ମନା କରିଦେବା



ସହ ପରାଜୟକୁ ଗ୍ରହଣ କରି ନାହାଁନ୍ତି। ନିର୍ବାଚନରେ ତାଙ୍କ ଦଳ ପରାଜିତ ହୋଇନାହିଁ। କେନ୍ଦ୍ର ସରକାରଙ୍କ ଷଡଯନ୍ତ୍ର ଓ ନିର୍ବାଚନ କମିଶନଙ୍କ ପକ୍ଷପାତିତା ଦଳ ଓ ତାଙ୍କ ଠାରୁ ବିଜୟ ଲୁଟି ନେଇଥିବା ଅଭିଯୋଗ କରିଛନ୍ତି। ବିଜେପିର ବିଜୟକୁ ସେ ଅନୈତିକ ବୋଲି ଦର୍ଶାଇବା ସହ ତାଙ୍କ ଦଳର ନୈତିକ ବିଜୟ ଘଟିଛି ବୋଲି କହିଛନ୍ତି। ଲୋକ ଭବନକୁ ଯାଇ ଇସ୍ତଫା ଦେବାର ପ୍ରଶ୍ନ ଉଠୁ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଯଦି ସୁଶ୍ରୀ ବାନାର୍ଜୀ ନିଜ ଯୋଜନାରେ ଅଟଳ ରୁହନ୍ତି, ତେବେ ଏହା କେବଳ ଏକ ଅଦ୍‌ଭୁତପୂର୍ବ ଓ ଲଜ୍ୟାଜନକ ପରିସ୍ଥିତି ସୃଷ୍ଟି କରିବ ନାହିଁ, ଦେଶର ଗଣତାନ୍ତ୍ରୀକ ଇତିହାସରେ ପ୍ରଥମ ଘଟଣା ହେବ। କାରଣ ସ୍ୱାଧୀନ ଭାରତରେ ନିର୍ବାଚନ ବିପର୍ଯ୍ୟାୟ ପରେ କୌଣସି ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ମନା କରିନାହାଁନ୍ତି। ଅବଶ୍ୟ ଏଭଳି ସାମ୍ବିଧାନିକ ଅଚଳ ଅବସ୍ଥାରୁ ସମାଧାନ ପାଇଁ ବହୁ ପନ୍ଥା ରହିଛି। ଉଦାହରଣ ସ୍ୱରୁପ ବିଦାୟୀ ଏବଂ ନବାଗତ ସରକାର ମଧ୍ୟରେ କ୍ଷମତା ହସ୍ତାନ୍ତର ପାଇଁ ଯଦି ପରିସ୍ଥିତି ଉପୁଜେ ତେବେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ରାଜ୍ୟପାଳ କାମଚଳା ପ୍ରଶାସକର ଭୂମିକା ଗ୍ରହଣ କରିପାରିବେ। ଆହୁରି ମଧ୍ୟ ରାଜ୍ୟପାଳ ଅବାଧ ମୁଖ୍ୟମନ୍ତ୍ରୀଙ୍କ ବରଖାସ୍ତ କରି ପାରନ୍ତି। ମଇ ୭ ତାରିଖ ଗୁରୁବାର ଦିନ ରାଜ୍ୟ ବିଧାନସଭାର ଚଳିତ ପାଞ୍ଚ ବର୍ଷିଆ କାର୍ଯ୍ୟକାଳ ପୁରିଯାଉଥିବାରୁ ରାଜ୍ୟପାଳ ବିଧାନସଭାକୁ ଭଙ୍ଗ କରିବା ସମ୍ଭାବନା ରହିଛି କିନ୍ତୁ ଏହା ଏକ ପ୍ରସଙ୍ଗ ନୁହେଁ। ଯଦି ସୁଶ୍ରୀ ନିଜର ନିଷ୍ପତି କାର୍ଯ୍ୟକାରୀ କରନ୍ତି, ତେବେ ଏହା ଏକ ଅଭାବନୀୟ ଉଦାହରଣ ହେବ। ଯଦି ଭବିଷ୍ୟତରେ ଜଣେ ମୁଖ୍ୟମନ୍ତ୍ରୀ ନିର୍ବାଚନ ହାରିବା ପରେ ଇସ୍ତଫା ଦେବାକୁ ମନା କରନ୍ତି, ତେବେ ଏହା କେବଳ ରାଜନୈତିକ ତିକ୍ତତା ବଢ଼ାଇବ ନାହିଁ, ନିର୍ବାଚନ ଉପରୁ ଜନସାଧାରଣଙ୍କ ଆସ୍ଥା କ୍ଷୁର୍ଣ୍ଣ କରିବ। ଯାହାକି ଗଣତନ୍ତ୍ର ପାଇଁ ଏକ ବିପର୍ଯ୍ୟାୟ ହେବ, ଏଥିରେ ସନ୍ଦେହ ନାହିଁ। ଏହା ନିସନ୍ଦେହ ଯେ, ସୁଶ୍ରୀ ବାନାର୍ଜୀ ଗଣମାଧ୍ୟମରେ ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥା ଅମାନ୍ୟ କରିବା ଘୋଷଣା କେବଳ ତାଙ୍କର ପାଗଳାମିର ପରିଚୟ ଦେଇନାହିଁ, ଜଣେ ଲଢୁଆ ନେତ୍ରୀ ଭାବେ ତାଙ୍କର ଥିବା ଯଶ, ଭାବମୂର୍ତ୍ତୀକୁ କ୍ଷୁର୍ଣ୍ଣ କରିଛି। ଏହା ମନେ ରଖିବାକୁ ହେବ ଯେ, ଜଣେ ନିର୍ଭିକ ନେତ୍ରୀ ଭାବେ ଦେଶରେ ସେ ଜଣାଶୁଣା। ଆହୁରି ମଧ୍ୟ ତଳସ୍ତରରେ ତୃଣମୂଳ କଂଗ୍ରେସର କର୍ମୀମାନେ ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ଅସନ୍ତୋଷର ଶୀକାର ହୋଇପାରନ୍ତି ଏବଂ ରାଜନୈତିକ ହିଂସାକାଣ୍ଡ ସୃଷ୍ଟିର କାରଣ ହେବ। ଏବେ ପଶ୍ଚିମବଙ୍ଗରେ ନିର୍ବାଚନ ପର ହିଂସାକାଣ୍ଡ ଏବଂ ପୋଡାଜଳାରେ ୪ଜଣଙ୍କର ମୃତ୍ୟୁ ଘଟିଲାଣି। କେତେକ ଆହତ ହୋଇଥିବା କୁହାଯାଇଛି। ଅନ୍ୟପକ୍ଷରେ ନିର୍ବାଚନ କମିଶନଙ୍କ ପକ୍ଷପାତିତା ଏବଂ ଭୋଟ ଚୋରୀ ନେଇ ମମତାଙ୍କ ନେତୃତ୍ୱରେ ବିରୋଧି ଦଳଗୁଡିକ ଦେଶରେ ଜନମତ ଜାଗ୍ରତ କରାଇବା ସମ୍ଭାବନା ଦେଖାଦେଇଛି। ତେବେ ଏହି ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ବିରୋଧି ଦଳଗୁଡିକ କୌଣସି ଅକାଟ୍ୟ ସାକ୍ଷ୍ୟ ପ୍ରମାଣ ଉପସ୍ଥାପିତ କରିପାରିନାହାଁନ୍ତି। କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଲକ୍ଷ ଲକ୍ଷ ଭୋଟଦାତାଙ୍କୁ ନାଗରିକ ଅଧିକାରରୁ ବଞ୍ଚିତ କରିଥିବା ବିବାଦୀୟ ଏସଆଇଆର କଳାବାଦଲ ମଧ୍ୟରେ ପଶ୍ଚିମବଙ୍ଗରେ ଭୋଟ ଗ୍ରହଣ ହୋଇଛି। ଏହା ସତ୍ତ୍ୱେ ମମତା ବାନାର୍ଜୀଙ୍କ ଶାସନ ବିରୁଦ୍ଧରେ ସରକାର ବିରୋଧି ହାୱା ଥିବା ନେଇ କୌଣସି ସନ୍ଦେହ ନାହିଁ। ଯେଉଁ ସବୁ ଆସନରେ ଭୋଟଦାତା ବାଦ୍ ପଡ଼ିଛନ୍ତି, ସେଠାରେ ବିଜେପି ଉତମ ଫଳ ପ୍ରଦ୍ରର୍ଶନ କରିଥିବା ନିର୍ବାଚନ ଫଳାଫଳ ସଂକେତ ଦିଏ। କିନ୍ତୁ ନିର୍ବାଚନ ପବିତ୍ରତାକୁ ଦୂଷିତ କରିବାର ଅଧିକାର କାହାର ନାହିଁ। ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ସମ୍ମାନ ଜଣାଇ ସୁଶ୍ରୀ ବାନାର୍ଜୀ ଅବିଳମ୍ବେ ନିଜ ପଦରୁ ଇସ୍ତଫା ଦେବା ଜରୁରୀ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯


# ଆଭାସୀ ଦୁନିଆରେ ବନ୍ଦୀ ଶୈଶବ



ସୁବ୍ରତ କୁମାର ଦାସ

ଆଜିର ଡିଜିଟାଲ୍ ଯୁଗରେ ମୋବାଇଲ୍ ଫୋନ୍ ମଣିଷ ଜୀବନର ଏକ ଅଂଗୀଭୂତ ଅଂଶ ହୋଇପଡ଼ିଛି। ଶିକ୍ଷା, ସୂଚନା, ମନୋରଞ୍ଜନ ଓ ଯୋଗାଯୋଗ ପାଇଁ ମୋବାଇଲ୍ ର ଭୂମିକା ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଏହି ଆଧୁନିକ ଯନ୍ତ୍ରର ଅତ୍ୟଧିକ ବ୍ୟବହାର, ବିଶେଷକରି ମୋବାଇଲ୍ ଗେମିଂ ପ୍ରତି ଶିଶୁମାନଙ୍କ ଆସକ୍ତି, ଆଜି ସମାଜ ପାଇଁ ଗୁରୁତର ଚିନ୍ତାର ବିଷୟ ହୋଇଉଠିଛି। ଯାହା ଦିନେ ଏକ ସାଧାରଣ ମନୋରଞ୍ଜନ ଥିଲା, ତାହା ଏବେ ଧୀରେ ଧୀରେ ନିଶାର ରୂପ ନେଇ ଶିଶୁମାନଙ୍କ ଭବିଷ୍ୟତକୁ ଅନ୍ଧକାର ଦିଗକୁ ଠେଲି ଦେଉଛି।

ବର୍ତ୍ତମାନ ସମୟରେ ଅନେକ ଶିଶୁ ଓ କିଶୋର ଘଣ୍ଟା ଘଣ୍ଟା ଧରି ମୋବାଇଲ୍ ଗେମ୍ ଖେଳିବାରେ ମଗ୍ନ ରହୁଛନ୍ତି। ଶିକ୍ଷା, ଖେଳକୁଦ, ପରିବାର ସହ ସମୟ ବିତାଇବା, ସୃଜନଶୀଳ କାର୍ଯ୍ୟ ଭଳି ଦୈନନ୍ଦିନ ଆବଶ୍ୟକ କାର୍ଯ୍ୟ ଠାରୁ ଶିଶୁ ଦୂରେଇ ଯାଉଛନ୍ତି। ମୋବାଇଲ୍ ଗେମ୍ ରେ ଜିତିବାର ଉତ୍ସାହ, ନୂଆ ଲୋଭ ର ଆକର୍ଷଣ ଓ ଆଭାସୀ ଦୁନିଆର ମୋହ ସେମାନଙ୍କୁ ବାସ୍ତବ ଜୀବନରୁ ଅଲଗା କରି ଦେଉଛି। ଧୀରେ ଧୀରେ ସେମାନେ ଚିଡ଼ିଚିଡା, ଅସହିଷ୍ଣୁ ଓ ଏକାକୀ ସ୍ୱଭାବର ହୋଇ ପଡୁଛନ୍ତି।

ଏହାର ସବୁଠୁ ବଡ଼ କାରଣ ହେଉଛି ପରିବାରର ଅସଚେତନତା। ଅନେକ ଅଭିଭାବକ ସନ୍ତାନଙ୍କୁ ଖୁସି କରିବା ପାଇଁ ଛୋଟ ବୟସରୁ ମୋବାଇଲ୍ ହାତରେ ଦେଇ ଦେଉଛନ୍ତି। ପିଲା କାନ୍ଦିଲେ କିମ୍ବା ଜିଦ୍ କଲେ ମୋବାଇଲ୍ ଦେଇ ଚୁପ୍ କରାଇବା ଆଜି ଏକ ସାଧାରଣ ଅଭ୍ୟାସ ହୋଇଗଲାଣି। କିନ୍ତୁ ଏହି ଛୋଟ ଅବହେଳା ଭବିଷ୍ୟତରେ ବଡ଼ ସମସ୍ୟାର ରୂପ ନେଉଛି। ଅତ୍ୟଧିକ ସ୍ନେହ ଓ ନିୟନ୍ତ୍ରଣହୀନ ସ୍ୱାଧୀନତା ଶିଶୁମାନଙ୍କୁ ଶୃଙ୍ଖଳାହୀନ କରିଦେଉଛି। ପିଲା କଣ କରୁଛି, କାହା ସହ ଯୋଗାଯୋଗ ରଖୁଛି, କେଉଁ ଗେମ୍ ଖେଳୁଛି, କେତେ ସମୟ ମୋବାଇଲ୍ ବ୍ୟବହାର କରୁଛି—ଏସବୁ ପ୍ରତି ଅନେକ ପରିବାର ଯଥେଷ୍ଟ ଧ୍ୟାନ ଦେଉନାହାନ୍ତି।

ମୋବାଇଲ୍ ଗେମିଂ କେବଳ ସମୟ ନଷ୍ଟ କରୁନାହିଁ, ଏହା ମାନସିକ ଓ ସାମାଜିକ ସମସ୍ୟାକୁ ମଧ୍ୟ ବଢ଼ାଇ ଦେଉଛି। ଅନେକ ଅନଲାଇନ୍ ଗେମ୍ ଆଜି ଜୁଆ ଖେଳର ରୂପ ନେଇଛି। ଛୋଟ ପିଲାମାନେ ଟଙ୍କା ଲଗାଇ ଗେମ୍ ଖେଳୁଛନ୍ତି ଏବଂ ହାରିଗଲେ ମାନସିକ ଚାପରେ ଭାଙ୍ଗି ପଡୁଛନ୍ତି। କେତେକ ଶିଶୁ ମୋବାଇଲ୍ ଗେମ୍ ପାଇଁ ଘରୁ ଟଙ୍କା ଚୋରି କରୁଛନ୍ତି, ମିଥ୍ୟା କହୁଛନ୍ତି କିମ୍ବା ଭୁଲ୍ ସଙ୍ଗତିରେ ପଡୁଛନ୍ତି। ଯେତେବେଳେ ପରିବାର ସେମାନଙ୍କୁ ବାଧା ଦେଉଛି, ସେମାନେ ରାଗ, ହତାଶା ଓ ମାନସିକ ଅବସାଦ ଭୋଗୁଛନ୍ତି। କେତେକ ଘଟଣାରେ ଘର ଛାଡ଼ି ପଳାଇଯିବା, ଲୁଚି ରହିବା, ଆତ୍ମହତ୍ୟାର ଧମକ ଦେବା ଭଳି ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଏହା ସମାଜ ପାଇଁ ନିଶ୍ଚୟ ଏକ ଭୟଙ୍କର ସତର୍କ ସଙ୍କେତ।

ମୋବାଇଲ୍ ଗେମିଂର ଅନ୍ୟତମ କୁପ୍ରଭାବ ହେଉଛି ଅପରାଧ ପ୍ରବୃତ୍ତିର ବୃଦ୍ଧି। ହିଂସାତ୍ମକ ଗେମ୍ ଖେଳିବା ଦ୍ୱାରା ଶିଶୁମାନଙ୍କ ମନରେ କ୍ରୋଧ, ଆକ୍ରମଣାତ୍ମକ ବ୍ୟବହାର ଓ ଅସହିଷ୍ଣୁତା ବଢୁଛି। ଅନେକ ସମୟରେ ସେମାନେ ଅପରାଧିକ ପ୍ରବୃତ୍ତିର ଲୋକଙ୍କ ସହ ଯୋଡ଼ି ହୋଇଯାଉଛନ୍ତି। ଅନଲାଇନ୍ ଚ୍ୟାଟିଂ ଓ ଅଜଣା ଲୋକଙ୍କ ସହ ସମ୍ପର୍କ ସେମାନଙ୍କୁ ବିପଥଗାମୀ କରୁଛି। ତେଣୁ ଏହି ସମସ୍ୟାକୁ କେବଳ ପୋଲିସ୍ କିମ୍ବା ସରକାରଙ୍କ ଉପରେ ଛାଡ଼ି ଦେଲେ ହେବ ନାହିଁ। ପ୍ରଥମେ







ପରିବାରକୁ ସଚେତନ ହେବାକୁ ପଡ଼ିବ।

ପରିବାର ହେଉଛି ଶିଶୁର ପ୍ରଥମ ଶିକ୍ଷାଳୟ। ପିତାମାତା ହେଉଛନ୍ତି ତାଙ୍କର ପ୍ରଥମ ଗୁରୁ। ତେଣୁ ପିଲାଙ୍କ ଆଚରଣ, ମନୋଭାବ ଓ ଦୈନନ୍ଦିନ କାର୍ଯ୍ୟ ଉପରେ। ତିକ୍ଷୀଣ ନଜର ରଖିବା ଅତ୍ୟନ୍ତ ଆବଶ୍ୟକ। ପିଲାଙ୍କୁ କେବଳ ଦାମୀ ମୋବାଇଲ୍ କିମ୍ବା ସୁବିଧା ଦେଇଦେଲେ ଦାୟିତ୍ୱ ଶେଷ ହୋଇଯାଏ ନାହିଁ। ସେମାନଙ୍କ ସହ ସମୟ କାଟିବା, ସମସ୍ୟା ଶୁଣିବା, ଭଲମନ୍ଦ ବୁଝାଇବା ଓ ସଠିକ୍ ମାର୍ଗଦର୍ଶନ ଦେବା ଆବଶ୍ୟକ। ପିଲାଙ୍କ ସହ ବନ୍ଧୁ ଭଳି ବ୍ୟବହାର କଲେ ସେମାନେ ନିଜ ମନର କଥା ସହଜରେ କହିପାରିବେ। ଅବସର ସମୟରେ ପିଲାମାନଙ୍କୁ ସୃଜନଶୀଳ ଓ ସକାରାତ୍ମକ କାର୍ଯ୍ୟରେ ଯୋଡ଼ିବା ଦରକାର। ଖେଳକୁଦ, ପାଠ ପଢ଼ା, ସଙ୍ଗୀତ, ଚିତ୍ରାଙ୍କନ, ବୃକ୍ଷରୋପଣ, ଯୋଗ, ନୈତିକ ଶିକ୍ଷା ଓ ସାମାଜିକ କାର୍ଯ୍ୟରେ ଭାଗ ନେବା ପାଇଁ ପ୍ରେରଣା ଦେବା ଉଚିତ୍। ଘରେ ଏକ ସୁସ୍ଥ ପରିବେଶ ତିଆରି ହେଲେ ପିଲାମାନେ ମୋବାଇଲ୍ ଠାରୁ ଦୂରେଇ ରହିପାରିବେ। ଶିକ୍ଷାନୁଷ୍ଠାନ ମାନଙ୍କର ମଧ୍ୟ ଏଥିରେ ବଡ଼ ଭୂମିକା ରହିଛି।ବିଦ୍ୟାଳୟରେ ଡିଜିଟାଲ୍ ସଚେତନତା, ନୈତିକ ଶିକ୍ଷା ଓ ମାନସିକ ସ୍ୱାସ୍ଥ୍ୟ ବିଷୟରେ ନିୟମିତ ଆଲୋଚନା ହେବା ଦରକାର।ସମାଜକୁ ମଧ୍ୟ ଏଥିପାଇଁ ଏକତ୍ରିତ ହେବାକୁ ପଡ଼ିବ। ସଚେତନତା କାର୍ଯ୍ୟକ୍ରମ, ଅଭିଭାବକ ସଭା, ପରାମର୍ଶ ଶିବିର ଓ ଶିଶୁ ସୁରକ୍ଷା ବିଷୟରେ ଆଲୋଚନା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବା ଆବଶ୍ୟକ। କେବଳ ନୀତି ନିୟମ ଦ୍ୱାରା ଏହି ସମସ୍ୟାର ସମାଧାନ ସମ୍ଭବ ନୁହେଁ। ଭଲପାଇବା ସହ ଶୃଙ୍ଖଳା, ସ୍ୱାଧୀନତା ସହ ନିୟନ୍ତ୍ରଣ ଓ ଆଧୁନିକତା ସହ ନୈତିକତାର ସମନ୍ୱୟ ହେଲେ ମାତ୍ର ଆମେ ଶିଶୁମାନଙ୍କୁ ସୁରକ୍ଷିତ ଭବିଷ୍ୟତ ଦେଇପାରିବା।

ଶେଷରେ କୁହାଯାଇପାରେ, ମୋବାଇଲ୍ ଗେମିଂ ନିଜେ ଖରାପ ନୁହେଁ, କିନ୍ତୁ ଏହାର ଅତ୍ୟଧିକ ଆସକ୍ତି ଶିଶୁମାନଙ୍କ ଜୀବନକୁ ବିପଦମୁଖୀ କରୁଛି। ଆଜିର ପିଲା ହେଉଛନ୍ତି ଆସନ୍ତାକାଲିର ଭବିଷ୍ୟତ। ସେମାନଙ୍କୁ ସଠିକ୍ ଦିଗ ଦେଖାଇବା, ମାନସିକ ଭାବେ ସୁଦୃଢ଼ କରିବା ଓ ଭଲ ସଂସ୍କାର ଦେବା ପ୍ରତ୍ୟେକ ପିତାମାତା, ଶିକ୍ଷକ ଓ ସମାଜର ଦାୟିତ୍ୱ। ଯଦି ଆମେ ଆଜି ସଚେତନ ହେବା, ତେବେ ଆମର ଆଗାମୀ ପିଢ଼ିକୁ ଏହି ଡିଜିଟାଲ୍ ନିଶାର କୁପ୍ରଭାବରୁ ରକ୍ଷା କରିପାରିବା।


(ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ)
ମୋ:୯୪୩୭୭୩୧୯୦


# ବିଚରା ଶିକ୍ଷକଟିଏ !



ଶ୍ରୀବତ୍ସ ନାୟକ

ଶୀର୍ଷକଟି ଶୁଣିବାକୁ ଅସଜ୍ଞତଓ ଅସଙ୍ଗତ ମନେ ହୋଇପାରେ କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଏହାର ଯଥାର୍ଥତା ରହିଛି। ସୁସ୍ଥ ସମାଜ ଓ ଉନ୍ନତ ରାଷ୍ଟ୍ର ଗଠନ ପଛରେ ଶିକ୍ଷକଙ୍କର ନିଷ୍ଠାପର ଉଦ୍ୟମ ଓ ଅକ୍ଲାନ୍ତ ପରିଶ୍ରମ ବାସ୍ତବିକ୍ ପ୍ରଶଂସନୀୟ। ଭାରତ ବର୍ଷରେ କାହିଁ କେଉଁ ଆଦିମ କାଳରୁ ଗୁରୁ (ଶିକ୍ଷକ) ମାନଙ୍କର ବୈଶିଷ୍ଟ୍ୟ ରହିଛି। ଶିକ୍ଷକମାନଙ୍କର ସେବା, ତ୍ୟାଗ, ବଳିଷ୍ଠ ବ୍ୟକ୍ତିତ୍ୱ ଓ ପ୍ରଗାଢ ପାଣ୍ଡିତ୍ୟ ହିଁ ସାମଗ୍ରିକ ଚିନ୍ତା ଓ ଚେତନାକୁ ପ୍ରଭାବିତ କରିଛି। ଶିକ୍ଷକ ମାନଙ୍କର ନୀତି ଓ ଆଦର୍ଶ ଯୁଗେ ଯୁଗେ ଏ ସମାଜକୁ ପ୍ରଭାବିତ କରିଆସିଛି। ଶିକ୍ଷକମାନଙ୍କୁ ଭାରତୀୟ ସଂସ୍କୃତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ଅବଦାନ ସଦୃଶ୍ୟ ବୋଲି ଅଭିହିତ କରିଛି। ଏ ସବୁ ସତ୍ତ୍ୱେ କ'ଣ ଶିକ୍ଷକମାନେ ବିଚରା ହୋଇପାରନ୍ତି ! ହଁ ଆଜ୍ଞା। ସମୟ ବଦଳିବା ସହିତ ବଦଳିଯାଇଛି ଶିକ୍ଷା ବ୍ୟବସ୍ଥା। ଆଜିର ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକମାନେ ହେଉଛନ୍ତି ନିଷ୍ପେସିତ ଓ ଅବହେଳିତ। ଆଧୁନିକତାର ସ୍ପର୍ଶରେ ଦିନକୁ ଦିନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଘଟି ଚାଲିଛି। ନୂତନତ୍ୱ ସନ୍ଧାନରେ ମାନବ ସମାଜ ମତୁଆଲା ହୋଇପଡ଼ିଛି। ୨୦୫୦ ମସିହା ବେଳକୁ କୁଆଡେ ଭାରତ ବିଶ୍ୱଗୁରୁ ରୂପେ ଦଣ୍ଡାୟମାନ ହେବ ବୋଲି ସରକାର ଆଶା କରିଛନ୍ତି। କିନ୍ତୁ ମନେ ରଖିବା ଉଚିତ୍ ଯେ ଆମ ଦେଶର ଦୁର୍ବଳ ଶିକ୍ଷାବ୍ୟବସ୍ଥା ଓ ଶିକ୍ଷକମାନଙ୍କ ପ୍ରତି ଚରମ ଅବହେଳା ଆମକୁ ବିଶ୍ୱଗୁରୁ ହେବାର ସ୍ୱପ୍ନ କ୍ଷେତ୍ରରେ ବାଧକ ସାଜିପାରେ। ବିଶ୍ୱରେ ଜର୍ମାନ୍ ହେଉଛି ଏକମାତ୍ର ଦେଶ ଯେଉଁଠି ଶିକ୍ଷକମାନେ ସବୁଠାରୁ ଅଧିକ ବେତନ ପ୍ରାପ୍ତ ହୋଇଥାନ୍ତି। ଶିକ୍ଷକମାନଙ୍କ ସହ ସମାନ ବେତନ ପାଇବା ପାଇଁ ଜର୍ମାନର ଡାକ୍ତର, ବୈଜ୍ଞାନିକ, ବିଚାରପତି ଓ ଇଂଜନିୟରମାନେ ସେମାନଙ୍କର କୁଳାଧିପତି ଆଞ୍ଜେଲା ମରକେଲଙ୍କୁ ଦାବି କରିଥିଲେ। ଉତ୍ତରରେ କୁଳାଧିପତି ମରକେଲ କହିଥିଲେ, 'ଏହା କିପରି ସମ୍ଭବ! ଯିଏ ଆପଣମାନଙ୍କୁ ଶିକ୍ଷାଦାନ କରି ଏହି ପଦରେ ଅଧିଷ୍ଠିତ କରିଛନ୍ତି ସେମାନଙ୍କ ସହ ଆପଣମାନେ ସମକକ୍ଷ ନୁହଁନ୍ତିଙ୍କ' ଏହା ଶୁଣି ସମସ୍ତେ ଲଜ୍ଜାରେ ଗୁରୁମାନଙ୍କ ପ୍ରତି ନତମସ୍ତକ ହେଲେ। ଯୁକ୍ତରାଷ୍ଟ୍ର ଆମେରିକାର ଶିକ୍ଷା ପ୍ରଣାଳୀରେ ଶିକ୍ଷକମାନେ ହେଉଛନ୍ତି ମୁଖ୍ୟ ସ୍ତମ୍ଭ। ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ନିଜର ଶିକ୍ଷା ବ୍ୟବସ୍ଥାରେ ସମାବେଶୀ ଶିକ୍ଷା, ଗବେଷଣା ଧର୍ମୀ ଶିକ୍ଷା, ପ୍ରକଳ୍ପ ଆଧାରିତ ଶିକ୍ଷା ପ୍ରଦାନ ଏବଂ ଛାତ୍ରଛାତ୍ରୀମାନଙ୍କର ସ୍ୱାଧୀନ ଓ ସୃଜନଶୀଳ ଶକ୍ତିର ବିକାଶ ନିମନ୍ତେ ଶିକ୍ଷକମାନଙ୍କୁ ନିୟମିତ ଟ୍ରେନିଂ ଦେବାର ବ୍ୟବସ୍ଥାକୁ ଆପଣାଇନେଇଛି। କେବଳ ସେତିକି ନୁହେଁ ନିଜ ଦେଶରେ ବୈଜ୍ଞାନିକ ଓ ଶିକ୍ଷକମାନେ ହେଉଛି କେବଳ ଭିଆଇପି। ଫ୍ରାନ୍ସ ବିଚାରାଳୟରେ ବିଚାରପତିଙ୍କ ସାମ୍ନାରେ କେବଳ ଚୌକିରେ ବସି ପାରିବେ ଶିକ୍ଷକ। ଜାପାନରେ ଶିକ୍ଷକଙ୍କୁ ପୋଲିସ ଗିରଫ କରିବା ପାଇଁ ସରକାରଙ୍କ ଅନୁମତି ପ୍ରାପ୍ତ ହୋଇଥିବା ଦରକାର।ଭାରତରେ କେନ୍ଦ୍ରମନ୍ତ୍ରୀ ମାନେ ଯେଉଁ ସୁବିଧା ସୁଯୋଗ ପାଇ ଥାନ୍ତି ଅନୁରୂପ ସୁବିଧା କୋରିଆରେ ଶିକ୍ଷକମାନେ ପାଇଥାନ୍ତି। କେବଳ ସେତିକି ନୁହଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପ୍ରଧାନମନ୍ତ୍ରୀ ୱିନଷ୍ଟନ ଚର୍ଚିଲଙ୍କ ନିର୍ଭୀକ ନେତୃତ୍ୱ ବ୍ରିଟେନକୁ ଶତ୍ରୁ ସାମ୍ନାରେ ଲଢ଼ିବା ପାଇଁ ଯେଉଁ ଅଦମ୍ୟ ସାହାସ ଦେଇଥିଲା। ସେଥିନିମନ୍ତେ ସେ ତାଙ୍କ ଦେଶର ସମସ୍ତ ଶିକ୍ଷକମାନଙ୍କୁ ଏହି ସଫଳତାର ଶ୍ରେୟ ଦେଇଥିଲେ। ସେ କହିଥିଲେ, ' ଏହି କଷ୍ଟକର ସମୟରେ ନେତୃତ୍ୱ ନେବାପାଇଁ ଶିକ୍ଷକମାନେ ଯେଉଁ ସାହସ ଓ ଶୃଙ୍ଖଳା ଜ୍ଞାନ ଦେଇଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ଭାରତ ଭଳି ଏକ ଦେଶରେ, ଯେଉଁଠି ଶିକ୍ଷାର ପରିସର ଓ ବ୍ୟବସ୍ଥା ବ୍ୟାପକ ସେହିଠାରେ ଶିକ୍ଷକମାନଙ୍କର ଅବସ୍ଥା ନକହିବା ଭଲ। ଓଡ଼ିଶା ସରକାରଙ୍କର ଶିକ୍ଷା ବ୍ୟବସ୍ଥା



ରେ ଶିକ୍ଷକ ମାନଙ୍କର ଭିନ୍ନ ଭିନ୍ନ ଶ୍ରେଣୀରେ ବିଭକ୍ତିକରଣ ଏକ ପ୍ରମୁଖ କାରଣ। ସରକାର ଙ୍କ ସମାନ କାମକୁ ସମାନ ଦରମା ଡିଣ୍ଡିମ ପିଟୁଥିଲେ ମଧ୍ୟ ଏକ ଶିକ୍ଷାନୁଷ୍ଠାନ ରେ ଭିନ୍ନ ଭିନ୍ନ ଧରଣର ଶିକ୍ଷକ ଙ୍କୁ ବେତନରେ ପାତରଅନ୍ତର ନୀତି ଶିକ୍ଷା ବ୍ୟବସ୍ଥା ଉପରେ ସିଧା ସଳଖ ପ୍ରଭାବ ପକାଉଛି। ଶିକ୍ଷକତା ବୃତ୍ତି ଅନ୍ୟ ବୃତ୍ତି ଭଳି ନୁହେଁ। ଏଠି ଉଚ୍ଚ ପଦ ସାତ ସପନ। ନିୟମିତ ବେତନ ରେ ଅନିୟମିତତା। ଅନ୍ୟ ବୃତ୍ତି ଭଳି ଉପୁରି ପଇସା ରୋଜଗାର ନାହିଁ। ପ୍ରଶାସନର ଅଦାଲତି ଛାଟରେ ଶିକ୍ଷକ ବର୍ଗ ଭୟବିତ। ଶିକ୍ଷା ପ୍ରଶାସନ ଶିକ୍ଷକ ମାନଙ୍କ ହାତରେ ନାହିଁ। ଶିକ୍ଷକ ମାନଙ୍କୁ ଅଣ-ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ, ଶିକ୍ଷକ ମାନଙ୍କର ଶ୍ରେଣୀ ବିଭକ୍ତ, ବେତନରେ ପାତର ଅନ୍ତର ନୀତି, ପଦୋନ୍ନତି ରେ ବିଳମ୍ବ, ଅବସର ଜନିତ ଅସୁବିଧା, ସ୍ୱଳ୍ପ ଦରମା, ନିଯୁକ୍ତି ରେ ଅନିୟମିତତା, ଅଣ ଶିକ୍ଷାଦାନ କାର୍ଯ୍ୟ, କୁଜି ରାଜାନେତା ଙ୍କ ରାଜନୈତିକ ଚକ୍ରାନ୍ତ ତଥା ସରକାରୀ ଓ ବେସରକାରୀ ଅନୁଷ୍ଠାନ ମଧ୍ୟରେ ବିଭାଜନ ରେଖା ଆଦି ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସମଗ୍ର ଶିକ୍ଷକ ସମାଜ। କୁଆଡେ ମୁଁ ଶୁଣିଥିଲି ଶିକ୍ଷକ ର ମୂଲ୍ୟ କେହି ଦେଇ ପାରନ୍ତି ନାହିଁ କିନ୍ତୁ ଆଜିର ଶିକ୍ଷକ ଅଧିକାଂଶ ସମୟ ବିଧାନ ସଭା ସମ୍ମୁଖରେ ନିଜର ଦାବି ନେଇ ଆନ୍ଦୋଳନ କରୁଛି। ଗତବର୍ଷ ଓଡ଼ିଶା ସରକାରଙ୍କ ଏଗାର ହଜାରରୁ ଉର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପଦ ନିମନ୍ତେ ବିଜ୍ଞାପନ ପ୍ରକାଶ କରିଥିଲେ ସୁଦ୍ଧା ପାଖାପାଖି ପାଞ୍ଚ ହଜାର ପଦ ପୂରଣ ହୋଇପାରିନଥିଲା।କାରଣ ଏଇଆ ଥିଲା କି ଆଶାୟୀ ମାନେ ନିଯୁକ୍ତି ପରୀକ୍ଷା ରେ ଆଶାନୁରୂପ ପ୍ରଦର୍ଶନ ନ କରି ଅକୃତକାର୍ଯ୍ୟ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପ୍ରକ୍ରିୟାର ମାନଦଣ୍ଡରେ କୋହଳ ଭାବ ପ୍ରକାଶ କରିଥିଲେ ସରକାର। ଯେଉଁଠି ସରକାର ଜାତୀୟ ଶିକ୍ଷା ନୀତି ପ୍ରଣୟନ କରି ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଚେଷ୍ଟିତ ହେଉଛନ୍ତି ସେଠି ଶିକ୍ଷକ ପଦ ନିମନ୍ତେ ଆଶାୟୀ ମାନେ କୃତକାର୍ଯ୍ୟ ନ ହୋଇପାରିବା ଲଜ୍ୟା ଜନକ। ଏହା ଦର୍ଶାଇଛି କି ମେଧାବୀ ମାନେ କେବେବି ଏହି ଶିକ୍ଷକତା ବୃତ୍ତି କୁ ଆସୁନାହାନ୍ତି। ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ମାନଦଣ୍ଡ କୋହଳ କରି ଶିକ୍ଷକ ମାନଙ୍କୁ ଚୟନ କରିବା ଦ୍ୱାରା ଗୁଣାତ୍ମକ ମାନ ନିଶ୍ଚିତ ପ୍ରଭାବିତ ହେବ ଏଥିରେ ଦ୍ୱିମତ ନାହିଁ। ନିୟମିତ ବ୍ୟବଧାନରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ନହେବା ଦ୍ୱାରା ମେଧାବୀ ମାନେ ଅନ୍ୟ କୌଣସି ବିକଳ୍ପ ବୃତ୍ତି କୁ ଆପଣାଇ ନେଉଛନ୍ତି। ଏକକାଳୀନ ଏତେ ଗୁଡିଏ ପଦ ପାଇଁ ବିଜ୍ଞାପନ ବାହାରିଲେ ପ୍ରାର୍ଥୀ ଚୟନ କରିବା କଷ୍ଟ ହେଉଛି। ଶିକ୍ଷକ ସମାଜର ସମ୍ମାନ ଓ ସାମାଜିକ ଅବସ୍ଥା ନକହିବା ଭଲ। ବର୍ତ୍ତମାନ ଶିକ୍ଷକ - ଶିକ୍ଷାର୍ଥୀ ସମ୍ପର୍କ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି।ଆଗ କାଳରେ ରାଜ୍ୟ ଶାସନ କରିବା ପାଇଁ ଗୁରୁଙ୍କର ପରାମର୍ଶ ନେଉଥିଲେ, ଛାତ୍ର ଛାତ୍ରୀ ମାନେ ଗୁରୁଙ୍କର ଆଦର୍ଶରେ ଅନୁପ୍ରାଣିତ ହେଉଥିଲେ। କାଳକ୍ରମେ ସେ ସବୁ କମି ଆସିଲାଣି। ଗୁରୁଙ୍କ ପାଇଁ ଯେଉଁ ସମ୍ମାନ ଥିଲା ତାହା ଆପାତତଃ କମି ଆସିଲାଣି ବୋଲି ଅନୁଭବ ହୁଏ। ତେଣୁ ଏତେ ସବୁ ସମସ୍ୟା ଥିବା ବୃତ୍ତି ଟିକୁ କିଏ ବା କାହିଁକି ବା ? ବିଦ୍ୟାଳୟ ଶିକ୍ଷା ସମାପ୍ତ କରି, ମନରେ ଅନେକ ସ୍ୱପ୍ନ, ସମ୍ଭାବନା କୁ ନେଇ ଛାତ୍ର ଛାତ୍ରୀ ମାନେ ନୂଆକରି ମହାବିଦ୍ୟାଳୟ ରେ ପାଦ ଥାପିଥନ୍ତି। ବିଶେଷ କରି ଡାକ୍ତର, ଓକିଲ, ଇଞ୍ଜିନିୟର, ଅଫିସର, ଚାଟାର୍ଡ ଆକାଉଣ୍ଟାଣ୍ଟ, ପରିଚାଳକ, ବୈଜ୍ଞାନିକ ବୃତ୍ତି ପ୍ରତି ମେଧାବୀ ଙ୍କ ଆଗ୍ରହ ବିଷୟ ରେ ସେମାନଙ୍କ ଠାରୁ ଶୁଣିଛି। କିନ୍ତୁ କେବେ କାହାରି ଠାରୁ ସୁଣିନି ଯେ କିଏ ଜଣେ ଶିକ୍ଷକ ହେବାବୃତ୍ତି ଶ୍ରେଷ୍ଠ ଶିକ୍ଷକତା। ଶିକ୍ଷା ଦାନ ମହତ୍ ଦାନ। ଏହା ହେଉଛି ଅତୁଳନୀୟ ବୃତ୍ତି କାହିଁକି ନା ଏହା ଅନ୍ୟ ସମସ୍ତ ବୃତ୍ତି କୁ ଜନ୍ମ ଦେଇଥାଏ। ଶିକ୍ଷାଦାନ ମାଧ୍ୟମରେ ଏକ ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କୁ ଜ୍ଞାନ କୌଶଳ ବାଣ୍ଟିଥାଏ ତା ନୁହେଁ ବରଂ ସେମାନଙ୍କର ଭବିଷ୍ୟତ କୁ ଉଜ୍ଜଳ କରିଥାନ୍ତି। ସମାଜର ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ବିପ୍ଲବାତ୍ମକ ପରିବର୍ତ୍ତନ ଆଣିଥାନ୍ତି ସେମାନେ। ତେଣୁ ଏହି ବୃତ୍ତି କୁ ନିହାତି ପକ୍ଷେ ଉତ୍ତମ ବ୍ୟକ୍ତି ମାନେ ଆସିବା ଦରକାର। ବୃତ୍ତି ଶ୍ରେଷ୍ଠ ଶିକ୍ଷକତା। ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ମହେଶ୍ୱର ଆଦି ଭଳି ଯେତେ କଥା କହିଲେ ମଧ୍ୟ ମେଧାବୀ ଛାତ୍ର ଛାତ୍ରୀ ଙ୍କର ଏହି ବୃତ୍ତି କୁ ନାପସନ୍ଦ କରିବା ଏକ ଚିନ୍ତାର ବିଷୟ ପାଲଟିଛି। ସମୟ ଆସିଛି ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ। କାହିଁକି ଏହିଭଳି ଆଦର୍ଶ ବୃତ୍ତି ରୁ ମୁଁହ ଫେରାଇ ନେଉଛନ୍ତି ମେଧାବୀ ମାନେ?ଶିକ୍ଷକତା ବୃତ୍ତି ପାଇଁ ପ୍ରତିଭା ସମ୍ପନ୍ନ ଛାତ୍ର ଛାତ୍ର ମାନଙ୍କର ବୈମାତୃକ ମନୋଭାବ ପଛରେ ଅନେକ କିଛି କାରଣ ଥାଇ ପାରେ ବୋଲି ମନେ ହୁଏ।ଏତାଦୃଶ ଅବସ୍ଥା ଦେଖି ଜନସାଧାରଣ ମଧ୍ୟ କହିବାକୁ ଲାଗିଲେ ବିଚରା ଶିକ୍ଷକଟିଏ ! ସାମ୍ପ୍ରତିକ ପରିସ୍ଥିତି ଆମକୁ ଏହା ସୁଚେଇ ଦେଇଛି କି ସମୟ ଆସିଛି ଏହି ଭଳି ଭାବନାରେ ପରିବର୍ତ୍ତନ ଆଣିବା ପାଇଁ।


ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ

# ‘ଅପରେସନ୍ ସିନ୍ଦୂର’ ଏବେ ବି ଜାରି ରହିଛି



## ତିନି ସେନାର ମିଳିତ ସାମ୍ବାଦିକ ସମ୍ମିଳନୀ

ନୂଆଦିଲ୍ଲୀ,୭।୫ଃ ଅପରେସନ୍ ସିନ୍ଦୂର ଏବେ ବି ଜାରି ରହିଛି। ଭାରତୀୟ ସେନା ଏବେ ନିଜର ରଣନୀତିରେ ପରିବର୍ତ୍ତନ କରୁଛି। ଏହା ଯେକୌଣସି ଆହ୍ୱାନ ପାଇଁ ନିଜକୁ ପ୍ରସ୍ତୁତ ରଖିଛି। ଯେତେବେଳେ ବି ଆବଶ୍ୟକ ପଡ଼ିବ ପୁଣି ଥରେ ଅପରେସନ ସିନ୍ଦୂର ପରି କାଇନେଟିକ୍ ଆକ୍ସନ ବା ତ୍ୱରିତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ‘ଅପରେସନ୍ ସିନ୍ଦୂର’ର ଏକବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ଭାରତୀୟ ସ୍ଥଳସେନା, ବାୟୁସେନା ଏବଂ ନୌସେନା ପକ୍ଷରୁ ଗୁରୁବାର ରାଜସ୍ଥାନର ଜୟପୁରଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଦିଆଯାଇଛି। ଏହି ସମ୍ମିଳନୀକୁ ସମ୍ବୋଧନ କରି ଏୟାର ମାର୍ଶାଲ ଏ.କେ. ଭାରତୀ ଏହି ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି ଯେ, ଏହି ଅପରେସନରେ ଭାରତର କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ। କିନ୍ତୁ ପାକିସ୍ତାନକୁ ଶକ୍ତ ଆଘାତ ଲାଗିଛି। ସେ କହିଛନ୍ତି ଯେ, ପାକିସ୍ତାନର ୯ଟି ପ୍ରମୁଖ ଆତଙ୍କବାଦୀ ଶିବିରକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଛି। ଶତ୍ରୁପକ୍ଷର ୧୧ଟି ଏୟାରଫିଲ୍ଡକୁ ଭାରତୀୟ ବାୟୁସେନା ଟାର୍ଗେଟ୍ କରିଥିଲା। ପାକିସ୍ତାନର ୧୩ଟି ଯୁଦ୍ଧ ବିମାନକୁ ଧ୍ୱଂସ କରି ଦିଆଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତୀୟ ସେନା ୩୦୦ କିଲୋମିଟର ଦୂରରୁ ‘ଲଙ୍ଗେଷ୍ଟ କିଲ୍’ ଅର୍ଥାତ୍ ସବୁଠାରୁ ଦୂରରୁ ଶତ୍ରୁକୁ ନିପାତ କରି ଏକ ନୂଆ ରେକର୍ଡ ସ୍ଥାପନ କରିଛି। ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି ଯେ, ଅପରେସନ୍ ସିନ୍ଦୂରକୁ ଖୁବ୍ ଗୋପନୀୟ ଭାବେ କାର୍ଯ୍ୟକାରୀ କରାଯାଇଥିଲା। ଏହା ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ଏବଂ ପାକିସ୍ତାନ ଭିତରେ ଥିବା ଆତଙ୍କବାଦୀ ସଂଗଠନର ମେରୁଦଣ୍ଡ ଭାଙ୍ଗି ଦେଇଛି। ଭାରତର ଦୃଢ଼ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗୁଁ ପାକିସ୍ତାନର ସମସ୍ତ ପ୍ରତିଆକ୍ରମଣ ବିଫଳ ହୋଇଥିଲା। ନୌସେନା ଆଡମିରାଲ ଏ.ଏନ. ପ୍ରମୋଦ ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି ଯେ, ସାମରିକ କାର୍ଯ୍ୟାନୁଷ୍ଠାନ ସବୁବେଳେ ସରପ୍ରାଇଜ୍ ବା ଅପ୍ରତ୍ୟାଶିତ ହୋଇଥାଏ। ଯଦି ରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ମିଳେ ତା’ହେଲେ ଭାରତୀୟ ନୌସେନା ଶତ୍ରୁକୁ ଏକ ବଡ଼ ଧରଣର ଧକ୍କା ଦେବାକୁ ପଛାଇବ ନାହିଁ। ଏହି ଅବସରରେ ତିନିସେନା ପକ୍ଷରୁ କୁହାଯାଇଛି ଯେ, ଅପରେସନ ସିନ୍ଦୂର ଅଭିଯାନରେ ବ୍ରହ୍ମୋସ ଓ ଆକାଶ ପରି ସ୍ୱଦେଶୀ କ୍ଷେପଣାସ୍ତ୍ର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଭାରତର ଏହି ଲଢ଼େଇ ଆତଙ୍କବାଦ ବିରୋଧରେ ଥିଲା। ଯଦି ପାକିସ୍ତାନ ସେନା ଏହାକୁ ନିଜର ଲଢ଼େଇ ବୋଲି ଭାବିବ ତେବେ ଭାରତୀୟ ସେନା ସେମାନଙ୍କୁ ସମୁଚିତ ଜବାବ ଦେବାକୁ ସର୍ବଦା ପ୍ରସ୍ତୁତ ରହିଛି ବୋଲି ସେନା ଅଧିକାରୀମାନେ ସ୍ପଷ୍ଟ କରିଦେଇଛନ୍ତି।

# ସମ୍ରାଟ୍‌ଙ୍କ କ୍ୟାବିନେଟ୍‌ରେ ନୀତୀଶଙ୍କ ପୁଅ



- ବିହାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ
- ଯୋଗଦେଲେ ମୋଦି, ଶାହ ଓ ରାଜନାଥ

ପାଟନା,୭।୫ଃ ଗୁରୁବାର ପାଟନାର ଐତିହାସିକ ଗାନ୍ଧୀ ମଇଦାନଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାରଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ ହୋଇଛି। ଏହି ଅବସରରେ ମୋଟ ୩୨ ଜଣ ନୂଆ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। ଅବସରପ୍ରାପ୍ତ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ୍ ସୈୟଦ ଅତା ହସନୈନ ସମସ୍ତ ୩୨ ଜଣ ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଜେଡିୟୁ ସଭାପତି ନୀତିଶ କୁମାରଙ୍କ ସମେତ ଏନଡିଏର ବହୁ ବରିଷ୍ଠ ନେତା ଉପସ୍ଥିତ ରହି ନୂଆ ମନ୍ତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସମ୍ରାଟ୍ ଚୌଧୁରୀ ନିଜ ମନ୍ତ୍ରିମଣ୍ଡଳରେ ଏନଡିଏର ସହଯୋଗୀ ଦଳ ଯଥା- ବିଜେପି, ଜେଡିୟୁ, ଏଲଜେପିଆରଭି, ହମ୍ ଏବଂ ଆରଏଲଏମ୍‌କୁ ସ୍ଥାନ ଦେଇ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରିଛନ୍ତି। ଜେଡିୟୁ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ସମ୍ରାଟ ଚୌଧୁରୀଙ୍କ କ୍ୟାବିନେଟ୍‌ରେ ସ୍ଥାନ ପାଇଛନ୍ତି। ଏଥିସହ ଅଭିଜ୍ଞ ନେତା ଶ୍ରବଣ କୁମାର, ଅଶୋକ ଚୌଧୁରୀ ଏବଂ ଲେଶି ସିଂହଙ୍କୁ ପୁଣି ଥରେ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ବିଜେପି ପକ୍ଷରୁ ରାମକୃପାଳ ଯାଦବ, ନୀତିଶ ମିଶ୍ର ଏବଂ ଦିଲୀପ ଜୈସୱାଲଙ୍କ ଭଳି ବଡ଼ ନେତାମାନେ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଚିରାଗ ପାଶୱାନଙ୍କ ଦଳରୁ ଶ୍ରେୟସୀ ସିଂହ, ଜିତନରାମ ମାଝୀଙ୍କ ପୁଅ ସନ୍ତୋଷ କୁମାର ସୁମନ ଏବଂ ଉପେନ୍ଦ୍ର କୁଶୱାଙ୍କ ଦଳରୁ ଭଗବାନ ସିଂହ କୁଶୱାଙ୍କୁ ମଧ୍ୟ ମନ୍ତ୍ରୀ କ୍ୟାବିନେଟରେ ଅବସ୍ଥାପିତ କରାଯାଇଛି।

## ଏନଡିଟିଭି ବିରୁଦ୍ଧରେ ମାନହାନୀ ମୋକଦ୍ଦମା



ନୂଆଦିଲ୍ଲୀ,୭।୫ଃ ଏନଡିଟିଭି ଓ ଏହାର ସିଇଓ ଏବଂ ସମ୍ପାଦକଙ୍କ ବିରୁଦ୍ଧରେ ଶିଳ୍ପପତି ଅନୀଲ ଅମ୍ବାନୀ ଗୁରୁବାର ଦିଲ୍ଲୀ ହାଇକୋର୍ଟରେ ମାନହାନି ମୋକଦ୍ଦମା କରିଛନ୍ତି। ତାଙ୍କ କମ୍ପାନୀ ସମ୍ପର୍କରେ ପ୍ରକାଶିତ ଖବରକୁ ନେଇ ଅମ୍ବାନୀଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିବା ବେଳେ ଆବେଦନକୁ ଗ୍ରହଣ କରି ଦିଲ୍ଲୀ ହାଇକୋର୍ଟ ଏନଡିଟିଭି ନ୍ୟୁଜ ଚ୍ୟାନେଲକୁ ନୋଟିସ୍ ଜାରି କରିଛନ୍ତି। ଅମ୍ବାନୀ ଗ୍ରୁପ୍ ପକ୍ଷରୁ ମାମଲା ପରିଚାଳନ କରୁଥିବା ଆଡଭୋକେଟ୍ ହାସନ ମୁର୍ତାଜା କହିଛନ୍ତି ଯେ, ଅମ୍ବାନୀ କମ୍ପାନୀ ଗୋଷ୍ଠୀରେ ହୋଇଥିବା ଅନିୟମିତତାକୁ ନେଇ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଦନ୍ତ କରୁଛନ୍ତି। ଏହା ମଧ୍ୟରେ ଏନଡିଟିଭି ତାଙ୍କୁ ଓ ତାଙ୍କର ବ୍ୟବସାୟିକ ସ୍ୱାର୍ଥକୁ ଟାର୍ଗେଟ୍ କରି ପ୍ରାୟ ୭୨ଟି ଖବର ପ୍ରକାଶ କରିଛି। ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ବେଳେ ଏହି ଖବରଗୁଡ଼ିକ ତାଙ୍କର ବ୍ୟବସାୟକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟ ରଖି ପ୍ରସ୍ତୁତ କରାଯାଇଥିବା ଅନୀଲ ଅମ୍ବାନୀ ଅଭିଯୋଗ କରିଥିବା ତାଙ୍କର ଆଡଭୋକେଟ୍ କହିଛନ୍ତି। ଦିଲ୍ଲୀ ହାଇକୋର୍ଟ ଏହି ମାମଲା ଉପରେ ଏନଡିଟିଭିଠାରୁ ପ୍ରତିକ୍ରିୟା ଲୋଡ଼ିଛନ୍ତି।

## ଚୀନର ୨ ପୂର୍ବତନ ମନ୍ତ୍ରୀଙ୍କୁ ଫାଶୀ ଦଣ୍ଡାଦେଶ



ବେଜିଂ, ୭।୫ଃ ଚୀନର ୨ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଭି.ଫେଂଘେ ଓ ଲି ସାଙ୍ଗଫୁଙ୍କୁ ଗୁରୁବାର ଦୁର୍ନୀତି ଅଭିଯୋଗରେ ୨ ବର୍ଷର ଆଶ୍ୱସ୍ତି ସହିତ ମୃତ୍ୟୁଦଣ୍ଡାଦେଶ କରାଯାଇଛି। ଫେଂଘେ ଓ ତାଙ୍କ ପରେ ପ୍ରତିରକ୍ଷାମନ୍ତ୍ରୀ ହୋଇଥିବା ଲି ସାଙ୍ଗଫୁଙ୍କୁ ୨୦୨୪ ମସିହାରେ ଶାସକ କମ୍ୟୁନିଷ୍ଟ ପାର୍ଟିରୁ ନିଷ୍କାସିତ କରାଯାଇଥିଲା। ଉଭୟ ରକ୍ଷାମନ୍ତ୍ରୀ ସି ଜିନପିଙ୍ଗଙ୍କ ଅଧିନରେ କାମ କରିଥିଲେ। ଫେଂଘେ ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ପ୍ରତିରକ୍ଷା ମନ୍ତ୍ରୀ ଥିଲେ ତେବେ ସାଂଗଫୁ ମାତ୍ର କିଛି ମାସ ତାଙ୍କ ଉତ୍ତରାଧିକାରୀ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ଚୀନ୍ ଏରୋସ୍ପେସ୍ ଇଞ୍ଜିନିୟର ଫେଂଘେ ପ୍ୟୁପିଲସ୍ ଲିବରେସନ ଆର୍ମିର ଅତି ଗୁରୁତ୍ୱପୂର୍ଣ୍ଣ ରକେଟ୍ (ମିଜାଇଲ) ଫୋର୍ସର ନେତୃତ୍ୱ ନେଇଥିଲେ। ରକ୍ଷାମନ୍ତ୍ରୀ ଭାବେ ତାଙ୍କୁ ନିଜେ ଜିନପିଙ୍ଗ ବାଛିଥିଲେ। ଜିନୁଆ ଅନୁସାରେ ଉଭୟଙ୍କୁ ଦୁର୍ନୀତି ଅଭିଯୋଗରେ ଦଣ୍ଡିତ କରାଯାଇଛି। ଉଭୟଙ୍କୁ ଦୁଇବର୍ଷର ଆଶ୍ୱସ୍ତି ସହିତ ମୃତ୍ୟୁଦଣ୍ଡ, ଆଜୀବନ ରାଜନୈତିକ ଅଧିକାରରୁ ବଞ୍ଚିତ କରିବା ଓ ସେମାନଙ୍କ ସମସ୍ତ ବ୍ୟକ୍ତିଗତ ସମ୍ପତ୍ତି ଜବତ କରିବା ଆଦି ଦଣ୍ଡାଦେଶ ହୋଇଛି। ଦୁଇ ବର୍ଷର ମହଲତ ଅବଧି ସମାପ୍ତ ହେବା ପରେ ସେମାନଙ୍କ ଦଣ୍ଡକୁ ଆଜୀବନ ଜେଲଦଣ୍ଡାଦେଶରେ ବଦଳାଇ ଦିଆଯିବ। ଏଥିରେ ସେମାନଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ଓ ପାରୋଲ ପ୍ରଦାନ କରାଯିବନି। ଅଭିଯୋଗ ଅନୁସାରେ ସି ଜିନପିଙ୍ଗ ଙ୍କ ଦୁର୍ନୀତି ବିରୋଧୀ ଅଭିଯାନ କାଳରେ ପଦରୁ ହଟାଯାଇଥିବା ଶୀର୍ଷ ଜେନେରାଲଙ୍କ ମଧ୍ୟରେ ଫେଂଘେ ଏକମାତ୍ର ଏପରି ଜେନେରାଲ ଥିଲେ ଯାହାଙ୍କୁ ‘ଝୋଙ୍ଗଚେଙ୍ଗ ସି ଜୀ ’ ଅର୍ଥାତ ବିଶ୍ୱାସଘାତୀ ସାବ୍ୟସ୍ତ କରାଯାଇଛି।

## ୨ ହାଣ୍ଟା ଆକ୍ରାନ୍ତ ଗୁରୁତର

ନୂଆଦିଲ୍ଲୀ,୭।୫ଃ ବୁଧବାର କ୍ରୁଜ ଜାହାଜରୁ ଉଦ୍ଧାର କରାଯାଇଥିବା ତିନିଜଣ ହାଣ୍ଟା ଭାଇରସ ଆକ୍ରାନ୍ତଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ନେଦରଲାଣ୍ଡରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି । ତୃତୀୟ ଯାତ୍ରୀଜଣକର ଅବସ୍ଥା ସ୍ଥିର ରହିଛି । ହାଣ୍ଟା ଭାଇରସ ବ୍ୟାପିଥିବା ଏମଭି ହୋଣ୍ଡିଅସ୍ କ୍ରୁଜ ଜାହାଜଟି ଏବେ ସ୍ପେନର କାନାରି ଦ୍ୱୀପପୁଞ୍ଜ ଅଭିମୁଖେ ଯାତ୍ରା କରୁଛି । ତିନିଦିନ ଧରି ଏହା ପଶ୍ଚିମ ଆଫ୍ରିକୀୟ ଉପକୂଳ କେପ୍ ଭେର୍ଡେ ଲଙ୍ଗର ପକାଇଥିଲା । ଆକ୍ରାନ୍ତ ହୋଇଥିବା ତିନିଜଣ ବ୍ରିଟେନ୍, ନେଦରଲାଣ୍ଡ ଓ ଜର୍ମାନୀର ନାଗରିକ ବୋଲି ଚିହ୍ନଟ କରାଯାଇଛି । ମେ ୨ ତାରିଖରେ ଜର୍ମାନୀର ଜଣେ ମହିଳା ହାଣ୍ଟା ଭାଇରସରେ ଆକ୍ରାନ୍ତ ହୋଇ ଜାହାଜ ଭିତରେ ମୃତ୍ୟୁବରଣ କରିଥିଲେ । ସମ୍ପ୍ରତି ଉଦ୍ଧାର କରାଯାଇଥିବା ଜର୍ମାନୀ ବ୍ୟକ୍ତିଜଣଙ୍କ ତାଙ୍କ ସହ ଖୁବ୍ ଘନିଷ୍ଠ ଭାବରେ ମିଳାମିଶା କରିଥିଲେ ବୋଲି ନେଦରଲାଣ୍ଡର କ୍ରୁଜ୍ (କ୍ଷୁଦ୍ର ଜାହାଜ) ପରିଚାଳନା କରୁଥିବା ସଂସ୍ଥା ଓସେନୱାଇଡ୍ ଏକ୍ସପେଡିସନ୍ କହିଛି ।

# ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ରେସ୍

## ଚର୍ଚ୍ଚାରେ ଅଗ୍ନିମିତ୍ରା ପଲ୍



କୋଲକାତା,୭।୫ଃ ପଶ୍ଚିମବଙ୍ଗରେ ବିଜେପିର ବିପୁଳ ବିଜୟ ପରେ ଏବେ ମୁଖ୍ୟମନ୍ତ୍ରୀ କିଏ ହେବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହି ରେସରେ ଅନେକ ନାଁ ଆସୁଥିବା ବେଳେ ବରିଷ୍ଠ ବିଜେପି ନେତ୍ରୀ ଅଗ୍ନିମିତ୍ରା ପଲ ସମସ୍ତଙ୍କଠୁ ଆଗରେ ରହିଛନ୍ତି। ଅଗ୍ନିମିତ୍ରା ଟିଏମସି ପ୍ରାର୍ଥୀ ତାପସ ବାନାର୍ଜୀଙ୍କୁ ୪୦ ହଜାର ୮୩୯ ଭୋଟରେ ପରାସ୍ତ କରି ଆସନସୋଲ ଦକ୍ଷିଣରେ ବିଜୟୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଗ୍ନିମିତ୍ରା ପଲ ଜଣେ ଦୃଢ଼ ଦାବିଦାର ଅଛନ୍ତି ବୋଲି ବଙ୍ଗ ବିଜେପିରେ ଚର୍ଚ୍ଚା ହେଉଛି। ନରେନ୍ଦ୍ର ମୋଦି ଦେଶବ୍ୟାପୀ ମହିଳା ସଂରକ୍ଷଣ (ସଂଶୋଧନ) ବିଲ୍ ଅଭିଯାନ ଚଳାଇଥିବାବେଳେ ଯଦି ପଶ୍ଚିମବଙ୍ଗରେ ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଉପରେ ଜୋର ଦେବେ ତା’ହେଲେ ଅଗ୍ନିମିତ୍ରା ତାଙ୍କର ପ୍ରଥମ ପସନ୍ଦ ହେବେ ବୋଲି ଶୁଣିବାକୁ ମିଳୁଛି। ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ଅଗ୍ନିମିତ୍ରା ଜଣେ ଫ୍ୟାସନ ଡିଜାଇନର ଥିଲେ। ୧୯୭୪ ମସିହା ୨୫ ନଭେମ୍ବରରେ ଆସାନସୋଲରେ ଜନ୍ମଗ୍ରହଣ କରିଥିବା ଅଗ୍ନିମିତ୍ରା ଏକ ଶିକ୍ଷାବିତ୍ ଏବଂ ଡାକ୍ତର ପରିବାରରୁ ଆସିଛନ୍ତି। ସେ ବନୱାରିଲାଲ ଭାଲୋଟିଆ କଲେଜରୁ ୧୯୯୪ରେ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରି ୧୯୯୭ରେ ଫ୍ୟାଶନ୍ ଡିଜାଇନିଂରେ ଡିପ୍ଲୋମା କରିଥିଲେ। ପରବର୍ତ୍ତୀ ସମୟରେ ସେ ଫ୍ୟାଶନ୍ ଡିଜାଇନିଂ ଶିଳ୍ପରେ ନିଜକୁ ପ୍ରତିଷ୍ଠିତ କରିବା ସହ ଉଦ୍ୟୋଗୀ ପାର୍ଥୋ ପଲଙ୍କୁ ବିବାହ କରିଛନ୍ତି। ତାଙ୍କର ଦୁଇଟି ପୁଅ ଅଛନ୍ତି। ଫ୍ୟାଶନ ଡିଜାଇନରରୁ ରାଜନେତା ହୋଇଥିବା ଅଗ୍ନିମିତ୍ରା ପଲ ଏବେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ରେସର କେନ୍ଦ୍ରରେ ଅଛନ୍ତି। ସେ ୨୦୧୯ରେ ବିଜେପିରେ ଯୋଗ ଦେଇଥିଲେ ଏବଂ ବିଜେପିର ପଶ୍ଚିମବଙ୍ଗ ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ନିଯୁକ୍ତ ହୋଇଥିଲେ। ସେ ବର୍ତ୍ତମାନ ଆସାନସୋଲ ଦକ୍ଷିଣ ବିଧାନସଭା ନିର୍ବାଚନମଣ୍ଡଳୀର ସାଂସଦ। ଜାନୁଆରୀ ୨୦୨୬ରେ ତାଙ୍କୁ ଦଳର ରାଜ୍ୟ ୟୁନିଟର ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଥିଲା। ଅଗ୍ନିମିତ୍ରା ପ୍ରଥମ ଥର ପାଇଁ ୨୦୨୧ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଏବଂ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ସାୟୋନି ଘୋଷଙ୍କୁ ଏକ କଡ଼ା ପ୍ରତିଦ୍ୱନ୍ଦ୍ୱିତାରେ ପରାସ୍ତ କରିଥିଲେ। ୨୦୨୬ ନିର୍ବାଚନୀ ଶପଥପାଠ ଅନୁଯାୟୀ, ବିଜେପି ବିଧାୟକ ଅଗ୍ନିମିତ୍ରା ପଲଙ୍କ ମୋଟ୍ ସମ୍ପତ୍ତି ପ୍ରାୟ ୩.୯ କୋଟି ଟଙ୍କା।

# ରାହୁଲ ଗାନ୍ଧିଙ୍କ ନକଲି ସଚିବ ଗିରଫ



ନୂଆଦିଲ୍ଲୀ,୭।୫ଃ ନିଜକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବ୍ୟକ୍ତିଗତ ସଚିବ ଭାବରେ ପରିଚୟ ଦେଇ ଦଳୀୟ ନେତାମାନଙ୍କଠାରୁ କୋଟି କୋଟି ଟଙ୍କା ଠକିବା ଅଭିଯୋଗରେ ଅଭିଯୁକ୍ତ ଜଣେ ୪୨ ବର୍ଷୀୟ ବ୍ୟକ୍ତିଙ୍କୁ ଉତ୍ତରାଖଣ୍ଡର ଏକ କୋର୍ଟ ୧୪ ଦିନିଆ ନ୍ୟାୟିକ ହାଜତକୁ ପଠାଇଛନ୍ତି। ଡେରାଡୁନର କଂଗ୍ରେସ ନେତା ଭାବନା ପାଣ୍ଡେ ମେ’ ୩ ତାରିଖରେ ରାଜପୁର ପୋଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା। କଂଗ୍ରେସ ହାଇକମାଣ୍ଡଙ୍କ ନିକଟତର ବୋଲି ଦାବିକରି ଜଣେ ବ୍ୟକ୍ତି ତାଙ୍କଠାରୁ ୨୫ ଲକ୍ଷଟଙ୍କା ଠକିଥିବା ପାଣ୍ଡେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଡେରାଡୁନ ପୁଲିସ ଅମୃତସରର ଗୌରବ କୁମାର ନାମକ ଏହି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟରେ ହାଜର କରିଥିଲା।

### ସୋହରାବୁଦ୍ଦିନ ଏନକାଉଣ୍ଟର ମାମଲା

## ୨୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ



ମୁମ୍ବାଇ,୭।୫ଃ ଗୁଜରାଟର ଚର୍ଚ୍ଚିତ ସୋହରାବୁଦ୍ଦିନ ଶେଖ ଏନକାଉଣ୍ଟର ମାମଲାରେ ଆସିଛି ବମ୍ବେ ହାଇକୋର୍ଟଙ୍କ ରାୟ। କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ମାମଲାର ୨୧ ପୋଲିସ କର୍ମଚାରୀଙ୍କ ସମେତ ମୋଟ ୨୨ ଅଭିଯୁକ୍ତଙ୍କୁ ମୁକ୍ତ କରିବା ଲାଗି ସ୍ୱତନ୍ତ୍ର କୋର୍ଟଙ୍କ ରାୟ ହାଇକୋର୍ଟରେ କାୟମ ରହିଛି। ସିବିଆଇ ସ୍ୱତନ୍ତ୍ର କୋର୍ଟ ଡିସେମ୍ବର ୨୦୧୮ରେ ସବୁ ଅଭିଯୁକ୍ତଙ୍କୁ ଦୋଷ ମୁକ୍ତ କରିଥିଲେ। ତେବେ ସ୍ୱତନ୍ତ୍ର କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୋହରାବୁଦ୍ଦିନଙ୍କ ଦୁଇ ଭାଇ ଏପ୍ରିଲ ୨୦୧୯ରେ ହାଇକୋର୍ଟରେ ଆବେଦନ କରିଥିଲେ। ଦୀର୍ଘ ବର୍ଷ ପରେ ହାଇକୋର୍ଟ ଅଭିଯୁକ୍ତଙ୍କୁ ଆଶ୍ୱସ୍ତି ଦେଇଛନ୍ତି। ନିର୍ଦ୍ଦୋଷରେ ମୁକ୍ତ ହୋଇଥିବା ପୋଲିସ କର୍ମଚାରୀଙ୍କ ମଧ୍ୟରେ ଗୁଜରାଟ, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶର ଅଧିକାରୀ ଓ ଜବାନ ଅଛନ୍ତି। ୨୦୧୮ରେ ଟ୍ରାୟଲ କୋର୍ଟ ସ୍ପଷ୍ଟ କରିଥିଲେ ଯେ ସୋହରାବୁଦ୍ଦିନ ଜଣେ ବାଞ୍ଛିତ ତଥା ଦୁର୍ଦ୍ଧାନ୍ତ ଅପରାଧୀ ଥିଲା, ଯାହା ବିରୋଧରେ ଗୁଜରାଟ ଓ ରାଜସ୍ଥାନରେ ହତ୍ୟା, ଅପହରଣ, ଅସୁଲି ଭଳି ଅନେକ ଗୁରୁତର ମାମଲା ସବୁ ଥିଲା। ସିବିଆଇ ଅନୁସାରେ ୨୩ ନଭେମ୍ବର ୨୦୦୫ରେ ସୋହରାବୁଦ୍ଦିନ, ତା ପତ୍ନୀ କୌଶର ବି ଓ ସହଯୋଗୀ ତୁଳସୀରାମ ପ୍ରଜାପତି ହାଇଦ୍ରାବାଦରୁ ସାଙ୍ଗଲୀ ଯାଉଥିବା ବେଳେ ଏକ ଲଗଜୁରୀ ବସରୁ ଅପହୃତ ହୋଇଥିଲେ। ଯାଞ୍ଚ ଏଜେନ୍ସୀ ଦାବି କରିଥିଲା ଯେ ପ୍ରଥମେ ସୋହରାବୁଦ୍ଦିନ ଓ ତାଙ୍କ ପତ୍ନୀଙ୍କୁ ଗୁଜରାଟର ଏକ ଫାର୍ମ ହାଉସରେ ବନ୍ଧକ କରାଯାଇଥିଲା, ପରେ ନଭେମ୍ବର ୨୦୦୫ରେ ସେମାନଙ୍କୁ ଅହମଦାବାଦରେ ମିଥ୍ୟା ଏନକାଉଣ୍ଟର କରାଯାଇଥିଲା। ଏହାର ତୁରନ୍ତ ବାଦ ତାଙ୍କ ପତ୍ନୀଙ୍କୁ ମଧ୍ୟ ହତ୍ୟା କରିଦିଆଯାଇଥିଲା। ତେବେ ତୁଲସୀ ରାମ ପ୍ରଜାପତିଙ୍କ ଏନକାଉଣ୍ଟର ବର୍ଷକ ପରେ ହୋଇଥିଲା।

# ପ୍ରତ୍ୟାହୃତ ହେଲା ନିର୍ବାଚନ ଆଚରଣ ବିଧି




ନୂଆଦିଲ୍ଲୀ,୭।୫ଃ ନିର୍ବାଚନ ଆୟୋଗ (ଇସି) ମାର୍ଚ୍ଚ ୧୫ ତାରିଖରେ ଲାଗୁ କରିଥିବା ଆଦର୍ଶ ଆଚରଣ ସଂହିତା (ଏମସିସି) ଗୁରୁବାର ପ୍ରତ୍ୟାହାର କରିଛନ୍ତି। ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ପ୍ରଦେଶ ନିମନ୍ତେ ଏହି ଆଚରଣ ସଂହିତା ଜାରି ହୋଇଥିଲା। ଦିଲ୍ଲୀସ୍ଥିତ ନିର୍ବାଚନ ସଦନରୁ ଜାରି ଅଧିକାରୀକ ବୟାନରେ ଆୟୋଗ କହିଛନ୍ତି ଯେ ଆସାମ, କେରଳମ୍, ତାମିଲନାଡୁ, ପଶ୍ଚିମବଙ୍ଗ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ସହିତ ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, ନାଗାଲ୍ୟାଣ୍ଡ ଓ ତ୍ରିପୁରା ଉପନିର୍ବାଚନ ଫଳାଫଳ ଆସିବା ପରେ ଏମସିସି ତୁରନ୍ତ ପ୍ରଭାବ ହଟାଇ ଦିଆଯାଇଛି। ତେବେ ପତ୍ରରେ ଉଲ୍ଲେଖ ରହିଛି ଯେ ପଶ୍ଚିମବଙ୍ଗର ୧୪୪-ଫାଲଟା ବିଧାନସଭା ନିର୍ବାଚନ ମଣ୍ଡଳିରେ ଏବେ ଆଦର୍ଶ ଆଚରଣ ସଂହିତା ଜାରି ରହିବ। ଏଠାରେ ସାନି ନିର୍ବାଚନ ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ସହ ଆଚରଣ ବିଧି ହଟାଇ ଦିଆଯାଇଥିବାରୁ ନବ ନିର୍ବାଚିତ ସରକାର ଓ ପ୍ରଶାସନ ନିୟମିତ ଶାସନ ଗତିବିଦ୍ଧି ଜାରି ରଖି ପାରିବେ। ଏଥିରେ ସେମାନେ ନୀତିଗତ ଘୋଷଣା ଓ ପ୍ରଶାସନିକ ନିଷ୍ପତ୍ତିକୁ ପୁଣି କାର୍ଯ୍ୟକାରୀ କରିପାରିବେ। ଆଚରଣ ସଂହିତା ନିର୍ବାଚନ ଆୟୋଗ ଦ୍ୱାରା ରାଜନୈତିକ ଦଳ ଓ ସରକାରଙ୍କ ଆଚରଣକୁ ନିର୍ବାଚନ କାଳରେ ନିୟନ୍ତ୍ରିତ କରିବା ଲାଗି ଜାରି କରାଯାଉଥିବା ଗାଇଡଲାଇନର ଏକ ସେଟ୍। ଏହା କାର୍ଯ୍ୟକାରୀ ହେଲେ ସରକାରଙ୍କ ନୂଆ ଯୋଜନା ଘୋଷଣା, ନୀତିଗତ ନିଷ୍ପତ୍ତି ନେବା ଓ ନିର୍ବାଚନ ଲାଭ ଲାଗି ଅଧିକାରୀକ ମେସିନାରୀ ଉପଯୋଗକୁ ରୋକି ଥାଏ। ଦେଶରେ ବିଧାନସଭା ନିର୍ବାଚନ ଓ ଉପନିର୍ବାଚନ ବିଭିନ୍ନ ପର୍ଯ୍ୟାୟରେ ଶେଷ ହୋଇଛି। ଏହି ସବୁ ନିର୍ବାଚନର ଫଳାଫଳ ମଧ୍ୟ ଆସି ସାରିଲାଣି।

# ଯିଏ ହତ୍ୟା କରିଛି, ସେ ଆତଙ୍କବାଦୀ: ଶୁଭେନ୍ଦୁ



ନୂଆଦିଲ୍ଲୀ,୭।୫ଃ ବୁଧବାର ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ପିଏଙ୍କୁ ଗୁଳି କରି ହତ୍ୟା କରାଯିବା ପରେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ଏହାକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ଶୁଭେନ୍ଦୁ ଅଧିକାରୀ। ଶୁଭେନ୍ଦୁ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, ଚନ୍ଦ୍ରନାଥ ମୋର ନିକଟତର ହୋଇଥିବାରୁ ତାଙ୍କୁ ଜାଣିଶୁଣି ହତ୍ୟା କରାଯାଇଛି। ଭବାନୀପୁରରେ ମମତାଙ୍କୁ ପରାସ୍ତ କରିଥିବାବେଳେ ଏହି ରାଗରେ ତାଙ୍କୁ ହତ୍ୟା କରାଯାଇଥିବା ସେ କହିଛନ୍ତି। ଯିଏ ହତ୍ୟା କରିଛି ସେ ଜଣେ ଆତଙ୍କବାଦୀ। ଆକ୍ରମଣକାରୀମାନେ ଗତକାଲି ଏକ ମୋଟରସାଇକେଲରେ ଆସି ଚନ୍ଦ୍ରନାଥଙ୍କୁ ଗୁଳି କରିଥିଲେ। ତାଙ୍କର ମୃତ୍ୟୁ ଘଟିବା ସହ ଗାଡ଼ିରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଆହତ ହୋଇଥିଲେ। ପୋଲିସ ଏହି ମାମଲାର ତଦନ୍ତ କରୁଛି। ତଦନ୍ତର କେନ୍ଦ୍ରରେ ରହଛି ଏକ ରୂପା ରଙ୍ଗର ଗାଡ଼ି ଯାହା ଚନ୍ଦ୍ରନାଥ ରଥଙ୍କ ଗାଡ଼ିକୁ ଅଟକାଇଥିଲା।

# ଆମେରିକା ଓ ଇରାନ ଶାନ୍ତି ଚୁକ୍ତିର ନିକଟତର



ତେହେରାନ,୭।୫ଃ ଆମେରିକା ଓ ଇରାନ୍ ଯୁଦ୍ଧ ଶେଷ କରିବା ପାଇଁ ଉଦ୍ଦିଷ୍ଟ ଏକ ଚୁକ୍ତିନାମାର ନିକଟବର୍ତ୍ତୀ ହେଉଛନ୍ତି ବୋଲି ଏକ ସୂତ୍ରକୁ ଉଦ୍ଧାର କରି ସିଏନଏନ୍ କହିଛି। ଯୁଦ୍ଧ ଶେଷ କରିବା ନେଇ ଇରାନ୍ କି ବିଚାର କରୁଛି ସେକଥା ତେହେରାନ୍ ଗୁରୁବାର ପାକିସ୍ତାନକୁ ଜଣାଇପାରେ ବୋଲି ଆଶା କରାଯାଉଛି । ଇରାନ ସହିତ ଆମେରିକାର କଥାବାର୍ତ୍ତା ଖୁବ୍ ଭଲ ତଥା ସକାରାତ୍ମକ ପର୍ଯ୍ୟାୟରେ ରହିଛି ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିଲେ । କିନ୍ତୁ ଇରାନ ଯଦି କୌଣସି ଚୁକ୍ତିରେ ରାଜି ନହୁଏ ସେ ପୁଣିଥରେ ବୋମାମାଡ଼ କରିବେ ବୋଲି ଚେତାବନୀ ମଧ୍ୟ ଦେଇଥିଲେ । ଏପଟେ, ହ୍ୱାଇଟ୍ ହାଉସ୍ ଇରାନ୍ ଦେଇଥିବା ୧୪ ସୂତ୍ରୀ ବୁଝାମଣାପତ୍ରର ଖୁବ୍ ନିକଟତର ହୋଇଛି ବୋଲି ଆମେରିକାର ସମ୍ବାଦ ସଂସ୍ଥା ଆକ୍ସିଓସ୍ ବୁଧବାର ଦିନ ତା’ର ରିପୋର୍ଟରେ କହିବା ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ କରିବା ଲାଗି ଆମେରିକା ଦେଇଥିବା ପ୍ରସ୍ତାବ ଏବେ ସୁଦ୍ଧା ବିଚାରାଧୀନ ଅଛି ବୋଲି ଇରାନ ପକ୍ଷରୁ କୁହାଯାଇଥିଲା। ଇରାନ ସଂସଦର ଜଣେ ବରିଷ୍ଠ ସଦସ୍ୟ ଏହାକୁ ଏକ ‘ୱିସ୍ ଲିଷ୍ଟ’ ବୋଲି ଆକ୍ସିଓସର ରିପୋର୍ଟକୁ ଖାରଜ କରିଦେଇଥିଲେ । ସେହି ସମୟରେ, ଆମେରିକା ପ୍ରସ୍ତାବକୁ ନେଇ ଇରାନ୍ କ’ଣ ବିଚାର କରୁଛି ତାହା ପାକିସ୍ତାନ ଜରିଆରେ ହ୍ୱାଇଟ୍ ହାଉସକୁ ଜଣାଇଦେବ ବୋଲି ଇରାନ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର ସ୍ପଷ୍ଟ କରିଦେଇଥିଲେ । ଅପରପକ୍ଷରେ, ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ସ୍ଥାପନ କରିବାକୁ ପାକିସ୍ତାନ ତା’ର ଅହରହ ଉଦ୍ୟମ କରିଚାଲିଛି। ଯୁଦ୍ଧବିରତିକୁ ସ୍ଥାୟୀ ଯୁଦ୍ଧ ସମାପ୍ତିରେ ପରିଣତ କରିବାକୁ ତାଙ୍କ ଦେଶ ନିରନ୍ତର ଉଦ୍ୟମ ଜାରି ରଖିଛି ବୋଲି ପାକିସ୍ତାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ।

# ମାଛ ଉତ୍ପାଦନରେ ଆନ୍ଧ୍ରପ୍ରଦେଶ ଆଗରେ

## ଆମେରିକାରେ ରହିଛି ଆନ୍ଧ୍ର ଚିଙ୍ଗୁଡ଼ିର ଆଦର



ନୂଆଦିଲ୍ଲୀ, ୭।୫ଃ ସମଗ୍ର ବିଶ୍ୱରେ ଭାରତୀୟ ମାଛର ଚାହିଦା ବୃଦ୍ଧି ପାଉଛି। ଭାରତ ବିଶ୍ୱର ପ୍ରାୟ ୧୩୦ଟି ଦେଶକୁ ମାଛ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି କରୁଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ଏକ ପରିସଂଖ୍ୟାନ ରେକର୍ଡରୁ ଜଣାପଡ଼ିଛି। ତେବେ ମାଛ-ଭାତ ପାଇଁ ପ୍ରସିଦ୍ଧ ପଶ୍ଚିମବଙ୍ଗକୁ ଏଥର ପଛରେ ପକାଇ ମତ୍ସ୍ୟ, ପଶୁପାଳନ ଏବଂ ଡାଏରୀ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ଆନ୍ଧ୍ରପ୍ରଦେଶ ଆଗରେ ରହିଛି। ଭାରତଠାରୁ ମାଛ ଆମଦାନୀ କରୁଥିବା ତାଲିକାରେ ଆମେରିକାର ନାମ ଆଗରେ ରହିଛି। ଏହାବ୍ୟତୀତ ଚୀନ୍, ଜାପାନ, ମଧ୍ୟ-ପ୍ରାଚ୍ୟ ଏବଂ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ ଭାରତୀୟ ମାଛର ଚାହିଦା ରହିଥିବା ପରିସଂଖ୍ୟାନ ରିପୋର୍ଟ ଦର୍ଶାଇଛି। ବିଶାଖାପାଟଣା ଏବଂ କାକିନାଡ଼ା ଭଳି ବନ୍ଦରଗୁଡ଼ିକ ମାଧ୍ୟମରେ ଏହି ରପ୍ତାନି କାର୍ଯ୍ୟ ହେଉଥିବାରୁ ଆନ୍ଧ୍ରର ଚାଷୀମାନେ ସିଧାସଳଖ ଭାବେ ଭଲ ମୁନାଫା ପାଉଛନ୍ତି। ରାଜ୍ୟର ଗରମ ଏବଂ ଆଦ୍ର ଜଳବାୟୁ ମଧ୍ୟ ମାଛ ବଂଶବୃଦ୍ଧି ପାଇଁ ବେଶ୍ ସହାୟକ ହେଉଛି। ମତ୍ସ୍ୟ ପାଳନ, ପଶୁପାଳନ ଏବଂ ଦୁଗ୍ଧ ବିଭାଗ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ଭାରତରେ ମାଛ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ଧରଣର ବିପ୍ଳବ ଆସିଛି। ୨୦୧୯-୨୦ ବର୍ଷରେ ଦେଶର ମୋଟ ମାଛ ଉତ୍ପାଦନ ୧୪୧.୬୦ ଲକ୍ଷ ଟନ୍ ଥିବାବେଳେ, ୨୦୨୪-୨୫ ବର୍ଷରେ ଏହା ପ୍ରାୟ ୩୮ ପ୍ରତିଶତ ବୃଦ୍ଧି ପାଇ ୧୯୭.୭୫ ଲକ୍ଷ ଟନ୍ରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମଏମଏସୱାଇ)ଆରମ୍ଭ ହେବା ପରେ ଦେଶର ମତ୍ସ୍ୟ ଚାଷୀମାନେ ଅଧିକ ଲାଭବାନ ହେଉଥିବା ଏହି ପରିସଂଖ୍ୟାନରୁ ସ୍ପଷ୍ଟ ଜଣାପଡୁଛି। ମନ୍ତ୍ରଣାଳୟର ତାଲିକା ଅନୁଯାୟୀ ଆନ୍ଧ୍ରପ୍ରଦେଶ ପ୍ରଥମସ୍ଥାନରେ ଥିବା ବେଳେ ପଶ୍ଚିମବଙ୍ଗ ଦ୍ୱିତୀୟ ସ୍ଥାନରେ ରହିଛି। ଆନ୍ଧ୍ରପ୍ରଦେଶର ଏହି ସଫଳତା ପଛରେ ବହୁ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି। ଆନ୍ଧ୍ରପ୍ରଦେଶ ପାଖରେ ବଙ୍ଗୋପସାଗରର ପ୍ରାୟ ୯୭୦ କିଲୋମିଟର ଲମ୍ବା ଉପକୂଳ ରହିଛି, ଯାହା ସାମୁଦ୍ରିକ ମାଛ ଓ ଚିଙ୍ଗୁଡ଼ି ଚାଷ ପାଇଁ ବରଦାନ ସଦୃଶ। କୃଷ୍ଣା ଓ ଗୋଦାବରୀ ଭଳି ବଡ଼ ନଦୀର ଡେଲଟା ଅଞ୍ଚଳରେ ବ୍ୟାପକ ଭାବେ ମତ୍ସ୍ୟ ଚାଷ କରାଯାଉଛି। ଆନ୍ଧ୍ରପ୍ରଦେଶ ଭାରତର ଚିଙ୍ଗୁଡ଼ି ଉତ୍ପାଦନର ପ୍ରମୁଖ କେନ୍ଦ୍ର। ଏଠାରେ ବୈଜ୍ଞାନିକ ପଦ୍ଧତିରେ ଚାଷ କରାଯାଉଥିବା ଚିଙ୍ଗୁଡ଼ି ଆମେରିକା, ଚୀନ୍ ଏବଂ ୟୁରୋପୀୟ ବଜାରକୁ ରପ୍ତାନି କରାଯାଉଛି।

‘ସଠିକ ବନ୍ଦୋବସ୍ତ କରି ଶ୍ରୀଜଗନ୍ନାଥଙ୍କ ଜମିରେ ସମସ୍ତଙ୍କୁ ଥଇଥାନ କରାଯିବ’

# ସଂଶୋଧିତ ହେବ ୟୁନିଫର୍ମ ସେଟଲମେଣ୍ଟ ପଲିସି-୨୦୦୩

ଭୁବନେଶ୍ୱର,୭।୫ (ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ହଜାର ହଜାର ଏକର ଭୂସମ୍ପତ୍ତି ରହିଛି। ଏହି ଭୂସମ୍ପତ୍ତି ମଧ୍ୟରୁ ଅନେକ ସ୍ଥାନରେ ଶ୍ରୀମନ୍ଦିର ସହ ଜଡ଼ିତ ସେବକ, ନିଯୋଗ ଏପରିକି ଅଣସେବକମାନେ ବର୍ଷ ବର୍ଷ ଧରି ବସତି ସ୍ଥାପନ କରି ରହି ଆସୁଛନ୍ତି। ପୂର୍ବରୁ ଥିବା ୟୁନିଫର୍ମ ସେଟେଲମେଣ୍ଟ ପଲିସି ୨୦୦୩ରେ ଆବଶ୍ୟକ ସଂଶୋଧନ ଜରିଆରେ ମହାପ୍ରଭୁ



## ଉପକୃତ ହେବେ ସେବାୟତ ଓ ନିଯୋଗ

ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିକୁ ସଠିକ ବନ୍ଦୋବସ୍ତ ଜରିଆରେ ସମସ୍ତଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀଜଗନ୍ନାଥଙ୍କ ନମରେ ଥିବା ଜମିରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବକ, ନିଯୋଗ, ଅଣସେବକ ଏବଂ ମଠଗୁଡ଼ିକୁ କିପରି ସଠିକ୍ ବନ୍ଦୋବସ୍ତ କରାଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା। ଏଥିସହିତ ଜଗନ୍ନାଥଙ୍କ ଜମିକୁ ଅସତ୍ ଉପାୟରେ ଜବରଦଖଲ କରିବା ନେଇ ତଦନ୍ତ ହେବା ସହ ଆବଶ୍ୟକସ୍ଥଳେ ଏହାକୁ ନିଲାମ ପ୍ରକ୍ରିୟାରେ ସାମିଲ କରିବା ନେଇ ଆଲୋଚନା ହୋଇଥିଲା। ଏହି ପ୍ରକ୍ରିୟା ଫଳରେ ଦୀର୍ଘଦିନ ଧରି ବସବାସ କରୁଥିବା ସେବକ-ନିଯୋଗମାନେ ବସବାସ କରୁଥିବା ଜମିରେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ। ଏଥିସହିତ ଜବରଦଖଲରେ ଥିବା ଜମିରୁ ସର୍ବାଧିକ ମୂଲ୍ୟ ଜରିଆରେ ଆଦାୟ ଅର୍ଥ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପାଣ୍ଠିକୁ ଆସିପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ଲ’ କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ ସୂର୍ଯ୍ୟ ମିଶ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର ଆୟୁକ୍ତ ସତ୍ୟ ନାରାୟଣ ଷଡ଼ଙ୍ଗୀ ଏବଂ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଶାସନର ତତ୍ପରତା ଉପରେ ପ୍ରଶ୍ନ ଉଠାଇଲା କ୍ରାନ୍ତି ସେନା

ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ଓଡ଼ିଶାର ଆଇନଶୃଙ୍ଖଳା ବ୍ୟବସ୍ଥା ଦିନକୁ ଦିନ ଚିନ୍ତାଜନକ ସ୍ଥିତିରେ ପହଞ୍ଚିବାରେ ଲାଗିଛି। ସାଧାରଣ ଲୋକଙ୍କ ମନରେ ସୁରକ୍ଷାର ଭାବନା କମିବା ସହ ଅପରାଧୀମାନେ ଖୋଲାଖୋଲି ଅପରାଧ କରିବାକୁ ସାହସ ପାଉଛନ୍ତି। ହତ୍ୟା, ଗୁଣ୍ଡାଗିରି, ଅପରାଧ ଭଳି ଘଟଣା ବୃଦ୍ଧି ପାଉଥିବା ବେଳେ ପ୍ରଶାସନର କଠୋରତା ଓ ତତ୍ପରତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି କ୍ରାନ୍ତି ସେନା। ସେନାର ଆବାହକ ପାର୍ଥସାରଥୀ ମୁଦୁଲି କହିଛନ୍ତି ଯେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଯୁବକକୁ ପୁଲିସ ଉପସ୍ଥିତିରେ ପିଟିପିଟି ସର୍ବସମ୍ମୁଖରେ ହତ୍ୟା କରାଯିବା ଘଟଣା ଅତ୍ୟନ୍ତ ବର୍ବର କାଣ୍ଡ। ଏହା କୌଣସି ଆତଙ୍କରାଜଠାରୁ କମ୍ ନୁହେଁ। ଯଦି ପୁଲିସ୍ ସାମ୍ନାରେ ହତ୍ୟା ଭଳି ସଙ୍ଗିନ ଅପରାଧ ସଂଘଠିତ ହୁଏ, ତା’ହେଲେ ଲୋକେ କାହାକୁ ସୁରକ୍ଷା ମାଗିବେ। ଏପରି ଘଟଣା ଅପରାଧୀମାନଙ୍କ ଆଗରେ ପୁଲିସ ପ୍ରଶାସନର ଅସହାୟତା ବୋଲି କୁହାଯିବ। ତେଣୁ ଏପରି ଘଟଣାକୁ କଠୋର ହସ୍ତରେ ଦମନ କରାଯିବାର ଆବଶ୍ୟକତା ରହିଛି। ନଚେତ୍ ଲୋକଙ୍କ ମନରେ ଅସନ୍ତୋଷ ଓ ଅସୁରକ୍ଷା ଭାବନା ବଢ଼ିବ ବୋଲି ଶ୍ରୀ ମୁଦୁଲି କହିଛନ୍ତି।



‘ଉଲଟା ଲଟ୍‌କା କେ ମାରେଙ୍ଗେ’ ମନ୍ତବ୍ୟର ପ୍ରତିଫଳନ

## କାହିଁକି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଲାନି ପୁଲିସ ?

ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତାରେ ଜଣେ ଯୁବକକୁ ଅତ୍ୟନ୍ତ ଅମାନୁଷିକ ଭାବେ ପୁଲିସ ଉପସ୍ଥିତିରେ ମାଡ ମାରି ହତ୍ୟା କରିବା ଘଟଣାକୁ ରାଜ୍ୟ କଂଗ୍ରେସ ତୀବ୍ର ନିନ୍ଦା କରିଛି। ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇବା ସହ ସୁରକ୍ଷା ଦେବା ପାଇଁ ଥିବା ପୁଲିସ ଛିଡ଼ା ହୋଇ ତାମସା ଦେଖିବାଠାରୁ ବଳି ଲଜ୍ଜାଜନକ ଘଟଣା କ’ଣ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ପୁଲିସ ଚାହିଁଥିଲେ ୧୦ ମିନିଟରେ ଫୋର୍ସ ଆଣି ଭିଡ଼କୁ ନିୟନ୍ତ୍ରଣ କରିପାରିଥାନ୍ତା। ଏଥିରେ ସ୍ଥାନୀୟ ପୁଲିସର ଅବହେଳାକୁ ନେଇ ପ୍ରଶ୍ନ ଉଠିଛି। ମୃତ ସୌମ୍ୟ ରଞ୍ଜନଙ୍କୁ ମାଡ଼ମାରି ପଶୁଙ୍କ ଭଳି ହାତ ଗୋଡ଼ ଠେଙ୍ଗାରେ ବାନ୍ଧି ଝୁଲାଇ ଦିଆଯାଇଥିଲା। ସ୍କୁଟି ଯୋଗେ ଯାଉଥିବା ଭିଙ୍ଗାରପୁର ଦୁଇ ଜଣ ଯୁବତୀଙ୍କୁ କଟକ ଓଲଟପୁର ଅଞ୍ଚଳର ସୌମ୍ୟ ରଞ୍ଜନଙ୍କ ଗାଡ଼ି ଧକ୍କା ଦେଇଥିଲା ଓ ଏହି ସାମାନ୍ୟ ଘଟଣାରୁ ବଚସା ହୋଇ ନିର୍ଘୃମ ମାଡ଼ ମାରି ହତ୍ୟା ପର୍ଯ୍ୟନ୍ତ କଥା ଗଲା। ଆଇନଶୃଙ୍ଖଳାକୁ କାହାରି ବି ଖାତିର ନାହିଁ। ଗୃହମନ୍ତ୍ରୀ ‘ଉଲଟା ଲଟ୍‌କା କେ ମାରେଙ୍ଗେ’ ବୋଲି ଭାଷଣ ଦେଉଛନ୍ତି ଓ ଲୋକେ ତାହାର ଅନୁସରଣ କରୁଛନ୍ତି। ଏହା ତା’ର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ସେହିପରି ଦଳ ପକ୍ଷରୁ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାୟିତ୍ୱରେ ଅଛନ୍ତି, କିନ୍ତୁ ଓଡ଼ିଶା ଆଜି ସମ୍ପୂର୍ଣ୍ଣ ଅଶାନ୍ତ। ସାରା ରାଜ୍ୟରେ ସାମଗ୍ରିକ ବିକାଶ ପରିବର୍ତ୍ତେ ଏକ ଭୟ ଓ ଗୁଣ୍ଡାରାଜର ବିକାଶ ହୋଇଛି। ଏହା ବୋଧହୁଏ ବିଜେପି ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି। କଣାସରେ ଘଟିଥିବା ମର୍ମନ୍ତୁଦ ହତ୍ୟା ଘଟଣାକୁ ୫ ଦିନ ନପୂରୁଣୁ ଏଭଳି ଏକ ଦାରୁଣ ଘଟଣା ପୁଲିସର ଦକ୍ଷତା ଉପରେ ଅବିଶ୍ୱାସ ସୃଷ୍ଟି କରିଛି ବୋଲି ଉକ୍ତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

## ସିସିଟିଭିରେ ରଙ୍ଗ ମାରି ଏଟିଏମ ଲୁଟିଲେ ଦୁର୍ବୃତ୍ତ



ଉଦଳା,୭।୫(ସଂଚାର ବ୍ୟୁରୋ): ଏଟିଏମ ଲୁଟିନେଲେ ଦୁର୍ବୃତ୍ତ। ତେବେ ଏଥର ଲୁଟେରାମାନେ ଏଟିଏମ୍ ଲୁଟିବା ସକାଶେ ନୂଆ ଫଣ୍ଡା ଆପଣାଇଛନ୍ତି। ନିଜ ଚେହେରାକୁ ସିସିଟିଭିରୁ ବଞ୍ଚାଇବା ପାଇଁ ସେଥିରେ ଲାଲ ରଙ୍ଗର ସ୍ପ୍ରେ ମାରି ଲୁଟେରାମାନେ ଏଟିଏମ୍ ଲୁଟିଛନ୍ତି। ଏଭଳି ଘଟଣା ଖୁଣ୍ଟା ଥାନାଠାରୁ ମାତ୍ର ୩ଶହ ମିଟର ଦୂରବର୍ତ୍ତୀ ବଙ୍ଗଳା ଛକରେ ଘଟିଛି। ବଙ୍ଗଳା ଛକରେ ଥିବା ଏକ ଏସବିଆଇ ଏଟିଏମରେ ଗତକାଲି ବିଳମ୍ବିତ ରାତିରେ ଏହି ଲୁଟ୍ ହୋଇଛି। ଲୁଟେରାମାନେ କାଉଣ୍ଟର୍ ବାହାରେ ଥିବା ସିସିଟିଭିରେ ଲାଲ ରଙ୍ଗ ସ୍ପ୍ରେ କରିସାରିବା ପରେ ଏଟିଏମ ଭିତରେ ପଶିଥିଲେ। ମିଳିଥିବା ଖବର ଅନୁସାରେ, ଏଟିଏମ୍ ଭିତରେ ପଶିବା ପରେ ବି ସେଠାରେ ଥିବା କ୍ୟାମେରାରେ ଦୁର୍ବୃତ୍ତମାନେ ରଙ୍ଗ ସ୍ପ୍ରେ କରିଥିଲେ। ପରେ ଗ୍ୟାସ କଟରରେ ଏଟିଏମକୁ କାଟି ସେଥିରେ ଥିବା ଟଙ୍କା ଲୁଟିନେଇ ଫେରାର୍ ହୋଇଯାଇଥିଲେ। ଏପରିକି ଲୁଟ ପରେ ସାଇରନ ବାଜିବା ଡରରେ ମୋନେ ସାଇରନକୁ ବି ପିଟି ଭାଙ୍ଗିଦେଇଛନ୍ତି। ତେବେ ଉକ୍ତ କାଉଣ୍ଟର୍‌ରୁ କେତେ ଟଙ୍କା ଲୁଟ ହୋଇଛି, ସେନେଇ କିଛି ବି ଜଣାପଡ଼ିନଥିଲେ ମଧ୍ୟ ବୁଧବାର ଏହି ଏଟିଏମରେ ଟଙ୍କା ଲୋଡ୍ ହୋଇଥିଲା। ତେଣୁ ଲୁଟେରାମାନେ ବ୍ୟାପକ ଟଙ୍କା ଲୁଟ୍ କରିଥିବା ଅନୁମାନ କରାଯାଉଛି। ଖବର ପାଇ ଖୁଣ୍ଟା ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଚନ୍ଦ୍ରନାଥ ହତ୍ୟା, ତଦନ୍ତ କରିବ ଏସ୍‌ଆଇଟି

କୋଲକାତା,୭।୫(ସଂଚାର ବ୍ୟୁରୋ): ବୁଧବାର ରାତିରେ ଅଜଣା ଆତତାୟୀ ଗୁଳିରେ ପ୍ରାଣ ହରାଇଥିବା ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥ ହତ୍ୟାକାଣ୍ଡର ତଦନ୍ତ ପାଇଁ ଏସ୍‌ଟିଏଫ୍, ସିଆଇଡି ଏବଂ ଆଇବିକୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଆଟି) ଗଠନ କରାଯାଇଛି। ଚନ୍ଦ୍ରନାଥଙ୍କୁ ହତ୍ୟା କରିବା ପାଇଁ ଅନ୍ୟ ରାଜ୍ୟରୁ ସାର୍ପ ସୁଟରମାନଙ୍କୁ ଅଣାଯାଇଥିଲା ବୋଲି ତଦନ୍ତକାରୀ ଦଳ ସନ୍ଦେହ କରୁଛି। ସେମାନଙ୍କୁ ଠାବ କରିବା ପାଇଁ ସିଆଇଡି ଟିମ୍ ଅନ୍ୟ ରାଜ୍ୟକୁ ଗସ୍ତ କରିଛି। ଗୁରୁବାର ସିଆଇଡି ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ନମୁନା ସଂଗ୍ରହ କରିଛନ୍ତି। ଆକ୍ରମଣକାରୀମାନେ ବିମାନପଥ ଦେଇ ଚାଲି ଯାଇଥାଇ ପାରନ୍ତି ବୋଲି ସନ୍ଦେହ କରି ବିମାନବନ୍ଦରର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଆକ୍ରମଣକାରୀମାନେ ପ୍ରାୟ ଗୋଟିଏ ସପ୍ତାହ ଧରି ଚନ୍ଦ୍ରନାଥ ରଥଙ୍କ ଗତିବିଧି ଉପରେ ନଜର ରଖିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତଦନ୍ତକାରୀମାନେ ତିନିଜଣଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଆକ୍ରମଣକାରୀମାନେ ବ୍ୟବହାର କରିଥିବା ଗାଡିର ନମ୍ବର ପ୍ଲେଟ୍ ନକଲି ବୋଲି ଜଣା ପଡ଼ିଛି। ସେହି ନମ୍ବର ଥିବା ପ୍ରକୃତ ଗାଡିଟି ସିଲିଗୁଡ଼ିରେ ରହିଛି। ତଦନ୍ତକାରୀମାନେ ଗାଡ଼ି ମାଲିକଙ୍କ ସହିତ ଯୋଗାଯୋଗ କରିଥିବା ବେଳେ ମାଲିକ ଗାଡ଼ି ବିକ୍ରୟ କରିବା ପାଇଁ ଏକ ଅନଲାଇନରେ ବିଜ୍ଞାପନ ପୋଷ୍ଟ କରିଥିବା ଜଣାପଡ଼ିଛି। ଅପରପକ୍ଷରେ, ପୁଅ ହତ୍ୟା ଘଟଣାରେ ତୃଣମୂଳ ଉପରେ ବର୍ଷିଛନ୍ତି ଚନ୍ଦ୍ରନାଥଙ୍କ ମାଆ। ଚନ୍ଦ୍ରନାଥଙ୍କ ହତ୍ୟାକୁ ତାଙ୍କ ମାଆ ହାସିରାଣୀ ରଥ ରାଜନୈତିକ ପ୍ରତିଶୋଧ ପରାୟଣତା ବୋଲି କହିଛନ୍ତି।

## ସ୍ପାଇନ୍ ସୋସାଇଟି ଅଫ୍ ଓଡ଼ିଶାର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ): ସ୍ପାଇନ୍ ସୋସାଇଟି ଅଫ୍ ଓଡ଼ିଶାର ତୃତୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶା ଓ ଦେଶର ଅନ୍ୟାନ୍ୟ ସ୍ଥାନରୁ ପ୍ରାୟ ୧୦୦ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ସ୍ପାଇନ୍ ସର୍ଜନ, ଅର୍ଥୋପେଡିକ୍ ସର୍ଜନ, ନ୍ୟୁରୋସର୍ଜନମାନେ ଯୋଗ ଦେଇଥିଲେ।

ଚଳିତ ବର୍ଷର ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ଥିଲା ‘ଜେରିଆଟ୍ରିକ୍ ସ୍ପାଇନ୍- ବୟସ୍କ ରୋଗୀଙ୍କ ମେରୁଦଣ୍ଡ ସମସ୍ୟା’ ଯେଉଁଥିଲେ ବୟସ୍କ ଜନସଂଖ୍ୟାରେ ମେରୁଦଣ୍ଡ ବିକାର ସହ ଜଡ଼ିତ ବର୍ଦ୍ଧିତ ଚ୍ୟାଲେଞ୍ଜ ଓ ପରିଚାଳନା ରଣନୀତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶିଷ୍ଟ ଜାତୀୟ ଅଧ୍ୟାପକମାନେ ସେମାନଙ୍କ ଅଭିଜ୍ଞତା ବଖାଣିଥିଲେ। ରୋଗ ନିର୍ଣ୍ଣୟ, ଚିକିତ୍ସା, ସର୍ବନିମ୍ନ ଆକ୍ରମଣାତ୍ମକ କୌଶଳ, ପୁନର୍ବାସ ଓ ଜେରିଆଟ୍ରିକ୍ ମେରୁଦଣ୍ଡ ଅବସ୍ଥାର ବ୍ୟାପକ ଯତ୍ନ କ୍ଷେତ୍ରରେ ସାମ୍ପ୍ରତିକ ମେଡିକାଲ ସାଇନ୍ସରେ ଆସିଥିବା ଉନ୍ନତ ଚିକିତ୍ସା ପଦ୍ଧତି ଉପରେ ସେମାନେ ନିଜ ଅଭିଜ୍ଞତା



ବାଣ୍ଟିଥିଲେ। କାର୍ଯ୍ୟକ୍ରମଟି ପାରସ୍ପରିକ କ୍ରିୟା ଓ ଦକ୍ଷତା ବିକାଶକୁ ଉତ୍ସାହିତ କରିବା ପାଇଁ ଡିଜାଇନ କରାଯାଇଥିଲା। ସମ୍ମିଳନୀର ପ୍ରମୁଖ ଆକର୍ଷଣଗୁଡ଼ିକ ମଧ୍ୟରେ ଥିଲା ନିରନ୍ତର ଚିକିତ୍ସା ଶିକ୍ଷା ଅଧିବେଶନ, ସ୍ନାତକୋତ୍ତର ପେପର ଉପସ୍ଥାପନା ଓ ଆଧୁନିକ ମେରୁଦଣ୍ଡ ଯନ୍ତ୍ରକୌଶଳ ଓ ପ୍ରକ୍ରିୟାଗୁଡ଼ିକର ବ୍ୟାବହାରିକ ପରିଚୟ ପ୍ରଦାନ। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀରେ ମେରୁଦଣ୍ଡ ଶଲ୍ୟ ଚିକିତ୍ସା ଏବଂ ଆନୁଷଙ୍ଗିକ ବିଶେଷଜ୍ଞତା କ୍ଷେତ୍ରରେ ନୂତନତମ ଉଦ୍ଭାବନ, ପ୍ରତିରୋପଣ, ପ୍ରଯୁକ୍ତିବିଦ୍ୟା ଓ ସ୍ୱାସ୍ଥ୍ୟସେବା ସମାଧାନ ପ୍ରଦର୍ଶିତ ହୋଇଥିଲା, ଯାହା ପ୍ରତିନିଧି ଏବଂ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିଥିଲା। ସମ୍ମିଳନୀର ଆୟୋଜନ କରିଥିଲେ ଅଶ୍ୱିନୀ ଟ୍ରମା ସେଣ୍ଟରର ଅଗ୍ରଣୀ ଅର୍ଥୋପେଡିକ୍ ଓ ମେରୁଦଣ୍ଡ ସର୍ଜନ ଡାକ୍ତର ଆନନ୍ଦ ବେହେରା।

## ଡବଲ ଟ୍ୟାକ୍ସେସନ ବନ୍ଦ ଦାବି



ଭୁବନେଶ୍ୱର,୭।୫ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ ପରିଷଦ ଓ ଜନ ଜାଗରଣର ଏକ ପ୍ରତିନିଧିମଣ୍ଡଳୀ ଆଜି ବିଏମସି କମିଶନର ଚଞ୍ଚଳ ରାଣାଙ୍କୁ ଭେଟି ଅବୈଧ ୟୁଜର ଫି ’ଆଦାୟ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ପୂର୍ବତନ ମୁଖ୍ୟସଚିବ ତଥା କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଞ୍ଜଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ବିଏମସି କମିଶନରଙ୍କ ସହ ଆଲୋଚନା କରିଥିଲେ। କମିଟିର ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ହାଇକୋର୍ଟର ଚୂଡାନ୍ତ ରାୟ ନଆସିବା ପର୍ଯ୍ୟନ୍ତ ୟୁଜର ଫି’ ଆଦାୟ ସମ୍ପୂର୍ଣ୍ଣ ଭାବେ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ହୋଲ୍‌ଡିଂ ଟ୍ୟାକ୍ସ ଦେଉଥିବା ସମସ୍ତ ନାଗରିକଙ୍କୁ ୟୁଜର ଫିରୁ ମୁକ୍ତି କରାଯାଉ, କାରଣ ଏହା ଡବଲ ଟ୍ୟାକ୍ସେସନ ଅଟେ ବୋଲି ସେ କହିଛନ୍ତି। ହାଇକୋର୍ଟରେ ବିଏମସି ଓ ନଗର ଉନ୍ନୟନ ବିଭାଗ ତରଫରୁ ଶୀଘ୍ର ସ୍ପଷ୍ଟୀକରଣ ଏବଂ ଆଫିଡେଭିଟ୍ ଦାଖଲ କରି ମାମଲାର ଶୁଣାଣି ଶେଷ କରିବା ସହ ଆପାର୍ଟମେଣ୍ଟ, କଲୋନି ଏବଂ ବ୍ୟବସାୟୀଙ୍କୁ ଧମକ ଦେଇ ଜୋର୍ ଜବରଦସ୍ତି କରୁଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି। ଏନେଇ ବିଏମସି କମିଶନର ପ୍ରତିନିଧି ଦଳକୁ କହିଛନ୍ତି ଯେ, ହାଇକୋର୍ଟରେ ଶୀଘ୍ର ସ୍ପଷ୍ଟୀକରଣ ଦାଖଲ କରାଯିବ। କୌଣସି ପ୍ରକାରର ଜୋର୍ ଜବରଦସ୍ତି ଆଦାୟ କରାଯିବ ନାହିଁ ଏବଂ ଦୁଇଥର ଆଦାୟ ଓ ନକଲି ରସିଦ୍ ଅଭିଯୋଗର ତଦନ୍ତ କରାଯିବ ବୋଲି ସେ ଆଶ୍ୱସନା ଦେଇଛନ୍ତି।

## ବାଗବଜାର ଗୌଡ଼ୀୟ ମିଶନରେ ଚନ୍ଦନଯାତ୍ରା

କୋଲକାତା,୭।୫(ସଂଚାର ବ୍ୟୁରୋ): ବାଗବଜାରର ଗୌଡ଼ୀୟ ମିଶନରେ ଆରମ୍ଭ ହୋଇଛି ଶ୍ରୀକୃଷ୍ଣଙ୍କ ଚନ୍ଦନଯାତ୍ରା ମହୋତ୍ସବ। ଏହା ମେ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ଶ୍ରୀବିଗ୍ରହଙ୍କୁ ଚନ୍ଦନ ଲେପନ, ସୁଗନ୍ଧିତ ପୁଷ୍ପାର୍ଚ୍ଚନା, ଆରତୀ ଏବଂ ହରିନାମ ସଂକୀର୍ତ୍ତନ କରାଯାଉଥିବା ମିଶନ ପକ୍ଷରୁ କୁହାଯାଉଛି। ଶ୍ରୀମଦ୍‌ଭାଗବତ ପାଠ, ଧାର୍ମିକ ଆଲୋଚନା ଓ ପ୍ରସାଦ ବଣ୍ଟନ କରାଯାଉଛି।

ଗୌଡ଼ୀୟ ମଠର ଆଚାର୍ଯ୍ୟ ତଥା ସଭାପତି ଭକ୍ତି ସୁନ୍ଦର ସନ୍ନ୍ୟାସୀ ମହାରାଜ କହିଛନ୍ତି, ଚନ୍ଦନଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ଭକ୍ତି ଓ ଆତ୍ମଶୁଦ୍ଧିର ଏକ ବିଶେଷ ସାଧନା। ଏହି ସମୟରେ ଭଗବାନଙ୍କୁ ଚନ୍ଦନ ଅର୍ପଣ କରି ଭକ୍ତମାନେ ତାଙ୍କ ସହ ଆତ୍ମିକ ସମ୍ପର୍କ ସ୍ଥାପନ କରନ୍ତି। ଆୟୋଜକମାନଙ୍କ ପକ୍ଷରୁ ସମସ୍ତଙ୍କୁ ଏହି ମହୋତ୍ସବରେ ସାମିଲ ହେବା ପାଇଁ ଆମନ୍ତ୍ରଣ କରାଯାଇଛି।

## ଓପିଡିରେ ମୃତଦେହ ରଖିବା ନେଇ ଅସନ୍ତୋଷ

କୋଲକାତା, ୭।୫ (ସଂଚାର ବ୍ୟୁରୋ): ମୟନାଗୁଡି ଗ୍ରାମୀଣ ଡାକ୍ତରଖାନାରେ ମୃତଦେହ ପଡ଼ି ରହିବାକୁ ନେଇ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ, ମୃତଦେହକୁ ହସ୍ପିଟାଲର ବାହ୍ୟ ରୋଗୀ ବିଭାଗ (ଓପିଡି) କୋଠରୀରେ ରଖାଯାଇଛି। ଓପିଡି ଟିକେଟ୍ କିଣିବା ସମୟରେ ଦୁର୍ଗନ୍ଧ ଯୋଗୁଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅସହଜ ଅନୁଭବ କରୁଛନ୍ତି। ମୃତଦେହକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି।

● ବେଦାନ୍ତ ଲାଞ୍ଜିଗଡ଼ ପ୍ରଥମ ୨୪ ଘଣ୍ଟିଆ ଟେଲିମେଡିସିନ୍ ସୁବିଧା ଉଦ୍‌ଘାଟନ

## ଉପକୃତ ହେବେ ୭୦ ଗ୍ରାମର ୭୦ ହଜାର ଲୋକ

ଭୁବନେଶ୍ୱର,୭।୫ (ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର ଏକ ଭର୍ଚୁଆଲ୍ ଇଭେଣ୍ଟ ମାଧ୍ୟମରେ ଟାଟାୱାନ ଏମଜି ସହଭାଗିତାରେ ଆରମ୍ଭ ହୋଇଥିବା ବେଦାନ୍ତ ଆଲୁମିନିୟମର ପ୍ରଥମ ୨୪ ଘଣ୍ଟିଆ ଟେଲିମେଡିସିନ୍ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ବେଦାନ୍ତ ଲାଞ୍ଜିଗଡ଼ ହସ୍ପିଟାଲରେ ସହାୟତା ପରାମର୍ଶ ପାଇଁ ଏକ ଉତ୍ସର୍ଗୀକୃତ ଟେଲିମେଡିସିନ୍ ରୁମ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି।




ଏହାଦ୍ୱାରା ଟାଟା ୱାନ୍ ଏମ୍‌ଜି ଆପ୍ ମାଧ୍ୟମରେ ହିତାଧିକାରୀମାନେ ୩୦ ଜଣ ବିଶେଷଜ୍ଞ ଏବଂ ସୁପର-ସ୍ପେଶାଲିଷ୍ଟ ଡାକ୍ତରଙ୍କ ମାଗଣା ଅଡିଓ ଓ ଭିଡିଓ ପରାମର୍ଶ ପାଇପାରିବେ। ଏହି ସେବା କଳାହାଣ୍ଡି ଏବଂ ଆଭ୍ୟନ୍ତରୀଣ ଅଞ୍ଚଳର ପ୍ରାୟ ୭୦ଟି ଦୂରଦୂରାନ୍ତ ଗ୍ରାମର ୭୦,୦୦୦ରୁ ଅଧିକ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ କହିଛନ୍ତି ଯେ, ବେଦାନ୍ତର ଚବିଶ ଘଣ୍ଟିଆ ଟେଲିମେଡିସିନ୍ ସୁବିଧା କଳାହାଣ୍ଡି ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବ। ବେଦାନ୍ତ ଆଲୁମିନା ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ଟେଲିମେଡିସିନ୍ ସେବା ଲଞ୍ଚ୍‌କରି ଆମେ ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ବୃଦ୍ଧି କରୁଛୁ। ପ୍ରୋଜେକ୍ଟ ଆରୋଗ୍ୟ ପ୍ରତିରୋଧକ ଯତ୍ନ, ସ୍ୱାସ୍ଥ୍ୟ ଶିବିର ଏବଂ ଚିକିତ୍ସା ପ୍ରସାର ଭଳି ବେଦାନ୍ତର ପ୍ରକଳ୍ପଗୁଡ଼ିକ ସ୍ୱାସ୍ଥ୍ୟସେବାକୁ ଦୂରଦୂରାନ୍ତ ଗ୍ରାମରେ ପହଞ୍ଚାଉଥିବାବେଳେ ପ୍ରୋଜେକ୍ଟ ସଖୀ ମହିଳାଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ଓ ଆତ୍ମନିର୍ଭର ହେବାରେ ସାହାଯ୍ୟ କରୁଛି। ପ୍ରକଳ୍ପ ସଙ୍ଗମ ଜଳଛାୟା ବିକାଶ, ଜଳସେଚନ ସହାୟତା ଏବଂ ଜଳବାୟୁ-ପ୍ରତିରୋଧୀ କୃଷି ମାଧ୍ୟମରେ କୃଷକଙ୍କ ଜୀବିକାକୁ ସୁଦୃଢ଼ କରୁଛି ବୋଲି ସେ କହିଛନ୍ତି। ଏହି ଅବସରରେ ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନିୟମର ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀ ଉପରେ ଆଲୋକପାତ କରାଯାଇଥିଲା। ଓଡ଼ିଶାରେ କମ୍ପାନୀ ୧ ଲକ୍ଷ କୋଟିରୁ ଅଧିକ ନିବେଶ କରିଛି ଓ ୨୦,୦୦୦ ରୁ ଅଧିକ ଏମଏସଏମଇ ତଥା ବ୍ୟବସାୟିକ ଅଂଶୀଦାରଙ୍କୁ ସହାୟତା କରିବୋଲି ସୂଚନା ଦିଆଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିଳ୍ପାୟନ ପାଇଁ...

ସୁଯୋଗ ସୃଷ୍ଟି ହୋଇଛି। ଏହିସବୁ କ୍ଷେତ୍ର ହେଲା- ଗ୍ରୀନ୍ ଏନର୍ଜି, ସେମି-କଣ୍ଡକ୍ଟର, ରେୟାର୍ ଆର୍ଥ, କେମିକାଲ୍ସ, ଫାର୍ମାସ୍ୟୁଟିକାଲ୍ସ, ମେଟାଲ୍ ଡାଉନଷ୍ଟ୍ରିମ୍, ଏରୋ-ସ୍ପେସ୍ ଓ ଡିଫେନ୍ସ, ଫୁଡ୍-ପ୍ରୋସେସିଂ, ଆପାରେଲ୍ ଓ ଟେକ୍ସଟାଇଲ୍, ଟୁରିଜମ୍, ଆଇଟି ଓ ଆଇଟିଇଏସ୍, ଲଜିଷ୍ଟିକ୍ସ, ଇନ୍‌ଫ୍ରାଷ୍ଟ୍ରକ୍‌ଚର୍, କ୍ୟାପିଟାଲ୍ ଗୁଡ୍ସ ଓ ଶକ୍ତି। ଏହି ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ୭୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନିଜେ ୧୩୨ ଜଣ ବିଶିଷ୍ଟ ଶିଳ୍ପପତି ଓ ଶିଳ୍ପ ପ୍ରତିନିଧିଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ। ଆଜି ମୁଖ୍ୟମନ୍ତ୍ରୀ ଭଦୋଦରାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀ ରୋଡ୍-ଶୋ'କୁ ସମ୍ବୋଧିତ କରି କହିଛନ୍ତି ଯେ ପଶ୍ଚିମ ଭାରତ ପୂର୍ବରୁ ହିଁ ଭାରତର ଶିଳ୍ପ ଅଭିବୃଦ୍ଧିର ନେତୃତ୍ୱ ନେଇସାରିଛି। ବର୍ତ୍ତମାନ ‘ବିକଶିତ ଭାରତ’ ପାଇଁ ପୂର୍ବ ଭାରତର ବିକାଶ ଜରୁରୀ ଏବଂ ଓଡ଼ିଶା ଏହି ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ। ଗୁଜରାଟ ରୋଡ୍-ଶୋ'ରେ ମୋଟ ୭୧ଟି ନିବେଶ ପ୍ରସ୍ତାବ (୮ଟି ଏମଓୟୁ ସ ୬୩ଟି ନିବେଶ ଆଗ୍ରହପତ୍ର) ମିଳିଛି। ମୁଖ୍ୟମନ୍ତ୍ରୀ ଶିଳ୍ପଗୁଡ଼ିକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଓଡ଼ିଶାର 'ଗୋ-ସ୍ୱିଫ୍ଟ' ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା ମାଧ୍ୟମରେ ନିବେଶକମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ।

### ଶିକ୍ଷା ସହ ଗବେଷଣା...

ପରିବେଶ ସୃଷ୍ଟି କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ମିଳିତ ପ୍ରୟାସ ଦୁଇ ଦେଶର ଶିକ୍ଷା ବ୍ୟବସ୍ଥାକୁ ଅନ୍ତର୍ଜାତୀୟ ସ୍ତରରେ ଯୋଡ଼ିବା ସହ ଏକ ଭବିଷ୍ୟତ ଗଠନ କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଉଚ୍ଚଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଭାରତ ଓ ନେଦରଲ୍ୟାଣ୍ଡସ ମଧ୍ୟରେ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି।

### ୧୦ ପ୍ରକଳ୍ପ ପାଇଁ...

ନିଆଯାଇଛି। ସେହିପରି ଗଜପତି ଜିଲ୍ଲାର ରାମଗିରି-ଜିରାଙ୍ଗ-ନାରାୟଣପୁର ରାସ୍ତା ଓ ଅଡ଼ବା-ପାଣିଗଣ୍ଡା ରାସ୍ତାର ପ୍ରଶସ୍ତିକରଣ ସହ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ରାସ୍ତାର ଉନ୍ନତିକରଣ ମଧ୍ୟ ଏହି ଯୋଜନାର ସାମିଲ ହୋଇଛି। ଉପାନ୍ତରୁ ନେଇ ଉପକୂଳ ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡ଼ିକର ବିକାଶ ଫଳରେ ସ୍ଥାନୀୟ ଲୋକଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ କ୍ଷେତ୍ରରେ ସୁଯୋଗ ସୁବିଧା ବୃଦ୍ଧି ପାଇବ।

### ପୁଲିସ ସାମ୍ନାରେ...

ଲୋକେ। ଏଭଳି ଏକ ଜଘନ୍ୟ କାଣ୍ଡ ଘଟିଛି ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ରାମଚନ୍ଦ୍ରପୁର ନିକଟରେ। ମୃତ ଯୁବକ ଜଣଙ୍କ ଓଲଟପୁର ଥାନା ମଉଜପୁର ଗ୍ରାମର ସୌମ୍ୟ ରଞ୍ଜନ ସ୍ୱାଇଁ ବୋଲି ଜଣାପଡ଼ିଛି। ସେ ଜିଆରପିରେ କାର୍ଯ୍ୟ କରୁଥିଲେ। ମିଳିଥିବା ସୂଚନାନୁଯାୟୀ, ବାଲିଅନ୍ତା ଥାନାଞ୍ଚଳର ୨ ଜଣ ଯୁବତୀ ସ୍କୁଟିରେ ଭିଙ୍ଗାରପୁର ଯାଉଥିଲେ। ଏହି ସମୟରେ ସୌମ୍ୟ ରଞ୍ଜନ ଓ ତାଙ୍କର ଜଣେ ସହଯୋଗୀ ଓମ୍ ପ୍ରକାଶ ରାଉତ ବାଇକରେ ଆସି ସେମାନଙ୍କୁ ଆକ୍ରମଣ କରିବା ସହ ସହ ଅସଦାଚରଣ କରିଥିଲେ। ଏନେଇ ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଉଭୟ ସୌମ୍ୟ ଓ ଓମ୍‌ଙ୍କୁ କାବୁ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ସେମାନେ ଗୁରୁତର ଭାବେ ଆହତ ହୋଇଥିଲେ। ଏନେଇ ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ବି ସେମାନଙ୍କ ସାମ୍ନାରେ ଅତି ଅମାନୁଷିକ ଭାବେ ଉତ୍ତ୍ୟକ୍ତ ଲୋକେ ଦୁଇ ଯୁବକଙ୍କୁ ପିଟିଥିବା ଅଭିଯୋଗ ହୋଇଛି। ବାଲିଅନ୍ତା ଥାନା ପୁଲିସ ସେମାନଙ୍କ କବଳରୁ ୨ ଯୁବକଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ୍ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ସୌମ୍ୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଆହତ ଓମ୍ ପ୍ରକାଶଙ୍କୁ ପୁଲିସ ଉଦ୍ଧାର କରି ଥାନାରେ ଅଟକ ରଖିଛି। ତେବେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ପୁଲିସ ଉପସ୍ଥିତିରେ ଉକ୍ତ ଦୁଇ ଯୁବକଙ୍କୁ ସ୍ଥାନୀୟ ଲୋକେ ଆକ୍ରମଣ କରିଥିବା ଅଭଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ପୁଲିସ୍ ଉପସ୍ଥିତିରେ ସେମାନଙ୍କୁ ମାଡ଼ ମରାଯାଇନାହିଁ। ସେପଟେ ମୃତକଙ୍କ ମା’ ଅଭିଯୋଗ କରିଛନ୍ତି ଯେ ଯୋଜନାବଦ୍ଧ ଭାବେ ସୌମ୍ୟଙ୍କୁ ହତ୍ୟା କରାଯାଇଛି। ଏହି ହତ୍ୟା ପଛରେ ପ୍ରେମ ସମ୍ପର୍କ ରହିଥିବା ସେ ଅଭିଯୋଗ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ...

କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଘଟଣାର ସମସ୍ତ ଦିଗ ପ୍ରତି ସଚେତନ ରହି ପ୍ରକୃତ ସତ୍ୟ ଖୋଜି ବାହାର କରିବା ପାଇଁ ଏହି ଘଟଣାରେ ଯେଉଁ ମହିଳାମାନଙ୍କ ସହ ଦୁର୍ବ୍ୟବହାର ହୋଇଥିବାର ଅଭିଯୋଗ ହୋଇଛି, ସେମାନଙ୍କ ସହ ଆଲୋଚନା କରିବାକୁ ଅଧ୍ୟକ୍ଷା ଆସନ୍ତାକାଲି ବାଲିଅନ୍ତା ଯିବେ ବୋଲି ଜଣାଯାଇଛି।

### ଲାଗୁ ହେଲା...

ଅନୁମୋଦନ ବ୍ୟବସ୍ଥା ଭାବେ କାର୍ଯ୍ୟ କରିବାର ଅଧିକାର ଦିଆଯାଇଥିବାରୁ ଗ୍ୟାସ୍ ପାଇପଲାଇନ୍ ବିଛାଇବା ଓ ଭିତ୍ତିଭୂମି ସୃଷ୍ଟି ସମ୍ବନ୍ଧୀୟ ଅନୁମତି ପ୍ରକ୍ରିୟା ଅଧିକ ସରଳ ଓ ସହଜ ହେବ। ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁସନ କ୍ଷେତ୍ରର ଦ୍ରୁତ ସମ୍ପ୍ରସାରଣକୁ ପ୍ରୋତ୍ସାହନ ଦେବା ପାଇଁ ସମସ୍ତ ଅନୁମତି ଓ ତଦାରଖ ଶୁଳ୍କକୁ ଆସନ୍ତା ୨୦୨୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏକକାଳୀନ ମୋରାଟୋରିୟମ୍ ଭିତ୍ତିରେ ଛାଡ଼ କରାଯାଇଛି। ଏହି ନୀତି ଅନୁଯାୟୀ ଆବେଦନର ୭ଟି କାର୍ଯ୍ୟ ଦିବସ ମଧ୍ୟରେ ଅନୁମତି ପ୍ରଦାନ କରିବାର ବ୍ୟବସ୍ଥା ରହିଥିବା ବେଳେ ୩୦ ଦିନ ମଧ୍ୟରେ କୌଣସି ନିଷ୍ପତ୍ତି ନ ହେଲେ ଏହାକୁ ‘ସ୍ୱତଃ ଅନୁମୋଦିତ’ ବୋଲି ଗ୍ରହଣ କରାଯିବ। ରାଜ୍ୟରେ ସିଟି ଗ୍ୟାସ ଭିତ୍ତିଭୂମି ବିକାଶ ପାଇଁ ଗେଲ ଇଣ୍ଡିଆ, ଗେଲ ଗ୍ୟାସ, ବିପିସିଏଲ, ଆଦାନୀ ଟୋଟାଲ ଓ ମେଘା ଗ୍ୟାସ ପରି ୫ଟି ପ୍ରମୁଖ ସଂସ୍ଥା ଦ୍ୱାରା ପ୍ରାୟ ୫,୧୦୦ କୋଟି ଟଙ୍କାର ନିବେଶ ସମ୍ଭାବନା ରହିଛି। ଏହା ମାଧ୍ୟମରେ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ନଗର ଭିତ୍ତିଭୂମି ଉନ୍ନତିକୁ ନୂତନ ଗତି ମିଳିବ ବୋଲି ସରକାର ଆଶା ରଖିଛନ୍ତି।

### ଟିଏମ୍‌ସି ସରକାରକୁ...

ଅନୁଯାୟୀ ପରାଜିତ ଦଳର ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ଦେବା ପରେ ରାଜ୍ୟପାଳ ବିଧାନସଭା ଭଙ୍ଗ ଘୋଷଣା କରିଥାନ୍ତି। ମାତ୍ର ପଶ୍ଚିମବଙ୍ଗ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିପରୀତ ଘଟଣା ଘଟିଛି। ଲୋକଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ରାଜ୍ୟପାଳ ଆରଏନ ରବି ପଶ୍ଚିମବଙ୍ଗ ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ପୂରା ହେବା ପରେ ଆଜି ବିଧାନସଭା ଭଙ୍ଗ କରିଛନ୍ତି। ବର୍ତ୍ତମାନର ବିଧାନସଭା ଗତ ୨୦୨୧ ମେ’ରେ ଗଠିତ ହୋଇଥିଲା। ମମତା କ୍ରମାନ୍ୱୟରେ ତୃତୀୟ ଥର ରାଜ୍ୟରେ ସରକାର ଗଠନ କରିଥିଲେ। ୨୦୨୬ ମେ’ ୪ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଧାନସଭାର କାର୍ଯ୍ୟକାଳ ଆନୁଷ୍ଠାନିକ ଭାବେ ସମାପ୍ତ ହୋଇଛି।

### ଆନ୍ଧ୍ର ପାଇଁ...

ଯଦିଓ ଏଥିରେ ଯୁଦ୍ଧ କିମ୍ବା ଦର ବୃଦ୍ଧିର କୌଣସି ସମ୍ପର୍କ ନ ଥିଲା, ହେଲେ ସାଧାରଣରେ ଦର ବଢ଼ିବାର ଆଶଙ୍କା ଦେଖାଦେଲା। ଫଳରେ ଲୋକେ ଛାନିଆ ହୋଇ କିଣାକିଣି ଆରମ୍ଭ କଲେ। ଫଳରେ କିଛି ପେଟ୍ରୋଲ୍ ଟାଙ୍କିର ଷ୍ଟକ୍ ସରିଯିବା ସହ କିଛି ଗ୍ରାହକଙ୍କୁ ସୀମିତ ପେଟ୍ରୋଲ ଦେବା ଆରମ୍ଭ କରିଦେଲେ, ଯାହାକୁ ନେଇ ଏବେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି ଏବଂ ଆଶଙ୍କା ପ୍ରକାଶ ପାଇଛି ଯେ ଖୁବଶୀଘ୍ର ତେଲ ଦର ବଢ଼ିପାରେ। କିନ୍ତୁ ସୀମାନ୍ତବର୍ତ୍ତୀ ଏହିସବୁ ଜିଲ୍ଲାକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ କୌଣସି ଜିଲ୍ଲାରେ ଏପରି ସମସ୍ୟା ନାହିଁ ବୋଲି ପେଟ୍ରୋଲ ଡିଲର ସଂଘ ସ୍ପଷ୍ଟ କରିଛି।

### ବଜ୍ରପାତରେ...

ହୋଇଥିଲା ଓ ଏଥିରେ ଉଭୟ ଶାଶୂ-ବୋହୂ ଆଶ୍ରୟ ନେଇଥିବା ବାଉଁଶବୁଦାଟି ଉପୁଡ଼ି ପଡ଼ିଥିଲା। ସେମାନଙ୍କ ଉପରେ ଏହି ବାଉଁଶ ବୁଦାଟି ଗଦା ହୋଇଯିବା ଫଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ଏହା ଦେଖି ଆଖପାଖ ଅଞ୍ଚଳରେ କାମ କରୁଥିବା ଲୋକେ ଗାଁରେ ଖବର ଦେଇଥିଲେ। ତୁରନ୍ତ ସ୍ଥାନୀୟ ଗ୍ରାମବାସୀ ସେଠାରେ ପହଞ୍ଚିବା ସହ ଖବର ପାଇବା ପରେ ଭଞ୍ଜନଗର ଦମକଳ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଉଁଶବୁଦାକୁ ହଟାଇ ଶାଶୂ-ବୋହୂଙ୍କୁ ଉଦ୍ଧାର କରିଥିଲେ। ତେବେ ସେମାନଙ୍କୁ ଭଞ୍ଜନଗର ହସ୍ପିଟାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ହସ୍ପିଟାଲ୍‌ରେ ରଖାଯାଇଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଷ୍ଟେସନ୍ ଅଫିସର୍ ଜୀବାନନ୍ଦ ଜେନା ସୂଚନା ଦେଇଛନ୍ତି।

### ବହୁମତ ଥାଇ ବି...

ବିଶ୍ୱନାଥ ଆର୍ଲେକର ସମ୍ବିଧାନର ବିରୁଦ୍ଧାଚରଣ କରୁଛନ୍ତି। ରାଜ୍ୟପାଳ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ସଖୀ କଣ୍ଢେଇ ସାଜି କାର୍ଯ୍ୟ କରୁଛନ୍ତି ବୋଲି ସେଲଭାପେରୁନଥାଗାଇ ଅଭିଯୋଗ କରିବା ସହ ସମସ୍ତ ଜିଲ୍ଲା କଂଗ୍ରେସ କମିଟି ସଭାପତିମାନଙ୍କୁ ସେମାନଙ୍କ ନିଜ ନିଜ ଅଞ୍ଚଳରେ ପ୍ରତିବାଦ ସଭା ସଂଗଠିତ କରିବାକୁ ଆହ୍ୱାନ ଦେଇଛନ୍ତି। ଚେନ୍ନାଇରେ ଆନ୍ନା ସଲାଇର ଧରାପୁରମ୍ ଟାୱାର ନିକଟରେ ସେଲଭାପେରୁନଥାଗାଇଙ୍କ ନେତୃତ୍ୱରେ ଏକ ବଡ଼ ପ୍ରତିବାଦ ପ୍ରଦର୍ଶନ କରାଯିବ। ସୂଚନାଯୋଗ୍ୟ ଯେ ରାଜ୍ୟପାଳ ଆର୍ଲେକର ଆଜି ଟିଭିକେ ମୁଖ୍ୟ ବିଜୟଙ୍କୁ ଲୋକଭବନକୁ ନିମନ୍ତ୍ରଣ କରିଥିଲେ। ତେବେ ବିଜୟ ତାମିଲନାଡୁ ବିଧାନସଭାରେ ସରକାର ଗଠନ ପାଇଁ ଆବଶ୍ୟକ ବହୁମତ ଯୋଗାଡ଼ କରିବାରେ ସମର୍ଥ ନଥିବା କହି ତାଙ୍କୁ ଫେରାଇଦେଇଥିଲେ।

# ବୈତରଣୀ ବ୍ୟାରେଜକୁ ନିୟନ୍ତ୍ରଣ କରୁଛନ୍ତି ବାଲି ମାଫିଆ

## ନୂଆ ତରିକାରେ ଚାଲିଛି ବାଲି ଲୁଟ୍

### ବୈତରଣୀ ଡ଼ିଭିଜନ ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ



ଆନନ୍ଦପୁର,୭।୫(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାର ବୈତରଣୀ ନଦୀ ପାର୍ଶ୍ୱରେ ଏବେ ବେଆଇନ ବାଲି ଉତ୍ତୋଳନ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଦିନକୁ ଦିନ ବାଲି ମାଫିଆଙ୍କ ଦାଦାଗିରି ବଢ଼ୁଥିବା ବେଳେ ସେମାନେ ନୂଆ ନୂଆ ତରିକା ଆପଣାଇ ନଦୀକୁ ଲୁଟିବାରେ ଲାଗିପଡ଼ିଛନ୍ତି। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ବୈତରଣୀ ବ୍ୟାରେଜକୁ ଆଧାର କରି ମାଫିଆମାନେ ତାଙ୍କର କାରବାର ଚାଲାଉଛନ୍ତି।

ଅଭିଯୋଗ ଅନୁଯାୟୀ, ବାଲି ମାଫିଆମାନେ ବାଲି ଲୁଟ୍ କରିବା ପରେ ସେଇ ସ୍ଥାନ ଗୁଡିକ ବିରାଟ ବଡ଼ ବଡ଼ ଖାଲ ସୃଷ୍ଟି ହେଉଛି। ଆନନ୍ଦପୁର ବ୍ୟାରେଜ ଡ଼ିଭିଜନ ବ୍ୟାରେଜରୁ ପାଣି ଛାଡ଼ି ଦେଲେ ସେହି ସ୍ଥାନ ଗୁଡିକ ପୁର୍ନବାର ସମତୁଲ ହୋଇ ଯାଉଛି ସେହି ସମୟରେ ମାଫିଆମାନେ ପୁଣି ବାଲି ଉଠାଇବାକୁ ସହଜରେ ସୁଯୋଗ ପାଇ ଯାଉଛନ୍ତି। ଏବଂ ବ୍ୟାରେଜ ବନ୍ଦ ହେଲେ ସେହିପରି ମଧ୍ୟ ଉପର ଅଞ୍ଚଳରୁ ବାଲି ଉତ୍ତୋଳନ ହେଉଛି। ଏହି ପ୍ରକାରର ଯୋଜନାବଦ୍ଧ ତରିକା ଦ୍ୱାରା ଟ୍ରାକ୍ଟର, ହାଇୱା ଦ୍ୱାରା ଦିନ ରାତି ବାଲି ପରିବହନ ହେଉଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି। ଏହା ସହିତ ବୈତରଣୀ ଡିଭିଜନ ଅଧିକାରୀଙ୍କ ଭୂମିକା ଉପରେ ମଧ୍ୟ ଗୁରୁତର ପ୍ରଶ୍ନ ଉଠୁଛି। ମାଫିଆଙ୍କ ସହ ଅଧିକାରୀମାନଙ୍କ ମଧୁଚନ୍ଦ୍ରିକା ଥିବା ଅଭିଯୋଗ ହେଉଛି।

ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି ବାଲି ମାଫିଆଙ୍କ କଥାରେ ମନ ଇଚ୍ଛା ବ୍ୟାରେଜ ଡ଼ିଭିଜନ ପାଣି ଛାଡୁଛି, ଆବଶ୍ୟକ ଥିବା ବେଳେ ଛାଡୁନି, ଅଯଥାରେ ପାଣି ଛାଡ଼ି ବାଲି ମାଫିଆଙ୍କୁ ପୂର୍ଣ୍ଣ ସହଯୋଗ କରୁଛି। ବାଲି ମାଫିଆ ଓ ବୈତରଣୀ ବ୍ୟାରେଜ ଡ଼ିଭିଜନର ଏହି ଭିତିରି ଖେଳ କାହାକୁ ଜଣା ନାହିଁ। ତେବେ ଏହି ବେଆଇନ ବାଲି ଉତ୍ତୋଳନର ପରିଣାମ ଭୟଙ୍କର ହୋଇପାରେ। ନଦୀର ପରିବେଶ ନଷ୍ଟ ହେବା ସହିତ ଜଳସ୍ତର କମିଯିବା, ପାର୍ଶ୍ୱବର୍ତ୍ତୀ ଗାଁମାନଙ୍କୁ ବନ୍ୟା ଓ ଭୂସ୍ଖଳନର ଆଶଙ୍କା ବଢ଼ିଯିବା ଭଳି ସମସ୍ୟା ଦେଖାଦେଇପାରେ। ଏହା ସହିତ ଚାଷୀମାନଙ୍କ ଜୀବନ ଓ ଜୀବିକା ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିପାରେ। ସାଧାରଣ ଲୋକମାନେ ଏହି ଅବସ୍ଥାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ପ୍ରଶାସନ କେବେ ଏହା ଉପରେ କଠୋର ପଦକ୍ଷେପ ନେବ? ବୈତରଣୀ ନଦୀକୁ କେବେ ବାଲି ମାଫିଆଙ୍କ ହାତରୁ ମୁକ୍ତ କରାଯିବ? ଯଦି ସମୟରେ କାର୍ଯ୍ୟନୁଷ୍ଠାନ ନିଆଯିବ ନାହିଁ, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ପରିବେଶୀୟ ସଙ୍କଟର ରୂପ ନେଇପାରେ ବୋଲି ପରିବେଶ ପ୍ରେମୀ ମତ ପ୍ରକାଶ କରିଛନ୍ତି।

# କଳିଙ୍ଗନଗରରୁ ଲୁଟ ବୋଲେରୋ ଝାରଖଣ୍ଡରୁ ଜବତ

## ଲୁଟେରାଙ୍କ ଲୁଟ୍ ଉଦ୍ୟମ ପଣ୍ଡ, ଡ୍ରାଇଭର ସମେତ ୨ କୋର୍ଟ ଚାଲାଣ




ଯାଜପୁର,୭।୫ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲା କଳିଙ୍ଗନଗରରୁ ଲୁଟ ବୋଲେରୋ ଝାରଖଣ୍ଡରୁ କଳିଙ୍ଗନଗର ପୋଲିସ ଉଦ୍ଧାର କରିଛି । ଏହିଁ ଘଟଣାରେ ପୋଲିସ ସମ୍ପୃକ୍ତ 2 ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଦ୍ୱୟ ହେଲେ ଝାରଖଣ୍ଡ ଚାଇଁବସା ମଝି ଗାଁର ରମେଶ କାରୁଆଙ୍କ ପୁଅ ରବି ଓରଫ ରବୀନ୍ଦ୍ର କାରୁଆ (୩୩) ଏବଂ କଳିଙ୍ଗନଗର ଥାନା ନିମପଲି ବାଘ ବାହାଳୀ ଗାଁର ବାଜଇ ଓରଫ ଗୋବିନ୍ଦ ମୁଣ୍ଡାଙ୍କ ପୁଅ ଘନ ମୁଣ୍ଡା (୩୨)। ପୁଲିସ କେସ ନଂ ୧୨୩/ ୨୦୨୬ରେ ମାମଲା ରୁଜୁ କରିଛି ।

ସୂଚନା ଯୋଗ୍ୟ ଯେ, ଗତ ୫/୫/୨୦୨୬ ଅପରାହ୍ନ ପ୍ରାୟ ୨ ଟା ରେ ମାଲିକ ଠାରୁ ଗାଡ଼ି କୁ ୧୦୦ ଟଙ୍କାରେ ଭଡା ନେଇ ବାଘବହାଲି ଯାଇଥିଲା। ହେଲେ ରାସ୍ତାରେ ବୋଲେରୋ ଗାଡି ଡ୍ରାଇଭର ଘନ ମୁଣ୍ଡାକୁ ହାଣ୍ଡିଆ ପିଆଇ ରବୀନ୍ଦ୍ର କରୁଆ ଝାରଖଣ୍ଡ ନେଇ ଯାଇଥିଲା। ଝାରଖଣ୍ଡରେ ଗାଡି ଟିକୁ ବିକ୍ରି କରିବାକୁ ମସୁଧା କରା ଯାଇଥିଲା । ଯାହାକି ଗାଡ଼ିକୁ ୩ ଲକ୍ଷ ଟଙ୍କା ରେ ବିକ୍ରି କରି ଉଭୟ ଡ୍ରାଇଭର ଘନ ଏବଂ ରବୀନ୍ଦ୍ରଙ୍କ ବାଣ୍ଟି ନେଇ ଥାନ୍ତେ । ହେଲେ ଲୁଟ ସ୍ପର୍ଶକରେ ବୋଲେରୋ ମାଲିକ ଭବାନୀ ଦେବୀ ଥାନାରେ ଅଭିଯୋଗ କରିଥିଲେ । ଯାହାଫଳରେ ପୋଲିସ ମୋବାଇଲ ଦ୍ୱାରା ଟ୍ରେସ କରି ଲୁଟ ବୋଲେରୋକୁ ଝାରଖଣ୍ଡରୁ ଉଦ୍ଧାର କରିଥିଲେ । ତେବେ ଲୁଟେରାଙ୍କ ଲୁଟ ଉଦ୍ୟମ ପଣ୍ଡ ହୋଇଥିଲା ।

# ଜଙ୍ଗଲ ସୁରକ୍ଷା ନିମନ୍ତେ ସାମୂହିକ ଶପଥ ପାଠ

ସୁନ୍ଦରଗଡ,୭।୫ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳ ତରଫରୁ ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ଏକ ସଚେତନତାମୂଳକ ପ୍ରଶିକ୍ଷଣ ଶିବିର ଆଞ୍ଚଳିକ ସମ୍ବଳ କେନ୍ଦ୍ର ମହୁଲପାଲି ଠାରେ ଅନୁଷ୍ଠିତ ହୋଇଯାଇଛି। ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତିର ସଦସ୍ୟ, ଇକୋ କ୍ଲବର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ପରିବେଶ ପ୍ରେମୀମାନେ ସକ୍ରିୟ ଭାବେ ଯୋଗଦାନ କରିଥିଲେ।

କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବେଶବିତ ଓ ସମାଜସେବୀ ଦିଗାମ୍ବର ଉପାଧ୍ୟାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ ସର୍କୁଲାର ବାୟୋ ଇକୋନୋମି, ସିଡବଲ୍ କ୍ୟାମ୍ପେନ, ଗ୍ରୀନ ମେମୋରୀ କ୍ୟାମ୍ପେନ, ବୃକ୍ଷ ରକ୍ଷା ବନ୍ଧନ ଓ ଗ୍ରୀଷ୍ମ ଋତୁରେ ପକ୍ଷୀମାନଙ୍କ ପାଇଁ ପାଣିର ବ୍ୟବସ୍ଥା ଭଳି ପରିବେଶମୂଳକ ପଦକ୍ଷେପ ଉପରେ ସଚେତନତା ସୃଷ୍ଟି କରି ଥିଲେ।



ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ"ର ବର୍ଷା ସାହୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ଓ ସାମୂହିକ ଭାଗୀଦାରୀର ଗୁରୁତ୍ୱ ଉପରେ ଉପସ୍ଥାପନା ରଖିଥିଲେ।

କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷିତ ରଖିବା ଓ ପରିବେଶ ସୁରକ୍ଷା ପାଇଁ ସଚେତନ ରହିବା ନିମନ୍ତେ ସାମୂହିକ ଶପଥ ପାଠ କରିଥିଲେ।ସମଗ୍ର କାର୍ଯ୍ୟକ୍ରମକୁ ହରିପ୍ରିୟା ନାଏକ, ମନୋରଞ୍ଜନ ମଲ୍ଲିକ, ଅଭିଷେକ ତନ୍ତୀ ଓ ସ୍ନିଗ୍ଧାରାଣୀ ମହାକୁଳ ପ୍ରମୁଖ ସଫଳ ଭାବେ ପରିଚାଳନା କରିଥିଲେ।

# ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ



ନବରଙ୍ଗପୁର,୭।୫ (ସଂଚାର ବ୍ୟୁରୋ)ଃ ଆଜି ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର ଭାବେ ପ୍ରମୋଦ କୁମାର ପୃଷ୍ଟି ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି, ଶ୍ରୀ ପୃଷ୍ଟି ଏହା ପୂର୍ବରୁ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି କାର୍ଯ୍ୟରେ ଯୋଗଦେବା ପରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଅଧିକାରୀଙ୍କ ସହଯୋଗ କାମନା କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନାକୁ ଜନସାଧାରଣ ପାଖରେ ପହଁଞ୍ଚିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ କର୍ମଚାରୀ ଶ୍ରୀ ଖୁଣ୍ଟିଆଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ସମସ୍ତ ଡେପୁଟି କଲେକ୍ଟର, ସମସ୍ତ ସହକାରୀ କଲେକ୍ଟର, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ସେକସନ ଅଫିସର ତଥା ଓଡିଶା ରାଜସ୍ୱ ଅମଲା ସଂଘର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

# ୪ ମାସରେ ଜବତ ହୋଇଛି ୬୮ ଟନ୍ ଗଞ୍ଜେଇ ଓ ୩୮ ଗାଡ଼ି, ୧୦୪ ଗିରଫ

ଫୁଲବାଣୀ,୭।୫ (ସଂଚାର ବ୍ୟୁରୋ)ଃ କନ୍ଧମାଳର ପୁଲିସ ଅଧିକ୍ଷକ ହରିଶ ବିଶିଙ୍କ ସକ୍ରିୟ ନେତୃତ୍ୱ ଏବଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାନୁୟାରୀ ମାସ ଠାରୁ ଏପ୍ରିଲ ୪ ମାସ ମଧ୍ୟରେ ଜିଲ୍ଲା ପୁଲିସ ସଫଳତାର ସହ ୬୮ ଟନ ଗଞ୍ଜେଇ ଜବତ କରିଛି। କନ୍ଧମାଳକୁ ଏକ ନିଶାମୁକ୍ତ ଜିଲ୍ଲା କରିବା ଲକ୍ଷ୍ୟରେ ବିଭିନ୍ନ ଥାନାର ଦଳଗୁଡ଼ିକୁ ସାମିଲ କରି ଏହି ଜିଲ୍ଲାସ୍ତରୀୟ ଅଭିଯାନ ଗଞ୍ଜେଇକୁ ସମ୍ପୂର୍ଣ୍ଣ ନିପାତ କରିବା ପାଇଁ ଚାଲିଥିବା ମିଶନର ଏକ ଅଂଶ ଗତ ୪ମାସ ମଧ୍ୟରେ ଗଞ୍ଜେଇ ପଞ୍ଜିକୃତ ମାମଲା ୯୦ଟି କରାଯାଇଥିବା ବେଳେ ୬୮ ହଜାର ୭୨୩ କିଲୋ ୨୬୦ ଗ୍ରାମ ଜବତ କରି ୯୩ ଜଣ ପୁରୁଷ ଓ ୧୧ ମହିଳା ଏପରି ମୋଟ ୧୦୪ ଜଣଙ୍କୁ ଗିରଫ କରି ୧୨ଟି ଦୁଇ ଚକିଆ, ୫ଟି ତିନି ଚକିଆ, ୨୧ଟି ଚାରି ଚକିଆ ଗାଡି ଏପରି ୩୮ ଟି ଗାଡି ଜବତ କରାଯାଇଥିବା ବିଷୟ ପୋଲିସ ରେକର୍ଡରୁ ଜଣାପଡିଛି। ଏସବୁ ଜବତ ସହିତ ସମାନ୍ତରାଳ ଭାବରେ, କନ୍ଧମାଳ ପୋଲିସ କୁଖ୍ୟାତ ଚାଲାଣକାରୀଙ୍କ ସମ୍ପତ୍ତିକୁ ଫ୍ରିଜ୍ କରିବାକୁ ଆରମ୍ଭ କରିଛି ବେଆଇନ ବ୍ୟବସାୟ ଆଉ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ନୁହେଁ ଏବଂ ଆଇନର ଊର୍ଦ୍ଧ୍ୱରେ କେହି ନୁହଁନ୍ତି ବୋଲି ପୋଲିସ କହିଛି।



କନ୍ଧମାଳ ପୁଲିସର ଲକ୍ଷ୍ୟ ରହିଛି ଯେ, ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ କନ୍ଧମାଳ ପୁଲିସ ଜିଲ୍ଲାରେ ବେଆଇନ ନିଶାଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିବା ପାଇଁ ପ୍ରତିବଦ୍ଧ। ଯୋଗାଣ ଶୃଙ୍ଖଳକୁ ବିପର୍ଯ୍ୟସ୍ତ କରିବା ଏବଂ ସମ୍ପୃକ୍ତ ବୃହତ ସିଣ୍ଡିକେଟ୍‌ଗୁଡ଼ିକୁ ଭାଙ୍ଗିବା ପାଇଁ ସମର୍ପିତ ଦଳଗୁଡ଼ିକ ଦୁର୍ଗମ ଅଞ୍ଚଳ ଏବଂ ଜଙ୍ଗଲରେ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି ଏବଂ ନିଶା ମୁକ୍ତ ଭାରତ ପାଇଁ ସକ୍ରିୟ ଭାବରେ ଯୋଗଦାନ ଦେଉଛନ୍ତ। ଏଣୁ କନ୍ଧମାଳ ପୁଲିସ ସାଧାରଣ ଲୋକଙ୍କୁ ଏନଡିପିଏସ ସାମଗ୍ରୀର ବେଆଇନ ଚାଷ କିମ୍ବା ଚୋରା ଚାଲାଣ ସମ୍ପର୍କରେ ଯେକୌଣସି ସୂଚନା ରିପୋର୍ଟ କରିବାକୁ ଅନୁରୋଧ କରିଛନ୍ତି। ସୂଚନାଦାତାଙ୍କ ପରିଚୟ ଗୋପନ ରଖାଯିବ ବୋଲି ମଧ୍ୟ ପୁଲିସ କହିଛି ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଫୁଲବାଣୀ,୭।୫ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଆ ଭାଷା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇ ଦିନିଆ ସରକାରୀ କାର୍ଯ୍ୟରେ ଓଡିଆ ଭାଷା ବ୍ୟବହାର ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆଜି ସଫଳତାର ସହ ଉଦଯାପିତ ହୋଇଯାଇଛି। ଫୁଲବାଣୀ ସ୍ଥିତ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ଶିବିରର ଆଜି ଥିଲା ଦ୍ୱିତୀୟ ତଥା ଅନ୍ତିମ ଦିବସ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ଏବଂ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ ଯୋଗଦେଇଥିଲେ।

ସରକାରୀ ସ୍ତରରେ ଚିଠିପତ୍ର ଆଦାନପ୍ରଦାନ, ନଥିପତ୍ର ପରିଚାଳନା ଏବଂ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷାର ବହୁଳ ଓ ଶୁଦ୍ଧ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଜିର ପ୍ରଶିକ୍ଷଣ ଶିବିରରେ ପ୍ରଥମେ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ରୀତାଶ୍ରୀ ବାରିକ ଏବଂ ତାଙ୍କ ଟିମ୍ କମ୍ପ୍ୟୁଟରରେ ଓଡିଆ ଟାଇପିଙ୍ଗ ପ୍ରସ୍ତୁତି/ଓସ୍ୱାସରେ ସରକାରୀ କାର୍ଯ୍ୟ ସମ୍ପାଦନ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କିପରି ସହଜରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରାଯାଇପାରିବ, ସେ ସମ୍ପର୍କରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା। ତାପରେ ଭାଷା ବିଶେଷଜ୍ଞ ଡଃ ସଞ୍ଜୟ କୁମାର ପଣ୍ଡା, ଶ୍ରୀ ମନୋରଂଜନ ପାଣିଗ୍ରାହୀ ଓ ଡଃ ବିପ୍ଲବ ରଞ୍ଜନ ପ୍ରଧାନ ପ୍ରଶାସନିକ ଶବ୍ଦ ନିରୂପଣ, ବନାନ ଅଶୁଦ୍ଧି ନିରାକରଣ, ଓଡିଆରେ ନଥି ପ୍ରସ୍ତୁତି, ଓଡିଆ ଭାଷାରେ ସରକାରୀ କାଗଜାତ/ଦସ୍ତାବିଜ୍ ଇତ୍ୟାଦି ପ୍ରସ୍ତୁତି ନିମନ୍ତେ ଦୃଢ଼ ଆତ୍ମବିଶ୍ୱାସର ଆବଶ୍ୟକତା ଏବଂ ଓଡିଆ ଭାଷାରେ କାର୍ଯ୍ୟାଳୟ ଚିଠା ଓ ଟିପ୍ପଣୀ ପ୍ରସ୍ତୁତି ଆଦିର ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଡଃ ସିଦ୍ଧାର୍ଥ ଶଙ୍କର ପାଢ଼ି ସଂଯୋଜନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନଳିନୀ କାନ୍ତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ପ୍ରେମିକାକୁ ଟାଙ୍ଗିଆରେ ହାଣି ହତ୍ୟା ଘଟଣା

# ୧୬ ଦିନ ଧରି ପୁଲିସ କରୁଥିଲା କ'ଣ ?

ହିଞ୍ଜିଳିକାଟୁ,୭।୫ (ସଂଚାର ବ୍ୟୁରୋ)ଃ ହିଞ୍ଜିଳି ଥାନା ଅନ୍ତର୍ଗତ କେ. ଖରିଡ଼ା ଗ୍ରାମରେ ମଙ୍ଗଳବାର ଦିନ ନ୍ୟାୟ ପାଇଁ ୩ବର୍ଷର ଛୁଆକୁ ଧରି ପ୍ରେମିକ ଘର ଆଗରେ ପ୍ରେମିକା ଧାରଣାରେ ବସିଥିବା ବେଳେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା ପ୍ରେମିକର ସାନ ଭାଇ। ପ୍ରେମିକାଙ୍କ ମୃତ୍ୟ ପରେ ଛୁଆ ଜଣକ ମୃତ୍ୟ ଶରୀର ପାଖରେ ମା'...ମା'... ଡାକି କାନ୍ଦୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ୩ ବର୍ଷର ନିଷ୍ପାପ ଶିଶୁ ଜଳ ଜଳ ଦେଖୁଥିଲା ସତ କିନ୍ତୁ ମା'ର ମୃତ୍ୟୁକୁ ସେ ବୁଝି ପାରୁ ନ ଥିଲା। ଏହି ହତ୍ୟା ଘଟଣା ଜିଲ୍ଲା ନୁହଁ ସାରା ରାଜ୍ୟରେ ଚହଳ ପକେଇଛି। ଏନେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବୁଧବାର ଦିନ ଚିଠି ଲେଖିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ। ପୁଲିସର ନିଷ୍କ୍ରିୟତା ଉପରେ ଉଠାଇଲେ ପ୍ରଶ୍ନ। ସେପଟେ ଆଇନମନ୍ତ୍ରୀ କହିଛନ୍ତି, ହିଞ୍ଜିଳିରେ ଘଟିଥିବା ଘଟଣା ଅତ୍ୟନ୍ତ ହୃଦୟବିଦାରକ। ତେବେ ଧାରଣା ଦେବା ପୂର୍ବରୁ ଯୁବତୀ ଜଣଙ୍କ ସୁରକ୍ଷା ପାଇଁ ହିଞ୍ଜିଳି ଥାନାରେ ନିବେଦନ କରିଥିଲେ ମଧ୍ୟ ପୁଲିସ ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି ନେଇ କୁହାଯାଉଛି।

ପ୍ରକାଶ ଥାଉ କି, କିଛି ବର୍ଷ ତଳେ ଇନ୍‌ଷ୍ଟାଗ୍ରାମ ଓ ପରେ ପୁରୀ ଜିଲ୍ଲା ଡେଲାଙ୍ଗ ଶିବ ମନ୍ଦିରରେ ପ୍ରେମ ବିବାହ କରିଥିଲେ। ସଂସାର ରଥ ଆଗକୁ ଗଡ଼ିଲା ବେଳେ ପୂଜା ମା'ଙ୍କ ମୃତ୍ୟୁ ହୋଇଥିଲା। ତେଣୁ କିଛି ଦିନ ପାଇଁ ଅଗସ୍ତି ନୂଆ ଗାଁକୁ ଆସିଥିଲା ପୂଜା। ପୁଣି ଦୁହେଁ ନିଜ ଅଂଚଳକୁ ଫେରିବାକୁ ଯିବା ବେଳେ ଶୌଚ ସାରି ଆସୁଛି କହି ଜିଷ୍ଣୁ ଗୌଡ଼ କୌଶଳ କ୍ରମେ ବ୍ରହ୍ମପୁର ଷ୍ଟେସନରୁ ଛୁ ମାରିଥିଲା। ଏଭଳି ସ୍ଥଳେ ଠିକ ୧୬ ଦିନ ଆଗରୁ ଅର୍ଥାତ ଗତ ମାସ ୧୯ ତାରିଖରେ ମୃତ ପୂଜା ହିଞ୍ଜିଳି ଥାନାକୁ ଅଭିଯୋଗ ନେଇ ଆସିଥିଲେ। ଏତଲା କ୍ରମେ କେସ ନଂ ୨୪୧/୨୬ରେ ମାମଲା ରୁଜୁ ହୋଇଥିଲା। କଥା ଏତିକିରେ ସରି ନ ଥିଲା, ନିଜ ଅଧିକାର ପାଇଁ ମହିଳା ଜଣକ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ମହିଳା ଥାନା ପୁଲିସ ଗ୍ରାମରେ ପହଞ୍ଚି ପଚରାଉଚୁରା କରିଥିଲା କିନ୍ତୁ ଘରେ ତାଲା ପଡ଼ିଥିବା ଦେଖି ପଳାଇଥିଲେ।

ଏହି ହତ୍ୟା ଘଟଣା ପରେ ନିଷ୍ପାପ ଶିଶୁକୁ ପୁଲିସ ଜରିଆରେ ଚାଇଲଡ ଲାଇନକୁ ପଠାଯାଇଛି। ଅଭିଯୁକ୍ତ ଦ୍ୱୟ ନାବାଳକ ଥିବାରୁ ବାଳ ସୁଧାର ଗୃହକୁ ପଠାଯାଇଛି | ତେବେ ପୁଲିସ ତଦନ୍ତ ନାଁରେ ସମୟ ଗଡେଇ ଚାଲିଥିଲା ଆଉ ପୂଜାକୁ ସୁରକ୍ଷା ଦେଇ ପାରି ନ ଥିଲା। ଏଭଳି ସ୍ଥଳେ ପୁଲିସର ଭୂମିକା ଏବେ ସନ୍ଦେହଜନକ ସ୍ଥିତିରେ ପହଞ୍ଚିଥିବା ସହରରେ ଆଲୋଚନା ହେଉଛି।

## ବେଆଇନ ବାଲି ଓ ମାଟି ଉଠାଣ ଉପରେ କଡ଼ା ନଜର

# ଗବକୁଣ୍ଡ ନୂଆନଈ ପଠାରେ ୧୬୩ ଧାରା ଜାରି



ସତ୍ୟବାଦୀ,୭।୫ (ସଂଚାର ବ୍ୟୁରୋ)ଃ ସ୍ଥାନୀୟ ଗବକୁଣ୍ଡ ସ୍ଥିତ ନୂଆନଈ ପଠା ଅଞ୍ଚଳରେ ବେଆଇନ ବାଲି ଓ ମାଟି ଉଠାଣକୁ ରୋକିବା ପାଇଁ ସତ୍ୟବାଦୀ ତହସିଲଦାରଙ୍କ ଦ୍ୱାରା ଭାରତୀୟ ନ୍ୟାୟ ସଂହିତା ଧାରା-୧୬୩ ଜାରି କରାଯାଇଛି। ପ୍ରଶାସନ ପକ୍ଷରୁ ଏହି ଆଦେଶକୁ କଡାକଡି ଭାବେ ପାଳନ କରାଯିବ ବୋଲି ସୂଚନା ମିଳିଛି। ତହସିଲ ପ୍ରଶାସନର ସୂଚନା ଅନୁଯାୟୀ, ଯେଉଁ ବ୍ୟକ୍ତି କିମ୍ବା ଗୋଷ୍ଠୀ ଏହି ଆଦେଶକୁ ଉଲଂଘନ କରି ବେଆଇନ ଭାବେ ବାଲି କିମ୍ବା ମାଟି ଉଠାଇବେ, ସେମାନଙ୍କ ବିରୋଧରେ ଆଇନ ଅନୁସାରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ଜରିମାନା ଓ ଆଇନଗତ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। ସ୍ଥାନୀୟ ପ୍ରଶାସନ ଓ ପୋଲିସକୁ ଏହି ଅଞ୍ଚଳରେ ନିୟମିତ ପହରା ଓ ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିବେଶ ସୁରକ୍ଷା ଓ ସରକାରୀ ସମ୍ପଦର ରକ୍ଷା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ଏହାସହ ଅଞ୍ଚଳବାସୀଙ୍କ ସହଯୋଗ ମଧ୍ୟ ଲୋଡିଛନ୍ତି। ତେବେ ବେଆଇନ ବାଲି ଓ ମାଟି ଉଠାଣ ଅଭିଯୋଗ ଭିତ୍ତିରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅତିରିକ୍ତ ତହସିଲଦାର ଓମପ୍ରକାଶ ପରିଡା କହିଛନ୍ତି। ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାରଙ୍କ ସମେତ ରାଜସ୍ୱ ପର୍ଯ୍ୟବେକ୍ଷକ ଦେବସ୍ମିତା ପାଣ୍ଡେ, ରାୟାଖଣ୍ଡି ରାଜସ୍ୱ ନିରୀକ୍ଷକ ଓ ପୋଲିସ ବଳ ଉପସ୍ଥିତ ରହିଥିଲେ।

# ଆରମ୍ଭ ହେଲା ୭ମ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍



ଛତ୍ରପୁର,୭।୫ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ସହର ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଆଜିଠାରୁ ୭ମ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଆମେଚର ଗଞ୍ଜାମ ଜିଲ୍ଲା କିକ୍ ବକ୍ସିଂ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ମେ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଖଲ୍ଲିକୋଟ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଏନ୍‌ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ଓ ବିଜେପିର ବରିଷ୍ଠ ନେତା ବିନୋଦ ପାଢ଼ୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଏହି କ୍ରୀଡ଼ାରେ ରାଜ୍ୟର ୧୯ଟି ଜିଲ୍ଲା ସହିତ ୨ଟି ପ୍ରତିଷ୍ଠିତ ଏକାଡେମୀରୁ ପ୍ରାୟ ୬୬୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଜୁନିଅର, ସବ୍-ଜୁନିଅର ଓ ସିନିୟର ବର୍ଗରେ ଖେଳାଳିମାନେ ମୁକାବିଲା କରୁଥିବା ବେଳେ କୃତୀ ପ୍ରତିଯୋଗୀମାନଙ୍କୁ ମେଡାଲ୍ ଓ ନଗଦ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ଜାତୀୟ ସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

ଗଞ୍ଜାମରେ ପ୍ରଥମ ଥର ପାଇଁ ଏଭଳି ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍ ଆୟୋଜିତ ହୋଇଥିବାରୁ ଅଞ୍ଚଳବାସୀ ଓ କ୍ରୀଡ଼ାପ୍ରେମୀମାନଙ୍କ ମଧ୍ୟରେ ବେଶ୍ ଆନନ୍ଦ ଓ ଉତ୍ସାହ ଦେଖିବାକୁ ମିଳିଛି।

# କଂଗ୍ରେସର ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ଯାଜପୁର,୭।୫ (ସଂଚାର ବ୍ୟୁରୋ)ଃ ଆଜି ଦାନଗଦି ସ୍ଥିତ କଂଗ୍ରେସ ଭବନ ଠାରେ ଦାନଗଦି ବ୍ଲକର ନବନିଯୁକ୍ତ ସଭାପତି ଦୟାନିଧି ପଲେଇଙ୍କ ଡାକରାରେ ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଇଂ ବିଭୁ ଭୂଷଣ ରାଉତ ଅନ୍ୟତମ ଅତିଥିଭାବେ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ବୁଥ ଲେବୁଲ ଏଜେଣ୍ଟ ମହେନ୍ଦ୍ର କୁମାର ଦାଶ, ସୁକିନ୍ଦା ବ୍ଲକ କଂଗ୍ରେସ ସଭାପତି ମଦନ ମୋହନ ଖୁଣ୍ଟିଆ ଯୋଗ ଦେଇଥିଲେ। ନବନିଯୁକ୍ତ କର୍ମକର୍ତ୍ତା ଭାବେ ଉପସଭାପତି ଦୁର୍ଯ୍ୟୋଧନ ମହାନ୍ତ, କବିର ଯେନା, ଜୟଦେବ ସେଠି, ରବୀନ୍ଦ୍ର ଦାସ ସାଧାରଣ ସମ୍ପାଦକ ଭାବେ ଉମାକାନ୍ତ ଜେନାମଣି, ଭ୍ରମରବର ମହାରଣା, କୋଷାଧକ୍ଷ ନରେନ୍ଦ୍ର ପଣ୍ଡା.ସାମାଜିକ ଗଣମାଧ୍ୟମ ସମୀର କୁମାର ପାତ୍ର ଏବଂ ସମ୍ପାଦକଭବେ ବିଭିନ୍ନ ପଞ୍ଚାୟତ ବିଭିନ୍ନ ବର୍ଗରୁ ୧୫ ଜଣଙ୍କୁ ମନୋନୀତ କରାଯାଇଛି। ଆଜିର ବୈଠକ ରେ ସମସ୍ତ ପଞ୍ଚାୟତ ସଂଯୋଜକ ଉପସ୍ଥିତ ଥିଲେ।

# ଅଣ୍ଡର-୨୩ ବିଶ୍ୱକପ ପାରା ଫେନ୍ସିଂରେ ପ୍ରତିନିଧିତ୍ୱ କରିବେ ନୀଳଗିରିର ରାହୁଲ



ନୀଳଗିରି,୭।୫ (ସଂଚାର ବ୍ୟୁରୋ)ଃ ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ପ୍ରତିଭାବାନ ପାରା-ଫେନ୍ସିଂ ଖେଳାଳି ରାହୁଲ ମଲିକ ଆଗାମୀ ଜୁନ୍ ମାସରେ ତୁର୍କୀଠାରେ ଅନୁଷ୍ଠିତ ହେବାକୁ ଥିବା ୨୩ ବର୍ଷ ବର୍ଗର ବୃଶ୍ୱକପରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଆଜି କାଣ୍ଡଗରିଡି ପଞ୍ଚାୟତ ଗସ୍ତ ସମୟରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଖେଳାଳି ରାହୁଲଙ୍କୁ ଭେଟି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉତ୍ସାହିତ କରିଥିଲେ । ରାହୁଲଙ୍କ ବିଦେଶ ଗସ୍ତ ଏବଂ ଖେଳ ସରଞ୍ଜାମ ପାଇଁ ବିଧାୟକ ବ୍ୟକ୍ତିଗତ ଭାବେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥି ସହ ରାହୁଲଙ୍କ ସମସ୍ୟା ଓ ସଫଳତା ସମ୍ପର୍କରେ ବିଧାୟକ ଶ୍ରୀ ଖଟୁଆ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସହ ଭିଡିଓ କଲ୍ ମାଧ୍ୟମରେ କଥା କରାଇଥିଲେ। କ୍ରୀଡ଼ା ମନ୍ତ୍ରୀ ରାହୁଲଙ୍କୁ ଶୁଭେଚ୍ଛା ଜଣାଇବା ସହ ସରକାରୀ ସ୍ତରରେ ଯାହା ବି ଆବଶ୍ୟକ ସୁବିଧା ସୁଯୋଗ ଓ ସହାୟତା ଦରକାର, ତାହା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଶ୍ରୀ ଖଟୁଆ କହିଛନ୍ତି ଯେ, "ରାହୁଲଙ୍କ ଭଳି ପ୍ରତିଭାବାନ ଖେଳାଳି ନୀଳଗିରି ତଥା ଓଡ଼ିଶା ପାଇଁ ଗର୍ବ ଓ ଗୌରବ। ଏହି ଅବସରରେ କାଣ୍ଡଗରିଡି ପଞ୍ଚାୟତର ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀମାନେ ଉପସ୍ଥିତ ରହି ରାହୁଲଙ୍କୁ ସମର୍ଥନ ଜଣାଇବା ସହ ବିଧାୟକଙ୍କ ଏଭଳି ସହଯୋଗୀ ମନୋଭାବକୁ ପ୍ରଶଂସା କରିଥିଲେ।

# ବିହାରରୁ ଶିଶୁମାନଙ୍କୁ କାକଟପୁର ମଦ୍ରାସାକୁ ଆଣିବା ପଛରେ କ'ଣ ରହସ୍ୟ

ଅସ୍ତରଙ୍ଗ/କାକଟପୁର,୭।୫ (ସଂଚାର ବ୍ୟୁରୋ)ଃ ବିହାରରୁ ଆଣି କାକଟପୁରରେ ପାଠ ପଢ଼ା ନାଁରେ ଦିଆଯାଉଥିଲା ନିର୍ଯାତନା। ପୁରୀ ଜିଲ୍ଲା କାକଟପୁର କଟକଣାରେ ଏଭଳି ଚାଲିଥିଲା ମଦ୍ରାସା। ନିର୍ଯାତନା ସହି ନପାରି ଫେରାର୍ ହୋଇଯାଇଥିବା ୩ଜଣ ନାବାଳକ ଚାରିଛକ ଅଂଚଳରୁ ଧରାପଡ଼ିବା ପରେ ଏଭଳି ଏକ ମଦ୍ରାସାର ମୁଖା ଖୋଲିଛି। କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେଇ ଉଦ୍ଧାର ଶିଶୁଙ୍କୁ ପୁଣି ଥରେ ମାଦ୍ରାସାକୁ ଫେରାଇ ଦେଇଥିଲେ କାକଟପୁର ପୁଲିସ । ପୁରୀ ଶିଶୁ ମଙ୍ଗଳ ସମିତି(ସିଡବ୍ଲୁସି) ଗଣମାଧ୍ୟମରୁ ଖବର ପାଇ ନିଜଆଡୁ ମାମଲା ଗୁଜୁ କରିବା ସହ ଥାନା ଆଇଆଇସିଙ୍କୁ ରିପୋର୍ଟ କରିବା ପରେ କାକଟପୁର ଥାନା ପୁଲିସ ନାବାଳକ ଶିଶୁ ଓ ମଦ୍ରାସା ଦାୟିତ୍ୱରେ ଥିବା ଶିକ୍ଷକ ସେଖ୍ ମୁସ୍ତା ହାସନଙ୍କୁ ନେଇ ପୁରୀ ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)ରେ ହଜାର କରିଥିଲେ। ଏହି ଘଟଣାରେ ସିଡବ୍ଲୁସି ବିଚାରକରି କାକଟପୁର ଥାନା ଆଇଆଇସିଙ୍କ ସମେତ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ରିପୋର୍ଟ ତଲବ କରିଛି। ୧୫ ଦିନ ମଧ୍ୟରେ ଅଧିକାରୀମାନେ ରିପୋର୍ଟ ଦେବେ।

## ମଦ୍ରାସାରୁ ୩ ନାବାଳକ ଖସି ଆସିବା ଘଟଣା




ତେବେ କାକଟପୁର କଟକଣାର ଅନସାରୀ ମହଲ ଠାରେ ସାବେଲ-ଉର-ରସିଦ ନାମରେ ଏକ ମାଦ୍ରାସା ୨୦୨୨ମସିହାରୁ ଚାଲିଥିଲା ହେଲେ ଏ ବାବଦରେ ସ୍ଥାନୀୟ ପ୍ରଶାସନ ପାଖରେ କିଛି ଖୋଜ ଖବର ନଥିଲା। ଗତ ୪ ତାରିଖ ରାତିରେ ଏହି ମଦ୍ରାସାରୁ ଲୁଚି ପଳାଇଥିବା ୩ ଜଣ ନାବାଳକ ଛାତ୍ର ଚାରିଛକ ଅଞ୍ଚଳରୁ ଉଦ୍ଧାର ହେବା ପରେ ଘଟଣା ସାମ୍ନାକୁ ଆସିଲା।

କାକଟପୁର ପୋଲିସ ଘଟଣାର ତଦନ୍ତ କରି ମଦ୍ରାସା ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲେ ଶିକ୍ଷକଙ୍କ କହିବା ଅନୁସାରେ ତାଙ୍କ ପାଖରେ ମଦ୍ରାସାର ସମ୍ପୂର୍ଣ୍ଣ ପଞ୍ଜିକରଣ କାଗଜପତ୍ର ଅଛି। ସେସବୁକୁ ସିଡବ୍ଲୁସିଙ୍କ ପାଖରେ ପୈଇଠ କରିବେ ବୋଲି ଜଣା ପଡ଼ିଛି । ତେବେ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ସିଡବ୍ଲୁସି ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ କହିଛନ୍ତି ।

ତେବେ ବିହାରରୁ ଶିଶୁ ମାନଙ୍କୁ କାକଟପୁର ମଦ୍ରାସାକୁ ଆସିବା ପଛରେ କଣ ରହିଛି ରହସ୍ୟ ତାହା ତଦନ୍ତ ପରେ ଜଣାପଡ଼ିବ ।

### ଭୁବନେଶ୍ୱରରେ ପିଏମଜିଏସୱାଇ ଆଞ୍ଚଳିକ ସମୀକ୍ଷା

# ଗ୍ରାମୀଣ ରାସ୍ତାର ଗୁଣବତ୍ତା ଓ ପ୍ରକଳ୍ପ ସମୟସୀମାକୁ ଗୁରୁତ୍ୱ




ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ)ः ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମଜିଏସୱାଇ) ଉପରେ ଦୁଇଦିନିଆ ଆଞ୍ଚଳିକ ସମୀକ୍ଷା ବୈଠକ ଆଜି ଏଠାରେ ଆରମ୍ଭ ହୋଇଛି। ଗ୍ରାମୀଣ ରାସ୍ତା ବିକାଶର ପ୍ରଗତି ସମୀକ୍ଷା, ସମସ୍ୟା ଚିହ୍ନଟ ଓ ଭବିଷ୍ୟତ ଯୋଜନା ପାଇଁ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏହି ବୈଠକ ଆୟୋଜନ କରାଯାଉଛି, ଯେଉଁଥିରେ ଓଡ଼ିଶା ଆୟୋଜକ ରାଜ୍ୟ।

ଓଡ଼ିଶା ସହ ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା ଓ ପଶ୍ଚିମବଙ୍ଗର ପ୍ରତିନିଧିମାନେ ବୈଠକରେ ଅଂଶଗ୍ରହଣ କରିଛନ୍ତି। ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଜାତୀୟ ଗ୍ରାମୀଣ ଭିତ୍ତିଭୂମି ବିକାଶ ସଂସ୍ଥା (ଏନଆରଆଇଡିଏ) ଓ ବିଭିନ୍ନ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ସଂସ୍ଥାର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଅଛନ୍ତି।

ପିଏମଜିଏସୱାଇର ଗୁରୁତ୍ୱ କେବଳ ସଡ଼କ ନିର୍ମାଣରେ ସୀମିତ ନ ରହି ନିର୍ମାଣ କାର୍ଯ୍ୟର ଗୁଣବତ୍ତା ବୃଦ୍ଧି ଓ ସଠିକ ରକ୍ଷଣାବେକ୍ଷଣା ଉପରେ ମଧ୍ୟ କେନ୍ଦ୍ରିତ ହୋଇଛି ବୋଲି ଉଦ୍‌ଘାଟନୀ ଅଧିବେଶନରେ ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ପାହାଡ଼ିଆ ଅଞ୍ଚଳ, ଅଧିକ ବର୍ଷା ଓ ବିକୀର୍ଣ୍ଣ ବସତି ଭଳି ଏହି ଅଞ୍ଚଳର ରାଜ୍ୟମାନଙ୍କ ଅନନ୍ୟ ସମସ୍ୟାଗୁଡ଼ିକୁ ଏହି ବୈଠକରେ ଉଲ୍ଲେଖ କରାଯାଇଥିଲା। ବୈଠକରେ ପୂର୍ବ ପର୍ଯ୍ୟାୟଗୁଡିକର ଅପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ସମାପ୍ତ କରିବା ସହ ପିଏମଜିଏସୱାଇ-୪ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବା ଉପରେ ଗୁରୁତ୍ୱ ଦିଆଯାଉଛି। ସୂଚନାଯୋଗ୍ୟ ଯେ ପୂର୍ବ ତିନି ପର୍ଯ୍ୟାୟରେ ଓଡ଼ିଶା ୯୯.୬୩ ପ୍ରତିଶତ କାର୍ଯ୍ୟ ସମାପ୍ତ କରିଥିବା ବେଳେ ପିଏମଜିଏସୱାଇ-୪ର ପ୍ରଥମ ପର୍ଯ୍ୟାୟରେ ୮୨୭ଟି ସଡ଼କ ଅନୁମୋଦିତ ହୋଇଛି।

### ଏକାମ୍ରରେ ଜନ ଆକ୍ରୋଶ ମହିଳା ପଦଯାତ୍ରା

# ମା'ମାନଙ୍କ ସ୍ୱପ୍ନର ଭ୍ରୂଣହତ୍ୟା କରିଛନ୍ତି ବିରୋଧୀ




ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ)ः ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବାଧାପ୍ରାପ୍ତ କରି କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳଗୁଡିକ ଦେଶର ଅଧା ଜନସଂଖ୍ୟା ସହ ବିଶ୍ୱାସଘାତକତା କରିଛନ୍ତି। ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ହତ୍ୟା କରିଛନ୍ତି ବିରୋଧୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାଙ୍କୁ ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇ ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବାକୁ ଚାହୁଁଥିବା ବେଳେ ବିରୋଧୀ ଦଳଗୁଡ଼ିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିଫଳ କରିଛନ୍ତି। ଏହା କେବଳ 'ଏକ ବିଲ୍‌ର ପରାଜୟ ନୁହେଁ, ବରଂ ମା'ମାନଙ୍କ ସ୍ୱପ୍ନର ଭ୍ରୂଣହତ୍ୟା'। ଏହା ମୋଦିଙ୍କ ପରାଜୟ ନୁହେଁ, ଦେଶର ସମଗ୍ର ମହିଳାଙ୍କ ପାଇଁ ଶକ୍ତ ଧକ୍କା। ବିଶେଷକରି କଂଗ୍ରେସ ଏବଂ ଅନ୍ୟ ବିରୋଧୀଦଳଗୁଡିକ କେବଳ ମହିଳାଙ୍କୁ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରୁଥିବା ବେଳେ ମୋଦି ସରକାର ସେମାନଙ୍କୁ ପ୍ରକୃତ ସଶକ୍ତିକରଣ ପ୍ରଦାନ କରିବାକୁ ସଂକଳ୍ପବଦ୍ଧ ବୋଲି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ମହିଳାଙ୍କ ଆର୍ଥିକ ଆତ୍ମନିର୍ଭରଶୀଳତା ପାଇଁ 'ସୁଭଦ୍ରା ଯୋଜନା' ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାସହ ଆଗାମୀ ଦିନରେ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ମାଧ୍ୟମରେ ଜନ୍ମ ସମୟରେ ୨୦ ହଜାର ଟଙ୍କା ଏବଂ ସ୍ନାତକ ଶେଷ ପରେ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ। ଆଗାମୀ ଦିନରେ ଏହା ପୂରଣ ହେବ। ନାରୀଙ୍କ ଅଧିକାରକୁ ସମ୍ମାନ ଦେବା ସକାଶେ ଅନୁଷ୍ଠିତ ଆଜିର ଏହି ଆକ୍ରୋଶର ନିଆଁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପିବ ଓ ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ୍ ହୋଇଯିବ। ମହିଳାମାନେ ଚୁପ୍ ନ ରହି ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ଶ୍ରୀ ସିଂ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ଝାଡ଼େଶ୍ୱରୀ ମଣ୍ଡଳ ସଭାପତି ମନୋଜ ପାତ୍ର, ଖଣ୍ଡଗିରି ମଣ୍ଡଳ ସଭାପତି ଆରତୀ ଭୂଇଁଆ, ସୁନୀଲ ପ୍ରଧାନ ଯୋଗଦେଇଥିଲେ।

## ପୁଲିସ ପରିଚୟ ଦେଇ ଠକୁଥିଲେ, ବାପ-ପୁଅ ଗିରଫ



ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ)ः ଅସଲି ପୁଲିସ ହାତରେ ଧରାପଡ଼ିଛନ୍ତି ନକଲି ପୁଲିସ। ନିଜକୁ ପୁଲିସ ଏସଆଇ ବୋଲି ପରିଚୟ ଦେଇ ଲୋକଙ୍କୁ ଠକୁଥିବା ଅଭିଯୋଗରେ ଆଜି ସ୍ଥାନୀୟ ପୁଲିସ୍ ଦୁଇ ଜଣ ବାପ-ପୁଅଙ୍କୁ ଗିରଫ କରିଛି। କାହାକୁ କମ୍ ଦରରେ କ୍ରିକେଟ ମ୍ୟାଚ୍ ଟିକେଟ କରାଇ ଦେବାର ପ୍ରତିଶ୍ରୁତି ଦେଇ ତ ଆଉ କାହାକୁ କମ ଦାମରେ ଜମି ଦେବାର ଲୋଭ ଦେଖାଇ ସେମାନେ ଠକିଆସୁଥିଲେ। ଏଭଳି ୩ ଜଣଙ୍କୁ ଠକିଥିବା ଅଭିଯୋଗରେ ଆଜି ବାପ-ପୁଅଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ।

ସେମାନଙ୍କ ମଧ୍ୟରୁ ପୁଅ ଅମିତ୍ ପୁଲିସ୍ ଏସ୍‌ଆଇ ଭାବେ ନିଜକୁ ପରିଚିତ କରାଇଆସୁଥିଲେ। ତାଙ୍କ ଆଇଡି କାର୍ଡରେ ଏସଆଇ ଅଭିଷେକ ମିଶ୍ର ଲେଖା ହୋଇଥିଲେ ହେଁ ତାଙ୍କର ପ୍ରକୃତ ନାମ ଅମିତ୍। ସେ ନିଜକୁ ପୁଲିସ ଏସ୍‌ଆଇ ବୋଲି କହି ବିଭିନ୍ନ ଉପାୟରେ ଲୋକଙ୍କୁ ଠକିଆସୁଥିଲେ। ପରେ ଠକିଥିବା ଟଙ୍କାକୁ ସେ ତାଙ୍କ ବାପାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଦେଉଥିଲେ। ଏଭଳି ଲୋକଙ୍କୁ ଠକି ବାପ-ପୁଅ ସ୍ଥାନୀୟ ବଡ଼ଗଡ଼ ଅଞ୍ଚଳରେ ଏକ ଭଡ଼ାଘରେ ବେଶ୍ ଆରାମଦାୟକ ଜୀବନ କାଟିଆସୁଥିଲେ। କିନ୍ତୁ ଠକେଇର ଶିକାର ହୋଇଥିବା ଲୋକଙ୍କ ଅଭିଯୋଗ କ୍ରମେ ଆଜି ଏୟାରଫିଲ୍ଡ ଥାନା ପୁଲିସ୍ ଉଭୟ ବାପ ଓ ପୁଅଙ୍କୁ ଗିରଫ କରିଛି। ଏଥିସହ ପୁଲିସ୍ ସେମାନଙ୍କ ଭଡ଼ାଘରେ ଚଢ଼ାଉ କରି ସେଠାରୁ ଲ୍ୟାପଟପ୍, ଦୁଇଟି ସ୍କୁଟି, ୭ଟି ମୋବାଇଲ୍ ଆଦି ଜବତ କରିଛି। ସେମାନେ ଚାଉଳ ବସ୍ତା ଓ ଡାଲି ଟିଣ ଭିତରେ ମୋବାଇଲ୍ ଲୁଚାଇ ରଖିଥିଲେ ହେଁ ପୁଲିସ୍ ସେସବୁ ଠାବ କରିଛି। ବାପ-ପୁଅ ଅନେକଙ୍କୁ ଠକିଥିବା ସନ୍ଦେହ କରି ପୁଲିସ୍ ଅଧିକ ତଥ୍ୟ ହାସଲ କରିବା ପାଇଁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଜଣାପଡ଼ିଛି।

### କେସିସି ବ୍ୟାଙ୍କରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ

## ବ୍ରାଞ୍ଚ୍ ମ୍ୟାନେଜରଙ୍କ ଦୁଇ ସହଯୋଗୀ ଗିରଫ



ଭୁବନେଶ୍ୱର, ୭।୫ (ସଂଚାର ବ୍ୟୁରୋ)ः ମାଲକାନଗିରି କେସିସି ବ୍ୟାଙ୍କରେ ପ୍ରାୟ ୧ କୋଟି ଟଙ୍କାର ଠକେଇ ମାମଲା ସାମ୍ନାକୁ ଆସିଥିବା ବେଳେ ପୂର୍ବରୁ ବ୍ୟାଙ୍କ୍ ମ୍ୟାନେଜର୍ ସୁଧାଂଶୁ ଶେଖର ଖରାଙ୍କୁ ଗିରଫ କରାଯାଇସାରିଛି। ଭିଜିଲାନ୍ସ ତାଙ୍କୁ ଗିରଫ କରିବା ପରେ ଆଜି ତାଙ୍କର ଦୁଇ ଜଣ ସହଯୋଗୀଙ୍କୁ ବି। ଗିରଫ କରିଛି। ସେମାନେ ହେଲେ ନିବେଦିତା ତରାଇ ଓ ତାଙ୍କ ଲିଭ୍-ଇନ୍ ପାର୍ଟନର ନୃସିଂହ ଖମାରୀ। ସୁଧାଂଶୁଙ୍କୁ ଗତ ୫ ତାରିଖରେ ଗିରଫ କରାଯିବା ପରେ ଏବେ ରିମାଣ୍ଡରେ ଆଣି ଭିଜିଲାନ୍ସ ଅଧିକ ପଚରାଉଚରା ଚଳାଇଛି। ଅଭିଯୁକ୍ତ ସୁଧାଂଶୁ ଗିରଫ ଭୟରେ ନିବେଦିତା ଓ ନୃସିଂହଙ୍କ ଆକାଉଣ୍ଟକୁ ପ୍ରାୟ ୬୩ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ମିଳିଥିବା ସୂଚନାନୁଯାୟୀ, ସୁଧାଂଶୁ ଫେସବୁକ୍ ମାଧ୍ୟମରେ ନିବେଦିତାଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ସେମାନେ ମିଳିତ ଭାବେ ବ୍ୟାଙ୍କ ଟଙ୍କା ହଡ଼ପ ପାଇଁ ଯୋଜନା କରିଥିଲେ। ଏଥିରେ ସେମାନଙ୍କୁ ନିବେଦିତାଙ୍କ ଲିଭ-ଇନ୍ ପାର୍ଟନର ନୃସିଂହ ସହଯୋଗ କରିଥିଲେ। ତଦନ୍ତ ସମୟରେ ଜଣାପଡ଼ିଛି ଯେ ଏହି ପେସାଦାର ଠକ ଯୋଡ଼ି ବୃତ୍ତିଗତ ଭାବେ ର୍‍ୟାକେଟ୍ ଚଳାଇଥିଲେ। ଏମାନେ ଅନେକ ଲୋକଙ୍କୁ ପେରି ଢଙ୍ଗରେ ଠକିଥିବା ସନ୍ଦେହ କରାଯାଉଛି। ପୂର୍ବରୁ ବେଙ୍ଗାଲୁରୁ ପୁଲିସ କମିଶନରେଟ୍‌ରେ ନୃସିଂହ ନାଁରେ ୧୪ ଲକ୍ଷ ଟଙ୍କାର ଠକେଇ ମାମଲା ରୁଜୁ ହୋଇଛି। ଏଥିସହ ଜଗତସିଂହପୁରରେ ଉଭୟ ନିବେଦିତା ଓ ନୃସିଂହ ୩୦ ଲକ୍ଷ ଟଙ୍କାର ଆଉ ଏକ ଠକେଇରେ ଜଡ଼ିତ ଥିବା ଜଣାପଡ଼ିଛି। ଏଥିସହ ଏମାନଙ୍କର ବାରିପଦା, ପାରାଦୀପ, ଭୁବନେଶ୍ୱରରେ ର୍‍ୟାକେଟ୍ ଚାଲିଥିବା ସନ୍ଦେହ କରାଯାଉଛି। ଏହି ଠକ ଯୋଡ଼ିଙ୍କର ୨୫ଟି ବ୍ୟାଙ୍କ ଆକାଉଣ୍ଟକୁ ଜବତ କରି ଛାନ୍‌ଭିନ୍ ଚଳାଇଛି ଭିଜିଲାନ୍ସ ଟିମ୍। ସେମାନେ ଖୋଲିଥିବା ୧୨ଟି ଷ୍ଟକ୍ ଟ୍ରେଡିଂ ଆକାଉଣ୍ଟର ମଧ୍ୟ ଯାଞ୍ଚ୍ କରାଯାଉଛି। ଭୁବନେଶ୍ୱର-ଖୋର୍ଦ୍ଧାରେ ଥିବା ସେମାନଙ୍କ ଘରେ ବି ଭିଜିଲାନ୍ସ ଟିମ୍ ତଲାସୀ ଅଭିଯାନ ଚଳାଇ ୩୩ଟି ମୋବାଇଲ, ଡେସ୍କଟପ୍, ଟାବଲେଟ୍, ସୁନା ଅଳଙ୍କାର, ଏକ ଡ୍ରୋନ୍, ଦାମୀ କ୍ୟାମେରା ଆଦି ଜବତ କରିଛି। ସୁଧାଂଶୁ ଓ ନିବେଦିତା ଏହି ଠକେଇ ସିଣ୍ଡିକେଟ୍ ଚଳାଉଥିବା ତଦନ୍ତ ସମୟରେ ଭିଜିଲାନ୍ସ ଜାଣିବାକୁ ପାଇଛି।

## ଘର ପଛପଟୁ ଯୁବକଙ୍କ ମୃତଦେହ ଉଦ୍ଧାର

### ଗ୍ରାମବାସୀଙ୍କ ହତ୍ୟା ଅଭିଯୋଗ

ଜଳେଶ୍ୱର,୭।୫(ସଂଚାର ବ୍ୟୁରୋ)ः ଘର ପଛ ପଟୁ ମିଳିଲା ଯୁବକଙ୍କ ମୃତଦେହ। ଉକ୍ତ ମୃତଦେହଟି ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ କୁଣ୍ଡୁଳୀ ଗାଁର ଯୁବକ ସୁରେଶ ମଲ୍ଲିକଙ୍କର ହୋଇଥିବା ବେଳେ ଏହାକୁ ନେଇ ନାନାଦି ସନ୍ଦେହ ପ୍ରକାଶ ପାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲେ ହେଁ ଗ୍ରାମବାସୀ ଏହାକୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଖବର ପାଇ ସିଂଲା ଥାନା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବ ବ୍ୟବଚ୍ଛେଦ ସକାଶେ ପଠାଇ ଅଧିକ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନାନୁଯାୟୀ, କୁଣ୍ଡୁଳୀ ଗାଁର ସ୍ୱର୍ଗତଃ ବୃନ୍ଦାବନ ମଲ୍ଲିକଙ୍କ ପୁଅ ସୁରେଶ ସଂକୀର୍ତ୍ତନ ମଣ୍ଡଳୀରେ ବାଦ୍ୟକାର ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ହଠାତ ଆଜି ସକାଳେ ସୁରେଶଙ୍କ ମୃତଦେହକୁ ପରିବାର ଲୋକେ ଘର ପଛ ପଟୁ ଉଦ୍ଧାର କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୁଲିସ୍ ସେମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏହି ଘଟଣାରେ ପୁଲିସ ମୃତ ସୁରେଶଙ୍କ ସାନଭାଇକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଆରମ୍ଭ ହେଲା ଓରମାସର 'ସମର ଡିଲାଇଟ୍'

### ୩୦ ଲକ୍ଷ ଟଙ୍କାର କାରବାର ଲକ୍ଷ୍ୟ

ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ)ः ଓଡ଼ିଶା ଗ୍ରାମୀଣ ବିକାଶ ଓ ମାର୍କେଟିଂ ସୋସାଇଟି (ଓରମାସ) ପକ୍ଷରୁ ସ୍ଥାନୀୟ ସହିଦ ନଗର ଦୁର୍ଗାମଣ୍ଡପ ନିକଟରେ 'ସମର ଡିଲାଇଟ' ନାମକ ତରଭୁଜ ମେଳା ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି



ନାରାୟଣ ନାଏକ ଉଦଘାଟନ କରିଛନ୍ତି। ଆଜିଠୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳା ଓଡ଼ିଶାର ୧୦ଟି ଜିଲ୍ଲାରୁ ପ୍ରାୟ ୧୫ଟି ଚାଷୀ ଉତ୍ପାଦକ ସଂଗଠନକୁ ଏକତ୍ରିତ କରିଛି। ଏହି ପ୍ଲାଟଫର୍ମ ମାଧ୍ୟମରେ, ଚାଷୀମାନେ ସିଧାସଳଖ କର୍ପୋରେଟ କ୍ରେତା, ସଂସ୍ଥାଗତ ଗ୍ରାହକ ଓ ସାଧାରଣ ଲୋକଙ୍କ ସହ ସଂଯୋଗ ସ୍ଥାପନ କରି ନିଜ ଉତ୍ପାଦ ଲାଗି ଉତ୍ତମ ମୂଲ୍ୟ ପାଇପାରିବେ ବୋଲି ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଡଃ ମୋନିକା ପ୍ରିୟଦର୍ଶିନୀ କହିଛନ୍ତି। ପ୍ରାୟ ୧୫୦ ଟନ ତରଭୁଜ ବିକ୍ରୟ ଲକ୍ଷ୍ୟ ରଖାଯାଇଥିବା ବେଳେ ଖୁଚୁରା ବିକ୍ରୟ ମାଧ୍ୟମରେ ପ୍ରାୟ ୩୦ ଲକ୍ଷ ଟଙ୍କାର କାରବାର ହେବାର ଲକ୍ଷ୍ୟ ରଖାଯାଇଛି। ରାଜଧାନୀବାସୀଙ୍କ ପାଇଁ ମେଳାରେ ସତେଜ ତରଭୁଜ ସହ ତରଭୁଜ ରସ, କଟା ଫଳ, ମିଲ୍କଶେକ, ସରବତ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ମଧ୍ୟ ଉପଲବ୍ଧ ହେଉଛି। ଚାଷୀ ଓ ଗ୍ରାହକ ଉଭୟଙ୍କ ପାଇଁ ଏହି ଷ୍ଟଲ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

### ଚନ୍ଦ୍ରନାଥ ରଥଙ୍କ ହତ୍ୟାକୁ ନିନ୍ଦା କଲେ ଧର୍ମେନ୍ଦ୍ର

# ଟିଏମସିର ରକ୍ତାକ୍ତ ରାଜନୈତିକ ସଂସ୍କୃତିର ଭୟଙ୍କର ଚିତ୍ର



ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ)ः ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କ ହତ୍ୟାକୁ କଡ଼ା ନିନ୍ଦା କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଟିଏମସି ଗୁଣ୍ଡାଙ୍କ ଦ୍ୱାରା ନିର୍ମମ, ବର୍ବର ଓ କାପୁରୁଷୋଚିତ ହତ୍ୟାକାଣ୍ଡ ବୋଲି ସୋସିଆଲ ମିଡିଆ 'ଏକ୍ସ'ରେ କହିଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ଶୁଭେନ୍ଦୁ ଅଧିକାରୀଙ୍କ ସହଯୋଗୀ ଚନ୍ଦ୍ରନାଥ ରଥଙ୍କ ନିର୍ମମ ହତ୍ୟା, ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ଓ ଟିଏମସି ଦ୍ୱାରା ଚାଲିଥିବା ରକ୍ତାକ୍ତ ରାଜନୈତିକ ସଂସ୍କୃତିର ଆଉ ଏକ ଭୟଙ୍କର ଚିତ୍ର। କେବଳ ଟିଏମସିର ଭୟ ଓ ଧମକପୂର୍ଣ୍ଣ ରାଜନୀତି ଆଗରେ ମୁଣ୍ଡ ନ ନୁଆଁଇଁଥିବାରୁ ବିଜେପି କାର୍ଯ୍ୟକର୍ତ୍ତା ଓ ସମର୍ଥକମାନଙ୍କୁ ବାରମ୍ବାର ଟାର୍ଗେଟ କରାଯାଉଛି, ଆକ୍ରମଣ କରାଯାଉଛି ଏବଂ ହତ୍ୟା କରାଯାଉଛି। ଏହା କୌଣସି ସାଧାରଣ ହିଂସା ନୁହେଁ, ବରଂ ଗଣତାନ୍ତ୍ରିକ ବିରୋଧୀଙ୍କୁ ଦମନ କରିବା ପାଇଁ ଏହା ଏକ ଯୋଜନାବଦ୍ଧ ଆତଙ୍କରାଜ।

ବେଙ୍ଗଲ ଧୀରେ ଧୀରେ ଟିଏମସି ହାତରୁ ଖସିଯାଉଥିବାରୁ ମମତା ବାନାର୍ଜୀଙ୍କ ହତାଶା ଏବେ ଏହାର କୁତ୍ସିତ ରୂପ ଧାରଣ କରିଛି। ଗଣତାନ୍ତ୍ରିକ ଉପାୟରେ ବିଚାରଧାରା ଓ ଜନବିଶ୍ୱାସର ମୁକାବିଲା କରିବାରେ ଅସମର୍ଥ ହୋଇ ଟିଏମସି ବଙ୍ଗଳା ଉପରେ ନିଜର ଦୁର୍ବଳ ହେଉଥିବା କର୍ତ୍ତୃତ୍ୱକୁ ବଞ୍ଚାଇବା ପାଇଁ ଧମକ, ବର୍ବରତା ଓ ରାଜନୈତିକ ରକ୍ତପାତର ସାହାରା ନେଉଛି। ଆଜି ରାଜ୍ୟ ଯାହା ପ୍ରତ୍ୟକ୍ଷ କରୁଛି, ତାହା ଗଣତନ୍ତ୍ର ଉପରେ ଏକ ସିଧାସଳଖ ଆକ୍ରମଣ, ଯେଉଁଠାରେ ଭିନ୍ନମତର ଉତ୍ତର ହିଂସା ମାଧ୍ୟମରେ ଦିଆଯାଉଛି ଓ ରାଜନୈତିକ ଶତ୍ରୁତାକୁ ହତ୍ୟାର ବାହାନା ଭାବେ ବ୍ୟବହାର କରାଯାଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଅନୁଗୁଳ ସହରରେ ସେକ୍ସ ର୍‍ୟାକେଟ ଠାବ

# ଦଲାଲ ଅଟକ, ଦୁଇ ଯୁବତୀ ଉଦ୍ଧାର



ଅନୁଗୁଳ,୭।୫(ସଂଚାର ବ୍ୟୁରୋ)ः ଅନୁଗୁଳ ସହରରେ ସେକ୍ସ ର୍‍ୟାକେଟ୍ ଠାବ ହୋଇଛି। ଏଥିସହ ଜଡ଼ିତ ଜଣେ ଦଲାଲଙ୍କୁ ଅଟକ ରଖାଯାଇଥିବା ବେଳେ ଦେହ ବ୍ୟବସାୟରେ ଜଡ଼ିତ ଦୁଇ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଅନୁଗୋଳ ସହରର ତାମ୍ରିତ୍ କଲୋନୀ ଅଞ୍ଚଳରେ ଚାଲୁଥିବା ଏକ ସେକ୍ସ ର୍‍ୟାକେଟ ଉପରେ ଅନୁଗୁଳ ଥାନା ପୁଲିସ ଚଢ଼ାଉ କରିଛି। ଚଢ଼ାଉ ସମୟରେ ଦୁଇ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ୬୭ ବର୍ଷୀୟ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ଗୁପ୍ତ ସୂଚନା ପାଇ ପୁଲିସ ଚଢ଼ାଉ କରି ଘଟଣାର ପର୍ଦ୍ଦାଫାସ କରିଛି। ପୁଲିସ ଉଦ୍ଧାର ଯୁବତୀଙ୍କୁ ସୁରକ୍ଷା ହେପାଜତରେ ରଖିଥିବା ବେଳେ ଅଟକ ବ୍ୟକ୍ତିଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

### କାକଟପୁର, ରାୟଗଡ଼ା ଓ ବେଗୁନିଆରେ ଭାଙ୍ଗିଲା କଂଗ୍ରେସ ଓ ବିଜେଡି ଗଡ଼

# ପଦ୍ମ ଧରିଲେ ୩ ବିଧାନସଭା କ୍ଷେତ୍ରର ପଞ୍ଚାୟତ ପ୍ରତିନିଧି



ଭୁବନେଶ୍ୱର, ୭।୫ (ସଂଚାର ବ୍ୟୁରୋ)ः ଗୁରୁବାର ପୁରୀଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ, ରାୟଗଡା ଜିଲ୍ଲା ଓ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନମଣ୍ଡଳୀର ବିଜେଡି ଓ କଂଗ୍ରେସର ବହୁ ସରପଞ୍ଚ, ନାଏବ ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ, ୱାର୍ଡସଭ୍ୟ, ବରିଷ୍ଠ ଓ ଯୁବନେତା ବିଜେପିରେ ସାମିଲ ହୋଇଛନ୍ତି। ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ତଥା ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ସେମାନେ ବିଜେପିରେ ଯୋଗ ଦେଇଛନ୍ତି ବୋଲି କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଛନ୍ତି ଯେ, ଦେଶର ୨୨ ରାଜ୍ୟରେ ବିଜେପି ଏବଂ ଏନଡିଏ ସରକାର ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇପାରିଛି। ସଂକଳ୍ପରୁ ସିଦ୍ଧି କାରଣରୁ ସମସ୍ତେ ଆଜି ବିଜେପିରେ ଯୋଗ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ୧ ନମ୍ବର ରାଜ୍ୟ କରିବା ପାଇଁ ସ୍ୱପ୍ନ ଦେଖିଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ସେଥିରେ ଓଡ଼ିଶାର ସର୍ବାଧିକ ଭାଗିଦାରୀ ରହିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏଥିରେ ଆମ ସମସ୍ତଙ୍କୁ ସହଯୋଗ କରିବାକୁ ପଡ଼ିବ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମକୁ ସଂକଳ୍ପ ନେବାକୁ ହେବ ବୋଲି ଶ୍ରୀ ସାମଲ କହିଛନ୍ତି। ରାଜ୍ୟ ସଭାପତି ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି।

# ସତୀଚୌରା ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କଟକ,୭।୫ (ସଂଚାର ବ୍ୟୁରୋ)ःକଟକ ମେୟର ସୁବାସ ସିଂହ ୱାର୍ଡ ନମ୍ବର ୬ ସ୍ଥିତ ସତୀଚୌରା ଶ୍ମଶାନର ନବୀକରଣ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ପ୍ରାୟ ୭ କୋଟି ଟଙ୍କା ବ୍ୟୟ ବରାଦରେ ୨ଟି ପ୍ରତୀକ୍ଷା ହଲ୍, ପୁରୁଷ ଓ ମହିଳାମାନଙ୍କ ପାଇଁ ପୃଥକ ଶୌଚାଳୟ, ପାରମ୍ପରିକ ଶବଦାହ ପାଇଁ ଆବଶ୍ୟକ ଜାଳେଣି କାଠର ଷ୍ଟୋରେଜ୍ ବ୍ୟବସ୍ଥା କରାଯିବ। ଏଥିସହ ଶ୍ମଶାନ ସହ ଜଡିତ ବ୍ୟକ୍ତିବିଶେଷଙ୍କ ନାମ ସଂରକ୍ଷଣ ପାଇଁ ଏକ ସ୍ମାରକୀ ପ୍ରାଚୀର ନିର୍ମାଣ କରାଯିବ। ଶ୍ମଶାନରେ ଭଗବାନ ଶିବଙ୍କ ମୂର୍ତ୍ତି ସ୍ଥାପନ, ଶ୍ମଶାନ ପରିସର ସୁରକ୍ଷା, ପରିଚାଳନା ଏବଂ ଦିନରାତି ତଦାରଖ ସୁନିଶ୍ଚିତ କରିବା ପାଇଁ ସୁରକ୍ଷା କର୍ମଚାରୀଙ୍କ ନିଯୁକ୍ତି ସହିତ ପ୍ରବେଶ ଦ୍ୱାରରେ ଏକ ଗାର୍ଡ ରୁମ୍ ନିର୍ମାଣ କରାଯିବ। ମୁଖ୍ୟ ପ୍ରବେଶ ଦ୍ୱାରର ବିକାଶ କରିବା ସହ ପରିଦର୍ଶକ ଏବଂ ପରିବାର ସଦସ୍ୟଙ୍କ ବସିବା ବ୍ୟବସ୍ଥା, ସୀମା ନିର୍ଦ୍ଧାରଣ ପାଇଁ ଏକ ଦୃଢ଼ କମ୍ପାଉଣ୍ଡ୍ ପ୍ରାଚୀର, ଜଳ ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନେଜ୍ ସିଷ୍ଟମ,



ପୁରୁଣା ସମାଧି ପଥରଗୁଡ଼ିକର ଉପଯୁକ୍ତ ସଂରକ୍ଷଣ, ଆଧୁନିକ ଶବଦାହ ବର୍ନର ସିଷ୍ଟମ ସ୍ଥାପନ କରାଯିବ। ଏହି ଉତ୍ସବରେ କଟକ ମେୟରଙ୍କ ସହିତ ବିଧାୟିକା ସୋଫିଆ ଫିରଦୋସ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିଶା ଦାସ, କର୍ପୋରେଟର ରୀତାଞ୍ଜଳି ବେହେରା, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ଅର୍ଦ୍ଧେନ୍ଦୁ ଶେଖର ମାଝୀ, ବିଶ୍ୱନାଥ ଧୀର ପ୍ରମୁଖ ଉପସ୍ଥିତ ଥିଲେ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୧୩ ଗିରଫ

### ୧୮ ଲକ୍ଷ ଟଙ୍କା, ୨ଟି ଚାରିଚକିଆ ଓ ୬ଟି ମୋଟର ସାଇକେଲ ଜବତ




କଟକ,୭।୫(ସଂଚାର ବ୍ୟୁରୋ)ः କଟକ ସହରରେ ଚାଲିଥିବା ଏକ ବଡ଼ ଧରଣର ଜୁଆ ଆଡ୍ଡା ଉପରେ କମିଶନରେଟ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ମଙ୍ଗଳାବାଗ ଥାନା ଅନ୍ତର୍ଗତ ବିକେ ରୋଡ଼ସ୍ଥିତ 'ହୋଟେଲ ମହାବୀର ଗାଲାକ୍ସି'ରେ ଚାଲିଥିବା ଏହି ବେଆଇନ କାରବାରକୁ ପୁଲିସ ପଣ୍ଡ କରିବା ସହ ୧୩ ଜଣ ବୃତ୍ତିଗତ ଜୁଆଡ଼ିଙ୍କୁ ଗିରଫ କରିଛି। ଘଟଣାକ୍ରମ ଗତକାଲି ବିଳମ୍ବିତ ରାତିରେ କୌଣସି ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ କଟକ ୟୁପିଡି ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ହୋଟେଲର ରୁମ୍ ନମ୍ବର ୧୧୦ ଉପରେ ଅଚାନକ ଚଢ଼ାଉ କରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ଟଙ୍କା ବାଜି ଲଗାଇ ତାସ ଖେଳୁଥିବା ଅବସ୍ଥାରେ ଧରାପଡ଼ିଥିଲେ। ଏହି ଚଢ଼ାଉରେ ଏସିପି ଅନନ୍ୟା ଅବସ୍ଥି, ଏସିପି ଅରୁଣ କୁମାର ସ୍ୱାଇଁ ଓ ମଙ୍ଗଳାବାଗ, ମର୍କତ ନଗର, କ୍ୟାଣ୍ଟନମେଣ୍ଟ ଓ ସିଡିଏ ଫେଜ୍-୨ ଥାନାର ଅଧିକାରୀମାନେ ସାମିଲ ଥିଲେ। ପୁଲିସ ଘଟଣାସ୍ଥଳରୁ ବହୁ ପରିମାଣର ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏଥିରେ ନଗଦ ୧୮ ଲକ୍ଷ ୩୦ ହଜାର ୭୩୦ ଟଙ୍କା, ୨ଟି ଚାରିଚକିଆ ଓ ୬ଟି ମୋଟର ସାଇକେଲ୍, ୧୪ଟି ମୋବାଇଲ୍, ଅନ୍ୟାନ୍ୟ ୬୦ଟି ପ୍ଲାଷ୍ଟିକ ଟୋକନ୍ ଓ ୪ ବଣ୍ଡଲ ତାସ ରହିଛି। ଅଭିଯୁକ୍ତମାନେ କଟକ, ପୁରୀ, ଭଦ୍ରକ ଓ ବ୍ରହ୍ମପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତ ହେମନ୍ତ କାହାଳୀ, ବିଷ୍ଣୁ ଦଳାଇ, ତପନ ସେଠୀ ଓ କ୍ରିଷ୍ଣା ରାଓଙ୍କ ନାମରେ ପୂର୍ବରୁ ଅପରାଧିକ ମାମଲା ରହିଛି। ଏନେଇ ମଙ୍ଗଳାବାଗ ଥାନାରେ ୧୫୮/୨୬ରେ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକः ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକः ଅଜିତ କୁମାର ଦାଶ

# ୧୦ ଲକ୍ଷର ନିବେଶରେ ସାଢ଼େ ୪ ଲକ୍ଷର ଫାଇଦା




ନୂଆଦିଲ୍ଲୀ, ୭।୫: ଆପଣ ନିଜ କଷ୍ଟଲବ୍ଧ ରୋଜଗାରକୁ ଏମିତି ଏକ ସ୍ଥାନରେ ନିବେଶ କରିବାକୁ ଚାହୁଁଛନ୍ତି କି, ଯେଉଁଠାରେ ଟଙ୍କା ସୁରକ୍ଷିତ ରହିବା ସହ ମୋଟା ଅଙ୍କର ରିଟର୍ଣ୍ଣ ମିଳିବ ? ଯଦି ହଁ, ତେବେ ପୋଷ୍ଟ ଅଫିସର ଏହି ସରକାରୀ ଯୋଜନା ଆପଣଙ୍କ ପାଇଁ ସର୍ବଶ୍ରେଷ୍ଠ ବିକଳ୍ପ ହୋଇପାରେ । ପୋଷ୍ଟ ଅଫିସର 'ନ୍ୟାସନାଲ ସେଭିଙ୍ଗସ୍ ସାର୍ଟିଫିକେଟ୍' (ଏନ୍‌ସିଏସ୍) ସ୍କିମ୍‌ରେ ଥରେ ଟଙ୍କା ଲଗାଇ ଆପଣ ଘରେ ବସି କେବଳ ସୁଧ ଆକାରରେ ୪.୫୦ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରିପାରିବେ । ଜିରୋ ରିସ୍କ, ସୁରକ୍ଷାର ୧୦୦% ଗ୍ୟାରେଣ୍ଟି: ପୋଷ୍ଟ ଅଫିସ ସ୍କିମ୍‌ଗୁଡ଼ିକର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଥିରେ କୌଣସି ରିସ୍କ ନଥାଏ । ଏହି ଯୋଜନାଗୁଡ଼ିକୁ ସିଧାସଳଖ ଭାରତ ସରକାର ପରିଚାଳନା କରୁଥିବାରୁ ନିବେଶକଙ୍କ ଟଙ୍କା ସମ୍ପୂର୍ଣ୍ଣ ସୁରକ୍ଷିତ ରହେ । ଶିଶୁ, ଯୁବକ, ବୃଦ୍ଧ କିମ୍ବା ମହିଳା - ସମସ୍ତ ବର୍ଗର ଲୋକଙ୍କ ପାଇଁ ପୋଷ୍ଟ ଅଫିସରେ ସଞ୍ଚୟ ଯୋଜନା ଉପଲବ୍ଧ । ୭.୭% ବାର୍ଷିକ ସୁଧ ହାର: ବର୍ତ୍ତମାନ ପୋଷ୍ଟ ଅଫିସ ଏନ୍‌ସିଏସ୍ ସ୍କିମ୍ ଉପରେ ସରକାର ୭.୭% ହାରରେ ସୁଧ ପ୍ରଦାନ କରୁଛନ୍ତି । ଏହି ସୁଧ ଚକ୍ରବୃଦ୍ଧି ଆଧାରରେ ଗଣନା କରାଯାଏ, ଯାହା ନିବେଶକଙ୍କୁ ଅଧିକ ଲାଭ ଦେଇଥାଏ । ତେବେ ଏହି ସୁଧର ସମ୍ପୂର୍ଣ୍ଣ ଲାଭ ପାଇବା ପାଇଁ ଆପଣଙ୍କୁ ୫ ବର୍ଷର ଲକ୍-ଇନ୍ ପିରିୟଡ୍ ପର୍ଯ୍ୟନ୍ତ ନିବେଶ ବଜାୟ ରଖିବାକୁ ପଡ଼ିବ । ଏନ୍‌ସିଏସ୍ ସ୍କିମ୍‌ର କିଛି ଗୁରୁତ୍ୱପୂର୍ଣ୍ଣ ଦିଗ: ମାତ୍ର ୧୦୦୦ ଟଙ୍କାରୁ ଆରମ୍ଭ: ଆପଣ ଚାହିଁଲେ ମାତ୍ର ୧୦୦୦ ଟଙ୍କା ଦେଇ ଏହି ଯୋଜନାରେ ନିବେଶ ଆରମ୍ଭ କରିପାରିବେ । ନିବେଶର ସୀମା ନାହିଁ: ଏଥିରେ ସର୍ବାଧିକ ନିବେଶ ପାଇଁ କୌଣସି ସୀମା ନାହିଁ । ଆପଣ ଯେତେ ଅଧିକ ନିବେଶ କରିବେ, ମ୍ୟାଚୁରିଟିରେ ସେତେ ଅଧିକ ପାଣ୍ଠି ପାଇବେ । ପିଲାଙ୍କ ନାମରେ ଆକାଉଣ୍ଟ: ୧୦ ବର୍ଷରୁ କମ୍ ବୟସର ଶିଶୁଙ୍କ ନାମରେ ମଧ ଆକାଉଣ୍ଟ ଖୋଲାଯାଇପାରିବ, ଯାହାକୁ ଅଭିଭାବକମାନେ ପରିଚାଳନା କରିବେ । ଟ୍ୟାକ୍ସ ରିହାତି: ଏହି ସ୍କିମ୍‌ରେ ଆୟକର ଅଧିନିୟମର ଧାରା 80C ଅନୁଯାୟୀ ବାର୍ଷିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟ୍ୟାକ୍ସ ଛାଡ଼ର ସୁବିଧା ମିଳିଥାଏ । କେମିତି ମିଳିବ ୪.୫୦ ଲକ୍ଷ ଟଙ୍କାର ସୁଧ ? ଯଦି ଜଣେ ନିବେଶକ ଏନ୍‌ସିଏସ୍ ସ୍କିମ୍‌ରେ ଏକକାଳୀନ ୧୦ ଲକ୍ଷ ଟଙ୍କା ନିବେଶ କରନ୍ତି, ତେବେ ବର୍ତ୍ତମାନର ୭.୭% ସୁଧ ହାର ଅନୁଯାୟୀ ୫ ବର୍ଷ ପରେ ତାଙ୍କର ମୋଟ ପାଣ୍ଠି ହେବ ୧୪,୪୯,୦୩୪ ଟଙ୍କା । ନିବେଶ ରାଶି: ୧୦,୦୦,୦୦୦ ଟଙ୍କା ମୋଟ ସୁଧ: ୪,୪୯,୦୩୪ ଟଙ୍କା (ପ୍ରାୟ ୪.୫୦ ଲକ୍ଷ) ମୋଟ ରିଟର୍ଣ୍ଣ: ୧୪,୪୯,୦୩୪ ଟଙ୍କା ଏହି ଭୁଲ୍ ଆଦୌ କରନ୍ତୁ ନାହିଁ: ନିବେଶକମାନେ ମନେ ରଖିବା ଉଚିତ୍ ଯେ ଏହି ଯୋଜନାଟି ୫ ବର୍ଷ ପାଇଁ । ଯଦି ଆପଣ ଜରୁରୀକାଳୀନ ସ୍ଥିତିରେ ଏକ ବର୍ଷ ମଧ୍ୟରେ ଆକାଉଣ୍ଟ ବନ୍ଦ କରନ୍ତି, ତେବେ ଆପଣଙ୍କୁ କୌଣସି ସୁଧ ମିଳିବ ନାହିଁ । କେବଳ ମୂଳ ଧନ ହିଁ ଫେରସ୍ତ ପାଇବେ । ତେଣୁ ପୂରା ସୁଧର ଲାଭ ଉଠାଇବା ପାଇଁ ୫ ବର୍ଷ ପୂର୍ଣ୍ଣ ହେବା ଯାଏଁ ଅପେକ୍ଷା କରିବା ଜରୁରୀ । ନିଜର ଭବିଷ୍ୟତକୁ ସୁରକ୍ଷିତ କରିବା ଏବଂ ମୋଟା ଅଙ୍କର ରିଟର୍ଣ୍ଣ ପାଇବା ପାଇଁ ଆଜି ହିଁ ନିକଟସ୍ଥ ପୋଷ୍ଟ ଅଫିସକୁ ଯାଇ ଏହି ଏନ୍‌ସିଏସ୍ ସ୍କିମ୍ ବିଷୟରେ ଅଧିକ ସୂଚନା ନିଅନ୍ତୁ ।

### ଛଟେଇ ନିଷ୍ପତ୍ତିକୁ ନେଇ ବଢ଼ିଲା ଚିନ୍ତା

## କଗ୍ନିଜାଣ୍ଟର ୧୫ ହଜାର କର୍ମଚାରୀଙ୍କ ଯିବ ଚାକିରି




**ନୂଆଦିଲ୍ଲୀ,୭।୫:** ବଡ଼ ଧରଣର ଛଟେଇ ଯୋଜନା କରୁଛି ଆଇଟି ଜାଏଣ୍ଟ କଗ୍ନିଜାଣ୍ଟ। କୁହାଯାଇଛି ଏହି ଛଟେଇରେ ସାରା ବିଶ୍ୱରେ କମ୍ପାନିର ପ୍ରାୟ ୧୫ ହଜାର କର୍ମଚାରୀ ପ୍ରଭାବିତ ହେବେ। ବଡ଼ କଥା ହେଲା ସବୁଠାରୁ ଅଧିକ ପ୍ରଭାବିତ ହେବେ ଭାରତୀୟ କର୍ମଚାରୀ। କାରଣ ଭାରତରେ ହିଁ ସବୁଠାରୁ ଅଧିକ କର୍ମଚାରୀଙ୍କ ଛଟେଇ ହେବ। ମନିକଣ୍ଟ୍ରୋଲର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ହିଁ ସର୍ବାଧିକ ସଂଖ୍ୟକ ଚାକିରି ଯିବ। ଏହି ଛଟେଇ ଚଳିତ ବର୍ଷ ଓରାକେଲ ଏବଂ ଆମାଜନ ପରେ ଟେକ୍ ଇଣ୍ଡଷ୍ଟ୍ରିରେ ସବୁ ବଡ଼। ସୂଚନାଯୋଗ୍ୟ, କଗ୍ନିଜାଣ୍ଟରେ ୩ ଲକ୍ଷ ୫୭ ହଜାରରୁ ଅଧିକ କର୍ମଚାରୀ କାମ କରୁଛନ୍ତି। ଯେଉଁଥିରୁ ଅଢ଼େଇ ଲକ୍ଷ କର୍ମଚାରୀ କେବଳ ଭାରତରେ ଅଛନ୍ତି। ଯଦିଓ କମ୍ପାନୀ ଏପର୍ଯ୍ୟନ୍ତ ଛଟେଇର ସଠିକ୍ ସଂଖ୍ୟା ଘୋଷଣା କରିନାହିଁ। ତଥାପି ରିପୋର୍ଟ ଅନୁଯାୟୀ ୧୨ ହଜାରରୁ ୧୫ ହଜାର କର୍ମଚାରୀ ଚାକିରି ହରାଇପାରନ୍ତି। କମ୍ପାନି ନିଜର ପରିଚାଳନା ଗତ ଢାଞ୍ଚାରେ ପରିବର୍ତ୍ତନ କ୍ରମେ ଏହି ଛଟେଇ କରୁଥିବା ବେଳେ, ଛଟେଇ କରାଯିବାକୁ ଥିବା କର୍ମଚାରୀଙ୍କୁ କ୍ଷତିପୂରଣ ଏବଂ ଅନ୍ୟାନ୍ୟ ସୁବିଧା ସମେତ ସେଭରେନ୍ସ କଷ୍ଟ ମଧ ଦିଆଯାଇପାରେ। କୁହାଯାଇଛି 'ପ୍ରୋଜେକ୍ଟ ଲିପ୍' ଅଧୀନରେ ସ୍ଥିର ହୋଇଥିବା ବଜେଟ୍ ଅନୁସାରେ, କମ୍ପାନୀ ଛଟେଇ ଆକଳନ କରିଥିଲା।




## ଆପଲ୍ ଓ ସାମସଙ୍ଗଙ୍କୁ ଚ୍ୟାଲେଞ୍ଜ ଦେବ ଓପନ୍‌ଏଆଇର ଫୋନ୍

ନୂଆଦିଲ୍ଲୀ,୭।୫ : ଚାଟଜିପିଟି ତିଆରି କରୁଥିବା ଏଆଇ କମ୍ପାନୀ ଓପନ୍‌ଏଆଇ ଏବେ ଆପଲ୍ ଓ ସାମସଙ୍ଗଙ୍କୁ ଚ୍ୟାଲେଞ୍ଜ ଦେବାର ପ୍ରସ୍ତୁତିରେ ରହିଛି। ମିଡିଆ ରିପୋର୍ଟ ଅନୁସାରେ, କମ୍ପାନୀ ପ୍ରଥମେ ଏଆଇ ଫୋନ୍ ଉପରେ କାମ କରୁଛି। ଏଥିରେ ବହୁ ଆପ୍ ଭିତରେ ନାଭିଗେଟ୍ କରିବା ବଦଳରେ, ୟୁଜର୍ସଙ୍କୁ ନିଜର କାମ ପୁରା କରିବା ପାଇଁ ଏଆଇ ଉପରେ ନିର୍ଭର କରିବ। ଆନାଲିଷ୍ଟ ମିଗ୍-ଚି କୁଓ ଏକ ଏକ୍ସ ପୋଷ୍ଟ କରିଛନ୍ତି ଓପନ୍‌ଏଆଇ ନିଜର ପୂର୍ବ ଏଆଇ ଏଜେଣ୍ଟ ସ୍ମାର୍ଟଫୋନର ଡେଭଲପମେଣ୍ଟକୁ ଦ୍ରୁତ ଗତିରେ ଆଗକୁ ବଢାଉଛି ଓ ଆଶା ରହିଛି ୨୦୨୭ ର ପ୍ରଥମ ୬ ମାସ ପର୍ଯ୍ୟନ୍ତ ଏହାର ବଡ ପରିମାଣରେ ପ୍ରଡକ୍ସନ ଆରମ୍ଭ ହୋଇଯିବ। ମିଗ୍-ଚି କୁଓଙ୍କ କହିବା ଅନୁସାରେ, ଏଆଇ ପାଓ୍ବାର୍ଡ ସ୍ମାର୍ଟଫୋନ୍ କିମ୍ବା ଏଜେଣ୍ଟ ଫୋନ୍ କ୍ଷେତ୍ରରେ ଏହା ହେଉଛି ବଢୁଥିବା ମୁକାବିଲା। ଏଠାରେ କମ୍ପାନୀ ଗୁଡିକ ଅଧିକ ଆଡଭାନ୍ସ ଏଆଇ ଫିଚର୍ସ ଦେବାର ଚେଷ୍ଟାରେ ରହିଥାଏ। ଏକ୍ସ ଉପରେ ତାଙ୍କର ପୂର୍ବ ପୋଷ୍ଟରେ, କୁଓ ଉଲ୍ଲେଖ କରିଥିଲେ ଯେ ଓପନ୍‌ଏଆଇ ସ୍ମାର୍ଟଫୋନ୍ ପାଇଁ ପ୍ରୋସେସର ବିକାଶ କରିବା ପାଇଁ ମେଡିଆଟେକ୍ ଏବଂ କ୍ୱାଲକମ୍ ଉଭୟଙ୍କ ସହିତ ସହଭାଗୀତା କରିଛି। ତଥାପି, ଏହା ଦେଖାଯାଉଛି ଯେ ଉନ୍ନତ ସ୍ପେସିଫିକେସନ୍ ଯୋଗୁଁ, ଓପନ୍‌ଏଆଇ ସ୍ମାର୍ଟଫୋନ୍ ପ୍ରୋସେସର ପାଇଁ ଏକମାତ୍ର ଯୋଗାଣକାରୀ ଭାବରେ ମେଡିଆଟେକ୍‌କୁ ଚୂଡ଼ାନ୍ତ କରିଛି। ସ୍ମାର୍ଟଫୋନର ପ୍ରୋସେସରଟି ଡିମେନ୍‌ସିଟି ୯୬୦୦ ଉପରେ ଆଧାରିତ ହେବ ଏବଂ ଟିଏସ୍‌ଏମ୍‌ସି ଏନ୍‌୨ପି ନୋଡ୍ (୨ଏନ୍‌ଏମ୍-




କ୍ଲାସ୍ ସେମିକଣ୍ଡକ୍ଟର ନୋଡ୍) ବ୍ୟବହାର କରି ନିର୍ମିତ ହେବ। ୨୦୨୬ ର ଦ୍ୱିତୀୟାର୍ଦ୍ଧରେ ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଉଛି। ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଏଆଇ କମ୍ପ୍ୟୁଟ୍ ପାଇଁ ଡୁଆଲ୍-ଏନ୍‌ପିୟୁ ଆର୍କିଟେକ୍ଚର, ମେମୋରୀ ବାଧାଗୁଡ଼ିକୁ ସମାଧାନ କରିବା ପାଇଁ ଏଲ୍‌ପିଡିଡିଆର୬ + ୟୁଏଫ୍‌ଏସ୍ ୫.୦, ଏବଂ ସୁରକ୍ଷା ପାଇଁ ପିକେଭିଏମ୍ ଏବଂ ଇନଲାଇନ୍ ହାସିଂ ଅନ୍ତର୍ଭୁକ୍ତ। ମିଙ୍ଗ୍-ଚି କୁଓ ଏକ ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ ଯଦି ବିକାଶ ସଠିକ୍ ଗତିରେ ଜାରି ରହେ, ତେବେ ମୋଟ ସିପମେଣ୍ଟ ୨୦୨୭-୨୦୨୮ ରେ ପ୍ରାୟ ୩୦ ମିଲିୟନ ୟୁନିଟ୍ ପର୍ଯ୍ୟନ୍ତ ପହଁଞ୍ଚିପାରେ। ଫୋନ୍ ବିଷୟରେ ତାଙ୍କର ପୂର୍ବ ପୋଷ୍ଟରେ, କୁଓ କହିଥିଲେ ଯେ ଓପନ୍‌ଏଆଇ ବର୍ତ୍ତମାନ ଏଆଇ ଏଜେଣ୍ଟ ଫୋନ୍ ଉପରେ ଧ୍ୟାନ ଦେଉଛି କାରଣ ଫୋନ୍‌ଗୁଡ଼ିକରେ ଲୋକେସନ୍,କମ୍ୟୁନିକେସନ୍ ଓ କନଟେକ୍ସଟ୍ ପର୍ଯ୍ୟନ୍ତ ରହିଥାଏ।

## ବଢୁଛି ଡିଜିଟାଲ୍ ରୋଗ

ନୂଆଦିଲ୍ଲୀ, ୭।୫: ଯଦି ଆପଣଙ୍କ ଫୋନ୍‌ର ବ୍ୟାଟେରୀ କମିଗଲେ ଆପଣଙ୍କୁ ଚିନ୍ତା ଘାରୁଛି, ତେବେ ଜାଣି ରଖନ୍ତୁ ଯେ ଆପଣ ଏକୁଟିଆ ନୁହନ୍ତି । ଭାରତରେ ପ୍ରତି ୧୦ ଜଣ ମୋବାଇଲ୍ ବ୍ୟବହାରକାରୀଙ୍କ ମଧ୍ୟରୁ ୯ ଜଣ ଏହି ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଫୋନ୍ ବ୍ୟାଟେରୀର ରଙ୍ଗ ନାଲି ହେବା ମାତ୍ରେ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବା 'ଏଙ୍ଗଜାଇଟି' ବଢ଼ିବାରେ ଲାଗୁଛି । ନିକଟରେ କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଏବଂ ଫ୍ଲିପକାର୍ଟ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଏଭଳି କିଛି ଚଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ବ୍ୟାଟେରୀ ୩୦-୫୦ ପ୍ରତିଶତ ହେଲେ ବଢୁଛି ଚିନ୍ତା: ରିପୋର୍ଟ ଅନୁଯାୟୀ, ପ୍ରାୟ ୯୦ ପ୍ରତିଶତ ବ୍ୟବହାରକାରୀଙ୍କ ମନରେ ସେତେବେଳେ ଚିନ୍ତା ବଢ଼ିଯାଏ, ଯେତେବେଳେ ସେମାନଙ୍କ ଫୋନ୍‌ର ବ୍ୟାଟେରୀ ଲେଭଲ୍ ୩୦ରୁ ୫୦ ପ୍ରତିଶତ ମଧ୍ୟକୁ ଖସି ଆସିଥାଏ । ଯେତିକି ଯେତିକି ବ୍ୟାଟେରୀ ପଏଣ୍ଟ କମିଥାଏ, ବ୍ୟବହାରକାରୀଙ୍କ ମାନସିକ ଚାପ ସେତିକି ବଢ଼ିଥାଏ । ଆଜିର ଦିନରେ ସ୍ମାର୍ଟଫୋନ୍ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ, ଏହା ବନ୍ଦ ହୋଇଯିବା ଭୟ ଲୋକଙ୍କୁ ଘାରୁଛି । ସର୍ଭେରୁ ମିଳିଥିବା କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ: ଚାର୍ଜିଂ ଅଭ୍ୟାସ: ପ୍ରାୟ ୯୦ ପ୍ରତିଶତ ଲୋକ ଦିନକୁ ଅତିକମରେ ଦୁଇଥର ନିଜ ଫୋନ୍ ଚାର୍ଜ କରୁଛନ୍ତି । ଚାର୍ଜ ସମୟରେ ବ୍ୟବହାର: ୪୦ ପ୍ରତିଶତ ଲୋକ ମାନିଛନ୍ତି ଯେ ସେମାନେ ଫୋନ୍ ଚାର୍ଜରେ ଲାଗିଥିବା ସମୟରେ ମଧ ଏହାକୁ ବ୍ୟବହାର କରନ୍ତି । ଫୋନ୍ ବଦଳାଇବା ପାଇଁ ପ୍ରସ୍ତୁତ: ୬୫ ପ୍ରତିଶତ ବ୍ୟବହାରକାରୀ କହିଛନ୍ତି ଯେ ଯଦି କୌଣସି ଫୋନ୍‌ରେ ବ୍ୟାଟେରୀ ପରଫରମାନ୍ସ ବହୁତ ଭଲ ମିଳେ, ତେବେ ସେମାନେ ନିଜର ବର୍ତ୍ତମାନର ଫୋନ୍ ବଦଳାଇବାକୁ ପ୍ରସ୍ତୁତ ଅଛନ୍ତି । ସକାଳୁ ରାତି ଯାଏଁ ଫୋନ୍: ୪୦ ପ୍ରତିଶତ ୟୁଜର୍ସ ସକାଳୁ ଆଖି ଖୋଲିବା ମାତ୍ରେ ପ୍ରଥମେ ଫୋନ୍ ଦେଖନ୍ତି ଏବଂ ରାତିରେ ଶୋଇବା ପୂର୍ବରୁ ମଧ ଶେଷ କାମ ଭାବେ ଫୋନ୍ ବ୍ୟବହାର କରନ୍ତି । ସୂଚନାଯୋଗ୍ୟ, ଭାରତ ବର୍ତ୍ତମାନ ୭୫ କୋଟି ମୋବାଇଲ୍ ୟୁଜର୍ସଙ୍କ ସହ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସ୍ମାର୍ଟଫୋନ୍ ମାର୍କେଟ୍ ପାଲଟିଛି । ରିପୋର୍ଟରୁ ଆଉ ଏକ ଆଶ୍ଚର୍ଯ୍ୟଜନକ କଥା ଜଣାପଡ଼ିଛି ଯେ, ଲୋକେ ଏବେ କେବଳ କ୍ୟାମେରା କିମ୍ବା ବ୍ୟାଟେରୀ ଦେଖି ଫୋନ୍ କିଣୁନାହାନ୍ତି । ଏବେ ସ୍ମାର୍ଟଫୋନ୍ କିଣିବା ସମୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏକ ପ୍ରମୁଖ ନିର୍ଣ୍ଣାୟକ କାରକ (ଡିସେନ୍‌ଡିଙ୍ଗ ଫେକ୍ଟର୍)
ସାଜିଛି । ୮୯ ପ୍ରତିଶତ ଗ୍ରାହକ ଫୋନ୍ କିଣିବା ପୂର୍ବରୁ ସେଥିରେ ଥିବା ଏଆଇ ଫିଚର୍ସକୁ ଗୁରୁତ୍ୱ ଦେଉଛନ୍ତି । ବିଶେଷ କରି ୧୫,୦୦୦ରୁ ୨୦,୦୦୦ ଟଙ୍କା ବଜେଟ୍ ମଧ୍ୟରେ ଥିବା ଫୋନ୍‌ରେ ମଧ ଗ୍ରାହକମାନେ ଏଆଇ ସୁବିଧା ଖୋଜୁଛନ୍ତି । **କିଏ କେମିତି କରୁଛି ଏଆଇର ବ୍ୟବହାର ?** ରିପୋର୍ଟ ଦର୍ଶାଇଛି ଯେ ବିଭିନ୍ନ ବର୍ଗର ଲୋକେ ଭିନ୍ନ ଭିନ୍ନ କାମ ପାଇଁ ଏଆଇକୁ ବ୍ୟବହାର କରୁଛନ୍ତି: ଜେନ୍-ଜି: ମୁଖ୍ୟତଃ କଣ୍ଟେଣ୍ଟ କ୍ରିଏସନ୍ ଏବଂ ମନୋରଞ୍ଜନ ପାଇଁ ଏଆଇ ବ୍ୟବହାର କରୁଛନ୍ତି । ମିଲେନିଆଲ୍ସ: ନିଜର କାର୍ଯ୍ୟଦକ୍ଷତା ଅର୍ଥାତ୍ ପ୍ରଡକ୍ଟିଭିଟି ବଢ଼ାଇବା ଏବଂ ପ୍ଲାନିଂ ପାଇଁ ଏହାର ସାହାରା ନେଉଛନ୍ତି । ମହିଳା: ଦୈନନ୍ଦିନ କାର୍ଯ୍ୟରେ ସହାୟତା ଏବଂ ନିଜର ଲାଇଫଷ୍ଟାଇଲ୍ ଆବଶ୍ୟକତା ପାଇଁ ଏଆଇ ଫିଚର୍ସକୁ ପସନ୍ଦ କରୁଛନ୍ତି । ମୋଟାମୋଟି ଭାବେ ଦେଖିବାକୁ ଗଲେ, ଭାରତୀୟ ସ୍ମାର୍ଟଫୋନ୍ ବଜାରରେ ଏବେ 'ବ୍ୟାଟେରୀ ବ୍ୟାକଅପ୍' ସହ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ'ର ଯୁଗ ଆରମ୍ଭ ହୋଇଛି ।







## ସାରା ଦେଶରେ ବନ୍ଦ ରହିବ ଔଷଧ ଦୋକାନ

ନୂଆଦିଲ୍ଲୀ,୭।୫: ଯଦି ଆପଣ କିମ୍ବା ଆପଣଙ୍କ ପରିବାରର କୌଣସି ସଦସ୍ୟ ନିୟମିତ ଭାବରେ କୌଣସି ରୋଗ ପାଇଁ ଔଷଧ ଖାଆନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରକୃତରେ, ୨୦ ମେ' ୨୦୨୬ ବୁଧବାର ସାରା ଦେଶରେ ଔଷଧର ଅଭାବ ଦେଖାଦେଇପାରେ, କାରଣ ଅଲ ଇଣ୍ଡିଆ ଅର୍ଗାନାଇଜେଶନ ଅଫ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ନେତୃତ୍ୱରେ ସାରା ଦେଶରେ ୧୨ ଲକ୍ଷ ୪୦ ହଜାରରୁ ଅଧିକ କେମିଷ୍ଟ "ଭାରତ ବନ୍ଦ" ପାଇଁ ପ୍ରସ୍ତୁତ ହେଉଛନ୍ତି। ଫଳସ୍ୱରୂପ, ଦେଶର ଅଧିକାଂଶ ସହର, ସହର ଏବଂ ଗ୍ରାମଗୁଡ଼ିକରେ ଔଷଧ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଆଶା କରାଯାଉଛି। ଔଷଧ ଦୋକାନଗୁଡ଼ିକ ଦ୍ୱାରା ଏହି ବିଶାଳ ପ୍ରତିବାଦର ମୁଖ୍ୟ କାରଣ ହେଉଛି ଅନଲାଇନରେ ଔଷଧ ବିକ୍ରି, କିମ୍ବା "ଇ-ଫାର୍ମାସି" ଏବଂ ବଡ଼ କର୍ପୋରେଟ




କମ୍ପାନୀଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ଭାରୀ ରିହାତି। କେମିଷ୍ଟମାନେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଅନଲାଇନ ପ୍ଲାଟଫର୍ମରେ ଔଷଧ ବିକ୍ରି କୌଣସି କଠୋର ନିୟମ ବିନା ହେଉଛି। ଏହା କେବଳ ସେମାନଙ୍କ ବ୍ୟବସାୟକୁ ବିପଦରେ ପକାଇନାହିଁ, ବରଂ ରୋଗୀଙ୍କ ଜୀବନ ପ୍ରତି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିଛି। ରସାୟନବିଦମାନଙ୍କ ସବୁଠାରୁ ବଡ଼ ଅଭିଯୋଗ ହେଉଛି ଯେ ବୈଧ ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ଅନଲାଇନ ଓ୍ୱେବସାଇଟ ଏବଂ ଆପ୍ସରେ ଔଷଧ ବ୍ୟାପକ ଭାବରେ ବିକ୍ରି ହେଉଛି। ଲୋକମାନେ ଅନଲାଇନରେ ବାରମ୍ବାର ସମାନ ପ୍ରେସକ୍ରିପସନ ଅପଲୋଡ କରି ଔଷଧ ଅର୍ଡର କରୁଛନ୍ତି। ଅନେକ କ୍ଷେତ୍ରରେ, ନକଲି ପ୍ରେସକ୍ରିପସନ ମାଧ୍ୟମରେ ଘରେ ଘରେ ନିଶାଦ୍ରବ୍ୟ ଏବଂ ଭାରୀ ଆଣ୍ଟିବାୟୋଟିକ ସହଜରେ ପହଞ୍ଚାଯାଉଛି। ଏହା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଛି। ବଡ଼ କର୍ପୋରେଟ ହାଉସଗୁଡ଼ିକ ଅନଲାଇନ ପ୍ଲାଟଫର୍ମରେ ଔଷଧ ଉପରେ ଏତେ ବଡ଼ ରିହାତି ପ୍ରଦାନ କରୁଛନ୍ତି ଯେ ପଡ଼ୋଶୀ, ଗାଁ, ସହର ଏବଂ ଛୋଟ ସହରଗୁଡ଼ିକର ସାଧାରଣ ରସାୟନବିଦମାନେ ପ୍ରତିଯୋଗିତା କରିବାକୁ ସଂଘର୍ଷ କରୁଛନ୍ତି। ନିରନ୍ତର ଭାରୀ କ୍ଷତି ଯୋଗୁ ଛୋଟ ଦୋକାନୀମାନେ ବ୍ୟବସାୟିକ ସ୍ଥଗିତାର ସମ୍ମୁଖୀନ ହେଉଛନ୍ତି ଏବଂ ଦୋକାନଗୁଡ଼ିକ ବନ୍ଦ ହେଉଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୪୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୯,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୪୬୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୯,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୨,୩୧୦ ଟଙ୍କା ଓ ୨୨ କ୍ୟାରେଟ ୧,୩୯,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୮୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୦୧୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୪୬୦ ଓ ୨୨ କ୍ୟାରଟ ମୂଲ୍ୟ ୧,୩୯,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

# ଜନ୍ମଦିନରେ ରକ୍ତଦାନ ଶିବିର

## ପତି ପତ୍ନୀ ଉଭୟ କଲେ ରକ୍ତଦାନ, ୨୫ ୟୁନିଟ ରକ୍ତ ସଂଗୃହୀତ



**ବାରିପଦା,୭।୫ (ସଂଚାର ବ୍ୟୁରୋ):** ସ୍ଥାନୀୟ ବାରିପଦା ବ୍ଲକ ସମ୍ମିଳନୀ କକ୍ଷରେ ନନ୍ଦଲାଲା ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଟ୍ରଷ୍ଟର ପ୍ରତିଷ୍ଠାତା ଶିବ ପ୍ରସାଦ ନନ୍ଦଙ୍କ ଜନ୍ମଦିନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସେ ନିଜେ ଓ ତାଙ୍କ ଧରମପତ୍ନୀ ଅନୁପମା ନନ୍ଦଙ୍କ ସମେତ ମୋଟ ୨୫ ଜଣ ରକ୍ତଦାନ କରିଥିଲେ । ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଟ୍ରଷ୍ଟର ସଭାପତି ଶିବ ପ୍ରସାଦ ନନ୍ଦ, ଉପ ସଭାପତି ହୀରାଲାଲ ଘଣ୍ଟିଆଳ, ସମ୍ପାଦକ ଅନୁପମା ନନ୍ଦ, କୋଷାଧ୍ୟକ୍ଷ ଲିପିଶ୍ରୀ ମହାକୁଡ଼, ସହ ସମ୍ପାଦକ ସୁଧାଂଶୁ ଶେଖର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ରକ୍ତ କେନ୍ଦ୍ର, ବାରିପଦାର ମେଡିକାଲ ଅଫିସର ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ଶକୁନ୍ତଳା ମହାନ୍ତ, ସତ୍ୟଜିତ ମହାନ୍ତ, କରୁଣାକର ଜେନା ଓ ସଂସିତା ମହାକୁଡ଼ ରକ୍ତ ସଂଗ୍ରହ କରିଥିଲେ । ତନୁଶ୍ମିତା ଦତ୍ତ, ତାପସ ରଞ୍ଜନ ଜେନା, ଭବାନୀ ଶଙ୍କର ସାହୁ, ପଲଟନ ସିଂହ ଓ ନିହାର ରଞ୍ଜନ ବାରିକ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଜନ୍ମଦିନକୁ ସମାଜ ପାଇଁ ଉତ୍ସର୍ଗୀକୃତ କରିଥିବାରୁ ଅତିଥିମାନେ ଟ୍ରଷ୍ଟର ପଦକ୍ଷେପକୁ ପ୍ରଶଂସା କରିଥିଲେ ।

# ବିବାହ ଉତ୍ସବରେ ଗଛ ଓ ପୁସ୍ତକ ପ୍ରଦାନ




**ସୁକିନ୍ଦା,୭।୫ (ସଂଚାର ବ୍ୟୁରୋ):** ସୁକିନ୍ଦା ନିର୍ବାଚନ ମଣ୍ଡଳୀର ପ୍ରକୃତି ପ୍ରେମୀ ତଥା ଲେଖକ, ଲେଖିକା ସନ୍ତୋଷ ଓ ପ୍ରୀତି ତାଙ୍କର ବିବାହ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ବିବାହ ଉତ୍ସବକୁ ଆସିଥିବା ଅତିଥି ମାନଙ୍କୁ ଗଛ ଏବଂ ପୁସ୍ତକ ପ୍ରଦାନ କରି ଆଧୁନିକ ସମାଜକୁ ଏକ ସୁବାର୍ତ୍ତା ଦେଇଛନ୍ତି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖରଡ଼ି ଗ୍ରାମ ପଂଚାୟତର ଖରଡ଼ି ଗ୍ରାମର ସୁକାନ୍ତ ସାହୁ ଓ ସରୋଜିନୀଙ୍କ ପୁତ୍ର ସନ୍ତୋଷ ଏବଂ ବୋହୁ ପ୍ରୀତି ତାଙ୍କ ବିବାହ ଉତ୍ସବରେ ନିଜ କଲମରୁ ଲେଖିଥିବା 'ମୁଁ ଆଉ ତମେ' ପୁସ୍ତକର ଉନ୍ମୋଚନ କରିବା ସହିତ ଏହି ଉତ୍ସବରେ ସାମିଲ ହୋଇଥିବା ସମସ୍ତ ଅତିଥି ।ନଙ୍କୁ ସମ୍ମାନ ଜଣାଇ ଉତ୍ତରୀୟ ଓ ଗଢ଼ିଉଠିଥିବା ଶିଳ୍ପାଞ୍ଚଳର ଧୂଳି ଧୂଆଁ ପ୍ରକୃତିକୁ ବଂଚାଇ ରଖିବା ପାଇଁ ଗୋଟେ, ଗୋଟେ ଗଛ ଚାରା ପ୍ରଦାନ କରି ସମାଜ ପାଇଁ ଏହି ନବଦମ୍ପତି ଏକ ଉଦାହରଣ ସାଜିଥିବା ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ ଅତିଥିଭାବେ ସୁକିନ୍ଦା କଲେଜର ପୂର୍ବତନ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ, ପୂର୍ବତନ ଅଧ୍ୟକ୍ଷ ଶିବ ଚରଣ ମାଝୀଙ୍କ ସମେତ ବିଭିନ୍ନ ଅଂଚଳରୁ ସୁନାମଧନ୍ୟ ସାହିତ୍ୟିକ, ସାହିତ୍ୟିକା, ଶିକ୍ଷାବିତ୍, ସାମ୍ବାଦିକ ଓ ସମାଜସେବୀ ମାନେ ଯୋଗଦେଇଥିଲେ। ଉଭୟ ଏପରି ମହତ୍ କାର୍ଯ୍ୟ ସମ୍ପାଦନ କରିଥିବା ଯୋଗୁଁ ଅତିଥି ମାନେ ପ୍ରଶଂସା କରିବା ସହ ସେମାନଙ୍କୁ ଆଶ୍ରିର୍ବାଦ କରିଥିଲେ। ଏପରି ପ୍ରୟାସ ଜାରି ରଖିବା ଲାଗି ଉତ୍ସାହିତ କରିଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗରେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ

## କାଗଜ କଲମରେ ଏଫ-ଟୁ କାମ ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଦାବି

**ଯାଜପୁର,୭।୫ (ସଂଚାର ବ୍ୟୁରୋ):** ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡ଼ି ଡିଭିଜନ-୧)ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି । ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡ଼ି ଡିଭିଜନ -୧ ) ଅଧୀନରେ ଯାଜପୁର ରୋଡ଼, ଡୁବୁରୀ, ବିଂଝାରପୁର, ଯାଜପୁର ଏହିଁପରି ୪ଟି ସବ୍‌ଡିଭିଜନ ରହିଛି । କିନ୍ତୁ ନିର୍ମାଣ କାର୍ଯ୍ୟରେ ଏଠାରେ ସରକାରୀ ନିୟମ କାନୁନକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଛି। ମୁଖ୍ୟତଃ ବିଭାଗୀୟ ଅଧିକାରୀମାନେ ରାଜନୈତିକ ନେତାଙ୍କ ବାହୁଛାୟା ତଳେ ରହି ଏଭଳି ବେଆଇନ କାର୍ଯ୍ୟକୁ ଆପଣେଇଛନ୍ତ। ଏହି ବିଭାଗରେ ଶହ ଶହ ଏଫ୍ -ଟୁ କାମ କାଗଜ କଲମରେ ଦର୍ଶାଇ ବିଲ ହଡପ କରାଯାଇଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି । କାରଣ ଅଧିକାଂଶ ସ୍ଥାନରେ କାମ ନକରି କୋଟି କୋଟି ଟଙ୍କା ହରିଲୁଟ କରାଯାଇଥିବାର ଏଭଳି ଅଭିଯୋଗ ହେଉଛି ।

ଅପରପକ୍ଷରେ ଯାଜପୁର ଆରଡ଼ି ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରୁମ୍ ସାଜସଜ୍ଜା ବାବଦକୁ ଟେଣ୍ଡର କରା ନ ଯାଇ କିପରି ଲକ୍ଷାଧିକ ଟଙ୍କା ବ୍ୟୟ କରାଗଲା ତାହା ବିଭାଗୀୟ ଯନ୍ତ୍ରୀମାନେ ଅଧିକ ସନ୍ଦେହ ଘେରକୁ ଟାଣି ହୋଇ ପଡୁଛନ୍ତି। ତେବେ ଏହାର ସତ୍ୟତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ତେଣୁ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ଏହା ତଦନ୍ତ ସାପେକ୍ଷ।

ଉଲ୍ଲେଖ ଯୋଗ୍ୟ ଯେ, ଯାଜପୁର ଆରଡ଼ି ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଂଜିନିୟରଙ୍କ ମନମୁଖି କାର୍ଯ୍ୟ ପାଇଁ ଠିକାଦାରଙ୍କ ମଧ୍ୟରେ ଏବେ ଅସନ୍ତୋଷ ପ୍ରକାଶ ପାଇଛି । କାରଣ ବିଭିନ୍ନ ପ୍ରକଳ୍ପ କାମ ଶେଷ ହୋଇଥିଲେ ମଧ୍ୟ ଠିକାଦାରଙ୍କୁ ନିର୍ଦ୍ଧାରିତ ସମୟରେ ବିଲ ବାବଦ ଅର୍ଥ ପୈଠ ନ କରି ବିଳମ୍ବ କରିବା, ଡ଼େଭିଏସନ ଫାଇଲ ଦିର୍ଘ ଦିନ ପକାଇ ରଖିବା, ଇଓଟି ପାଇଁ ବିଳମ୍ବ କରିବା ଆଦି ଘଟଣାକୁ ନେଇ ଠିକାଦାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯାହାଫଳରେ ଠିକାଦାରମାନେ ବାରମ୍ବାର ଆରଡି ଅଫିସକୁ ଦୌଡୁଥିବା ଦେଖାଯାଉଛି । ଅପରପକ୍ଷରେ ଉତକୋଚ ନ ଦେଲେ ଫାଇଲ ଟେବୁଲରରୁ ଘୁଞ୍ଚୁ ନ ଥିବା ଅନ୍ୟ ଏକ କାରଣ ।

ବିଭାଗୀୟ ଯନ୍ତ୍ରୀମାନେ ଭିଜିଲାନ୍ସ ବିଭାଗ ହାତରେ ଧରାପଡ଼ିଯିବା ଭୟରେ ନାଟକୀୟ ଢଙ୍ଗରେ ସେମାନେ ସିଧାସଳଖ ପଇସା ନନେଇ ପାଖଲୋକ ସାଜିଥିବା କିଛି କର୍ମଚାର ଓ ଠିକାଦାରଙ୍କ ମାର୍ଫତରେ ଅର୍ଥ ଆଦାୟ କରୁଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏଥିନେଇ ଯାଜପୁର ଭିଜିଲାନ୍ସ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଏହାର କୌଣସି ସୁଫଳ ନ ମିଳିବା ପଛରେ କଣ ରହସ୍ୟ ରହିଛି ତାହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ହୋଇଛି।

ତେଣୁ କଟକ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କଲେ କୋଟି କୋଟି ଟଙ୍କାର ଦୁର୍ନୀତିର ପର୍ଦାଫାସ ହେବ ବୋଲି ସାଧାରଣରେ ଦାବୀ ହେଉଛି। ଏ ସଂପର୍କରେ ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅବିନାଶ ବାରିକଙ୍କ କହିବା ହେଲା, ନିୟମାନୁଯାଇ ସବୁ କାମ ହୋଇଛି । କାମ ନ ହୋଇ ବିଲ ପୈଠ ସମ୍ପର୍କରେ କୌଣସି ଅଭିଯୋଗ ପାଇଁ ନାହିଁ ।

# ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ



**ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୭।୫ (ସଂଚାର ବ୍ୟୁରୋ):** ମାନ୍ୟବର ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ଲମ୍ତାଗୁଡ଼ା ଠାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ସେତୁବନ୍ଧ ଯୋଜନା, ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଶୁଭ ଉଦଘାଟନ କରିଛନ୍ତି। ଏଥିସହିତ ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ପଞ୍ଚାୟତ ସମିତି ଅନ୍ତର୍ଗତ ୨୨ ଗୋଟି ଗ୍ରାମ ପଞ୍ଚାୟତ ପାଇଁ ୧୪୯ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୧୦୦ଟି ଗ୍ରାମର ୩୮୬୦୯ ଗୋଟି ପରିବାରଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ।

ମୁଖ୍ୟ ଅତିଥିଙ୍କ କରକମଳରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଭାଗ ୧ ଓ ୨ ର ୨୬୭ କୋଟି ୨୭ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୩୨ ଗୋଟି ରାସ୍ତା ଓ ୪ ଗୋଟି ସେତୁବନ୍ଧ ର ଶିଳାନ୍ୟାସ କରାଯାଇଥିଲା। ସେଭଳି ମୁଖ୍ୟ ଅତିଥି ପଞ୍ଚାୟତିରାଜ ବିଭାଗର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ୨୯ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭୧୮ ଗୋଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ। ରାଇଘର ପଞ୍ଚାୟତ ସମିତି ଜଳ ଜୀବନ ଅନ୍ତର୍ଗତ ୨ ଟି ପ୍ରକଳ୍ପ ୭ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଛତାବେଡା ଓ ଦେଓଭରାଣ୍ଡି ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଥିଲା ।

ଲମତାଗୁଡାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟ ଅତିଥି ପ୍ରଥମେ ଡି ଆଇ ଇ ଟି ନିକଟସ୍ତ କୋଇଗୁଡ଼ା ଠାରେ ବନିଆ,ଚିଲିଗୁଡ଼ା ଓ ମାଲିଗୁଡ଼ା ଦେଇ ୨୦ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ମୁଖ୍ୟ ମନ୍ତ୍ରୀ ସଡକ ଯୋଜନା ଅନ୍ତର୍ଗତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଲମତାଗୁଡ଼ା ଠାରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପଞ୍ଚାୟତ ସହାୟତା ଓ ବ୍ୟାଙ୍କିଙ୍ଗ ସେବା କେନ୍ଦ୍ର କୁ ଉଦ୍ଘାଟନ କରିଥିଲେ। ଫୋଟାଗୁଡା ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଫୋ ମଟାଗୁଡା ଠାରୁ ପାନସଡୁକା ପର୍ଯ୍ୟନ୍ତ ୩୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ ଏବଂ ଦେଓପାଲି ଡ୍ୟାମ ପରିଦର୍ଶନ କରିଥିଲେ।

## ବିଜେଡିର କାର୍ଯ୍ୟକାରିଣୀ ପରିବର୍ଦ୍ଧିତ ବୈଠକ

# ତୃଣମୂଳ ସ୍ତରରେ ଦଳକୁ ମଜବୁତ କରିବାକୁ ଆହ୍ୱାନ




**ଯାଜପୁର,୭।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରିଣୀ ପରିବର୍ଦ୍ଧିତ ବୈଠକ ଯାଜପୁର ସହର ସଂସ୍କୃତି ଭବନରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସଭାପତି ସରୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଦଳୀୟ ସଙ୍ଗଠନ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ ଉପସ୍ଥିତ ଛାମୁଆ ନେତାଙ୍କୁ ଆହ୍ୱାନ ଦେଇଥିଲେ । ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଦଳୀୟ ଛାମୁଆ ନେତାଙ୍କୁ ସ୍ୱାଗତ କରିବା ସହ ପୂର୍ବପରି ମନରେ ଜୋଶ୍ ଭରିକାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ପୂର୍ବତନ ବିଧାୟକ ଅଶୋକ କୁମାର ବଳ, ବଡ଼ଚଣାର ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ ।

ଆଗାମୀ ଦିନରେ ବିଜେଡି ଦଳକୁ କିପରି ମଜବୁତ ଓ ଶକ୍ତିଶାଳୀ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ମେ' ୧୦ ରୁ ୨୫ ଭିତରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଏକ ମହିଳା ସମାବେଶ ହେବା ସହ ବିଜେପି ସରକାର ବିଜେଡି ଉପରେ ଯେଉଁ ଦୋଷାରୋପ କରୁଛି ତାହା ଜନସାଧାରଣଙ୍କୁ ସିଧାସଳଖ ଅବଗତ କରାଯିବ ବୋଲି ବୈଠକରେ ସ୍ଥାନ ପାଇଥିଲା ।

# ପିଏସ ସ୍ନାତକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା କର୍ମଶାଳା



**ବଡ଼ଗାଁ୭।୫ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ପରିସର ରେ ବୁଧବାର ଶକ୍ତିଶ୍ରୀ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ରେ ମକୁନ୍ଦପୁର ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ରାଜକୁମାରୀ ବଘାର ଅତିଥି ଭାବେ ଯୋଗଦେଇଥିଲେ।

କଲେଜର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭ ରେ ଅଧ୍ୟକ୍ଷ ପଣ୍ଡା ଓଡ଼ିଶା ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଆନୁକୁଲ୍ୟରେ କାର୍ଯ୍ୟକାରୀ କରାଯାଇଥିବା ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସସକ୍ତ ନାରୀ ଓ ସଶକ୍ତ ସମାଜ ଶୀର୍ଷକ ଆଲୋଚନା ଓ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। କର୍ମଶାଳାକୁ ଶକ୍ତି ଶ୍ରୀ ସଂଯୋଜିକା ମାଳବିକା ସାମଲ ପରିଚାଳନା କରିଥିଲେ। ସେ ତାଙ୍କ ଅଭିଭାଷଣ ରେ ସଚେତନ ନାରୀ ହିଁ ସଶକ୍ତ ନାରୀ ବୋଲି ଉଲ୍ଲେଖ କରିଥିଲେ। ଆଧାର ଉପସ୍ଥାପିକା ରାଜକୁମାରୀ ବଘାର ତାଙ୍କ ବକ୍ତବ୍ୟ ରେ ନାରୀ ସଶକ୍ତିକରଣ ର ଆଧାରଶିଳା ରୁ ଆରମ୍ଭ ହୋଇଥାଏ ବୋଲି କହିଥିଲେ। ତାଙ୍କ ବକ୍ତବ୍ୟ ରେ ସେ ଅନୁଶାସନ ସଶକ୍ତ ନାରୀ ଓ ମହିଳା ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲ୍ୟ ବିବାହ କୁ ନାପସନ୍ଦ କରି କିଶୋରୀ ଶିକ୍ଷା ଉପରେ ବିଭିନ୍ନ ଉଦାହରଣ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀ ମାନଙ୍କ ମଧ୍ୟରୁ କୁମାରୀ ହଂଶିକା ଦେଉରିଆ , ସୀମା କର୍ସେଲ ଓ ପୁନମ ସେଠ୍ ଆଲୋଚନାଚକ୍ର ରେ ସକ୍ରିୟ ଅଂଶଗ୍ରହଣ କରି ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। କର୍ମଶାଳା ସଫଳତାର ସହିତ ଶେଷ ହୋଇଥିଲା। ଶେଷରେ କର୍ମଚାରୀ ଝରଣା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବାରଦାରେ ମା' ତାରିଣୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା



**କୋରେଇ,୭।୫(ସଂଚାର ବ୍ୟୁରୋ):** କୋରେଇ ଅଂଚଳର ବାରଦା ଗ୍ରାମରେ ବାରଦା ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ଚାରି ଦିନ ଧରି ମା' ତାରିଣୀ ଠାକୁରାଣୀଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହେଉଛି। ଜ୍ଞାନି ବ୍ରାହ୍ମଣଙ୍କ ଦ୍ୱାରା ମନ୍ତ୍ରପାଠ ପୂଜାର୍ଚ୍ଚନା କରାଯିବା ସହିତ ଅଙ୍କୁରାରୋପଣ, ଅଧିବାସ, କଳସ ଶୋଭାଯାତ୍ରା,ସୂର୍ଯ୍ୟପୂଜା, ଗୁରୁପୂଜା,ମନ୍ଦିର ଅଧିବାସ,ଅଗ୍ନି ସ୍ଥାପନା ବିଗ୍ରହ ଗ୍ରାମ୍ୟ ଭ୍ରମଣ ଯାତ୍ରା ସହିତ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା, ତ୍ରିଶୂଳ ସ୍ଥାପନା, ସିଂହାସନ ଆରୋହଣ ନବଯୌବନ ଦର୍ଶନ ଓ ଯଜ୍ଞର ପୂର୍ଣ୍ଣାହୁତି ପ୍ରଭୃତି ପୂଜାର୍ଚ୍ଚନା ଯଥାବିଧି ଅନୁଯାୟୀ ସମାପନ ବିଷୟରେ ମୁଖ୍ୟ ବ୍ରାହ୍ମଣ ପଣ୍ଡିତ ସୂଚନା ଦେଇଛନ୍ତି। ପ୍ରତେକ ଦିନ ସନ୍ଧ୍ୟାରେ ସାଂକୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହିତ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ କରାଯାଉଅଛି। କଣ୍ଠଶିଳ୍ପୀ ଜଗବନ୍ଧୁ ମୁଦୁଲି, ଶ୍ରୀ ଚରଣ, ଶିବ ଚରଣ ଦାସ ପ୍ରମୁଖ କଳାକାର ମାନଙ୍କର ଭଜନ ପରିବେଷଣ କାର୍ଯ୍ୟକ୍ରମସ ରହିଥିବା ନେଇ ଗ୍ରାମବାସୀ ମାନଙ୍କ ତରଫରୁ ସୂଚନା ମିଳିଛି ।

# ଟାଟା ପାୱାର କର୍ମଚାରୀ ଛଟେଇ ନେଇ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ବୈଠକ

**ବାରିପଦା,୭।୫ (ସଂଚାର ବ୍ୟୁରୋ):** ଟାଟା ପାୱାର ଓଡିଶାବାସୀଙ୍କୁ ଉଚିତ ବିଦ୍ୟୁତ ଗ୍ରାହକ ସେବା ଯୋଗାଇବା, କର୍ମଚାରୀମାନଙ୍କୁ ଛଟେଇ ନ କରିବା, ଅଧିକ କର୍ମଚାରୀ ନିଯୁକ୍ତି ଦେବା, ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା ଭଳି ବହୁ ମିଠା ପ୍ରତିଶ୍ରୁତି ଦେଇ ବିଜେଡି ସରକାର ସମୟରେ ନେସ୍କୋକୁ ହାତକୁ ନେଇଯାଇଥିଲା ଏବଂ ନାମକରଣ କରିଥିଲା ଟିପିଏନଓଡିଏଲ । ସରକାର ନେସ୍କୋକୁ କର୍ପୋରେଟ ସଂସ୍ଥାକୁ ଟେକି ଦେଇଥିଲେ। ତଦସହ ବହୁ ଠିକା କର୍ମଚାରୀଙ୍କୁ ବହୁ ପ୍ରଲୋଭନ ଦେଇ କାମରେ ନିୟୋଜିତ କରିଥିଲା। ଠିକା କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ବିଦ୍ୟୁତ ଷ୍ଟ୍ରକଚର କାମ, ଉତ୍ତମ ଗ୍ରାହକ ସେବା, ବାତ୍ୟା, ତୋଫାନ, ଗଛ ଯୋଗୁଁ ବିଦ୍ୟୁତ ବିଚ୍ଛିନ୍ନ ହୋଇଥିଲେ ଚବିଶ ଘଣ୍ଟା ମଧ୍ୟରେ ବିଦ୍ୟୁତ ସଂଯୋଗ ଦେବା, ଠିକ ସମୟରେ ମିଟର ରିଡିଂ କରି ଗ୍ରାହକଙ୍କୁ ବିଦ୍ୟୁତ ବିଲ୍ ଦେବା, ବିଦ୍ୟୁତ ବିଲ ଆଦାୟ କରିୱା ଭଳି କାମ ହାତକୁ ନେଇ ଟାଟା ପାୱାରର ସୁନାମ ବଢ଼ାଇଛି। ନିଜର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ସମର୍ପିତ ଭାବେ ନେଇ କାମ କରିଥିଲେ। ବିଦ୍ୟୁତ ବିଲ ଆଦାୟ ସମୟରେ ଗ୍ରାହକମାନଙ୍କ ଠାରୁ ଗାଳି, ଗୁଳଜ, ମାଡ଼ ଖାଇ ମଧ୍ୟ ନିଜର ଦାୟିତ୍ୱ ତୁଲାଇବା, ୮ ଘଣ୍ଟା ଯାଗାରେ ୧୦ ଘଣ୍ଟା ମଧ୍ୟ କାମ କରିଥାନ୍ତି । ଆଜି ଟାଟା ପାୱାରକୁ ସମ୍ପୂର୍ଣ ସଜାଡି ଦେବା ପରେ ଟାଟା କମ୍ପାନୀ ଏବେ ବିଦ୍ୟୁତ କର୍ମଚାରୀଙ୍କ ପେଟରେ ନାତ ମାରିବାକୁ ଯାଉଛି । ଏବେ ଠିକା କର୍ମଚାରୀ ଛଟେଇ ପାଇଁ ବିଜ୍ଞପ୍ତି ଜାରି କରିଛି । ଦିର୍ଘ ୧୫ ବର୍ଷ ହେଲା କିଛି କର୍ମଚାରୀ ଏବଂ ୨୦୨୧ ରେ ଟାଟା ପାୱାର ଆସିଲା ଦିନଠାରୁ ଆଜିଯାଏଁ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ନିଦ ହଜିଯାଇଛି । ସେମାନଙ୍କ ଭବିଷ୍ୟତ ଅନ୍ଧାର ।

ଏହାକୁ ନେଇ ଆଜି କୁଡୁମି ଭବନ ପରିସରରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଖଣ୍ଡୀୟ ସଂପାଦକ ଶ୍ରମିକ ନେତା ଦିପକ ମହାନ୍ତଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତେ ଶପଥ କରିଥିଲେ ଟାଟା ପାୱାରର ମନମାନି ଚଳିବ ନାହିଁ । ଯଦି ଛଟେଇ କରିବେ ସମସ୍ତେ କାର୍ଯ୍ୟବନ୍ଦ ସହ ଆନ୍ଦୋଳନକୁ ତିବ୍ରତର କରିବେ । ଯାହା କିଛି ଅସୁବିଧା ଘଟିବ ଜନସାଧାରଣଙ୍କ ପାଖରେ ଟାଟା ପାୱାର ଦାୟୀ ରହିବେ ।

# ଚଉଦ କୋଷ କେନ୍ଦ୍ର ସୁଢ ସମାଜର ବାର୍ଷିକ ସମ୍ମିଳନୀ



**ଫୁଲବାଣୀ,୭।୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଗୁମାଗଡ଼ ବରାଳ ଦେବୀ ମନ୍ଦିର ପ୍ରାଙ୍ଗଣରେ ଦକ୍ଷିଣାଞ୍ଚଳ ଜିଲ୍ଲା ଅଧୀନ ଚଉଦ କୋଷ କେନ୍ଦ୍ର ସୁଢ କୁଳ ସମାଜର ବାର୍ଷିକ ସନମିଳନୀ ଅନୁଷ୍ଠିତ ହୋଇଛି । ଚଉଦ କୋଷ କେନ୍ଦ୍ର ସଭାପତି ଅରୁଣ ନାୟକଙ୍କ ଅଧ୍ୟକ୍ଷତାରେ ଏବଂ ଚଉଦକୋଷ କେନ୍ଦ୍ର ସମ୍ପାଦକ ଅଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବାର୍ଷିକ ସମ୍ମିଳନୀ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସଭାପତି ବିରାଟ ବିଶୋଇ ଯୋଗ ଦେଇଥିବା ବେଳେ ଅନ୍ୟ ସମ୍ମାନିତ ଅତିଥି ଭାବରେ ବାରକୋଷ କେନ୍ଦ୍ର ସଭାପତି ସମୀର ବିଶୋଇ, ହଦ ଗଡ଼ କେନ୍ଦ୍ର ସଭାପତି ଗୋବିନ୍ଦ ଅମାତ୍ୟ, ପ୍ରାଦେଶିକ ବୋର୍ଡ ସଭାନେତ୍ରୀ ରଜନୀ ଭୁକ୍ତା, ବରିଷ୍ଠ ଉପଦେଷ୍ଟା କାଳିଆ ଭୁକ୍ତା,ପୂର୍ବତନ ଜିଲ୍ଲା ସଭାପତି ଉଦ୍ଧବ ବିଶୋଇ, ବରିଷ୍ଠ ପ୍ରାଦେଶିକ ବୋର୍ଡ଼ ଉପଦେଷ୍ଟା ଅନ୍ତର୍ଯ୍ୟାମୀ ଦଳ ବେହେରା, ପ୍ରଫୁଲ୍ଲ ଦନାୟକ, ଯୋଗ ଦେଇଥିଲେ ।

ଅନୁଷ୍ଠିତ ସମ୍ମିଳନୀରେ ସାମାଜିକ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବା ସହ ଉପସ୍ଥିତ ଅତିଥିମାନେ ସମାଜର ଶୃଙ୍ଖଳା ସହ ସମସ୍ତ ସୁଢ ଜାତି ସଂସ୍କାରକୁ ଗୁରୁତ୍ୱ ଦେବା ସହ ନିଜ ପୁଅ ଝିଅକୁ ପାଠ ପଢ଼ାଇବାକୁ ଗୁରୁତ୍ୱ ଦେଇ ଉପଯୁକ୍ତ ଦାୟିତ୍ୱ ନିର୍ବାହ କରିବାକୁ ସଚେତନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଚଉଦ କୋଷ କେନ୍ଦ୍ରର ୩୫ଟି ଗ୍ରାମଶାସନର ସଭାପତି ସମ୍ପାଦକ ପତ୍ର ବାହକ, ମାଝୀଙ୍କ ସହ ହଜାର ହଜାର ସ୍ୱଜାତି ଜନସାଧାରଣ ଯୋଗ ଦେଇଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସଂକୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ



**ନୀଳଗିରି,୭।୫ (ସଂଚାର ବ୍ୟୁରୋ):** ନୀଳଗିରି ରାଜବାଟୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଗତ ଦୁଇ ତାରିଖରୁ ପାଞ୍ଚ ତାରିଖ ପର୍ଯ୍ୟନ୍ତ ଚାଲିଥିବା ମିତ୍ରପୁର ସଂକୁଳର ସଂକୁଳ ସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଗତକାଲି ଉଦଯାପିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ମିତ୍ରପୁର ସଂକୁଳର ୧୧ ବିଦ୍ୟାଳୟର ଦୁଇଶହ ଆଚାର୍ଯ୍ୟ, ଆଚାର୍ଯ୍ୟା ଭାଗ ନେଇଥିଲେ। ପ୍ରଶିକ୍ଷକ ଭାବେ ରେମୁଣା ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ବାରିକ, ବାଲିଆ ସାରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ମହାନ୍ତି, ସନ୍ତରାଗଡ଼ିଆ ସାରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ତଥା ମିତ୍ରପୁର ସଂକୁଳର ସଂକୁଳ ପ୍ରମୁଖ କମଳାକାନ୍ତ ମିଶ୍ର, ଶାରୀରିକ ଯୋଗ ପ୍ରଶିକ୍ଷକ ତଥା ନୀଳଗିରି ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଆଚାର୍ଯ୍ୟ ରବୀନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ । ଦୁଇ ତାରିଖ ସନ୍ଧ୍ୟାରେ ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅନୁଷ୍ଠାନିକ ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱୋଳନ କରି ଶୁଭ ଉଦ୍‌ଘାଟନ କରିଥିଲେ।

# ସମୁଦ୍ରମୁହାଁ କଇଁଛ ଶାବକ

## ସୁରକ୍ଷା ପାଇଁ ଡ୍ରୋନ୍ ଓ ୱାଚ୍ ଟାୱାରରେ କଡ଼ା ନଜର



**ଛତ୍ରପୁର,୭।୫ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ମୁହାଣରେ ଆଜି ସକାଳୁ ଏକ ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରାୟ ୪୫ ଦିନ ପରେ ଅଣ୍ଡାରୁ ବାହାରି ଲକ୍ଷ ଲକ୍ଷ କୁନି କଇଁଛ ଶାବକ ସମୁଦ୍ର ଦିଗକୁ ଯାଇଛନ୍ତି। ମାର୍ଚ୍ଚ ମାସରେ ପ୍ରାୟ ୨.୦୫ ଲକ୍ଷ କଇଁଛ ଏଠାରେ ଅଣ୍ଡା ଦେଇଥିଲେ। ଏବେ ସେହି ଅଣ୍ଡାରୁ ଶାବକ ବାହାରି ଧାଡି ଧାଡି ହୋଇ ସମୁଦ୍ରକୁ ଯାଉଥିବା ଦୃଶ୍ୟ ସମସ୍ତଙ୍କୁ ଆକର୍ଷିତ କରୁଛି।

ସହକାରୀ ବନ ସଂରକ୍ଷକ ଦିବ୍ୟ ରଞ୍ଜନ ବେହେରାଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ ଦକ୍ଷିଣା ପବନର ପ୍ରଭାବ ଓ ବାଲିର ତାପମାତ୍ରାରେ ପରିବର୍ତ୍ତନ ଯୋଗୁଁ କଇଁଛମାନଙ୍କ ଆଗମନରେ ସାମାନ୍ୟ ବିଳମ୍ବ ଦେଖାଦେଇଥିଲା। ସାଧାରଣତଃ ଫେବୃଆରୀ ମଧ୍ୟଭାଗରେ ଏହି ପ୍ରକ୍ରିୟା ଆରମ୍ଭ ହୁଏ, କିନ୍ତୁ ଏଥର ଏହାରେ ବ୍ୟତିକ୍ରମ ଦେଖାଯାଇଛି।

କୁନି କଇଁଛମାନଙ୍କୁ ସୁରକ୍ଷା ଦେବା ପାଇଁ ସମୁଦ୍ର କୂଳରେ ଜାଲ ବେଢ଼ାଯାଇଛି। ଡ୍ରୋନ୍ ଓ ୱାଚ୍ ଟାୱାର ଦ୍ୱାରା ମଧ୍ୟ ନଜର ରଖାଯାଉଛି।

ଆର୍ଯ୍ୟପଲ୍ଲୀରୁ ପ୍ରୟାଗୀ ପର୍ଯ୍ୟନ୍ତ ପ୍ରାୟ ୨୦ କି.ମି. ସମୁଦ୍ର ଅଞ୍ଚଳକୁ ମଇ ୩୧ ପର୍ଯ୍ୟନ୍ତ ମାଛ ଧରା ପାଇଁ ନିଷେଧ କରାଯାଇଛି। ଆଗାମୀ ଦିନରେ ଆହୁରି ଶାବକ ବାହାରିବେ ବୋଲି ଆଶା କରାଯାଉଛି। ବନ କର୍ମଚାରୀ, ଗାର୍ଡ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଏହି କୁନି ଅତିଥିମାନଙ୍କ ସୁରକ୍ଷିତ ଯାତ୍ରା ପାଇଁ ଅହୋରାତ୍ର ସତର୍କ ରହିଛନ୍ତି।

ଏହି ପ୍ରାକୃତିକ ପ୍ରକ୍ରିୟା ପରିବେଶ ସନ୍ତୁଳନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି।

# ମଣ୍ଡଳ ପଦାଧିକାରୀଙ୍କ ବୈଠକ



**ଫୁଲବାଣୀ,୭।୫ (ସଂଚାର ବ୍ୟୁରୋ):** ବୁଥ୍ ସ୍ତରରେ ସଂଗଠନକୁ କିପରି ମଜବୁତ କରାଯିବ ଓ ମତଦାତାଙ୍କ ସହିତ ସମ୍ପର୍କ କେମିତି ବୃଦ୍ଧି କରାଯିବ ସେନେଇ ଆଜି ଭାରତୀୟ ଜନତା ପାର୍ଟି କନ୍ଧମାଳ ଫୁଲବାଣୀ ଗ୍ରାମଣୀ ମଣ୍ଡଳ ପକ୍ଷରୁ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର ଙ୍କ ଅଧ୍ୟକ୍ଷତା ରେ ଫୁଲବାଣୀ ସର୍କିଟ ହାଉସ ରେ ମଣ୍ଡଳ ପଦାଧିକାରୀଙ୍କୁ ନେଇ ଗୁରତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକ ରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କନ୍ଧମାଳ ର ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଆଦିତ୍ୟ କହଁର, ଫୁଲବାଣୀ ଗ୍ରାମୀଣ ମଣ୍ଡଳ ର ସାଧାରଣ ସମ୍ପାଦକ ଲଳିତ ଡିଗାଲ, ଜୟନ୍ତ କହଁର ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ସଂଗଠନ କୁ ଆହୁରି ଶକ୍ତିଶାଳୀ କରିବା ନେଇ ବିସ୍ତୃତ ଆଲୋଚନା ହୋଇଛି।

# ସିଏମ୍ ଟ୍ରଫି ଅଣ୍ଡର-୧୪ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




**ଯାଜପୁର,୭।୫ (ସଂଚାର ବ୍ୟୁରୋ):** ସିଏମ୍ ଟ୍ରଫି ଅଣ୍ଡର-୧୪' ଫୁଟବଲ ଟୁର୍ଣ୍ଣାମେଣ୍ଟ ବ୍ୟାସନଗର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଏଫଏଓ) ଏବଂ ଯାଜପୁର ଆଥଲେଟିକ୍ ଆସୋସିଏସନ୍‌ର ମିଳିତ ସହଯୋଗରେ ଏହା କରାଯାଇଥିଲା। 'ତୃଣମୂଳ ସ୍ତରରେ ଫୁଟବଲର ପ୍ରସାର, ନୂତନ ପ୍ରତିଭା ଅନ୍ୱେଷଣ ଏବଂ ଜିଲ୍ଲାର ୧୪ ବର୍ଷରୁ କମ୍ ବୟସର ବାଳକ ଓ ବାଳିକାମାନେ ପ୍ରତିଯୋଗୀମାନେ ଯୋଗ ଦେଇଥିଲେ। କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡୁ, ବ୍ୟାସନଗର ପୌରପାଳିକା ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ବଳ, ଯାଜପୁର ଆଥଲେଟିକ୍ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ଏବଂ ସମ୍ପାଦକ ସମ୍ବିତ ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିଲେ ।

ଉଦ୍‌ଯାପନୀ ଉତ୍ସବରେ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ରନର୍ସଅପ୍ ଦଳଗୁଡ଼ିକୁ ସମ୍ବର୍ଦ୍ଧିତ କରିଥିଲେ ।

ଏହି ପ୍ରତିଯୋଗିତାରେ ସର୍ବମୋଟ ୧୪୧ ଜଣ ଖେଳାଳି ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଫାଉଣ୍ଡେସନ୍‌ର ବିଭିନ୍ନ କେନ୍ଦ୍ରରୁ ପ୍ରଶିକ୍ଷଣ ପାଇଛନ୍ତି । ବାଳକ ବର୍ଗରେ 'କଳିଙ୍ଗନଗର ଏସ୍.ଏ.' ଚାମ୍ପିଅନ୍ ହୋଇଥିବା ବେଳେ 'କ୍ରୋମ୍ ଏଫ୍‌ସି' ରନର୍ସଅପ୍ ହୋଇଛି । ସେହିପରି ବାଳିକା ବର୍ଗରେ 'ନାକାଡାଇ ଏଫ୍‌ସି' ଚାମ୍ପିଅନ୍ ହୋଇଥିବା ବେଳେ 'ଦକ୍ଷିଣପଶି ଏଫ୍‌ସି' ରନର୍ସଅପ୍ ଘୋଷିତ ହୋଇଛି । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଗ୍ରାମାଞ୍ଚଳ ଓ ଜନଜାତିର ଯୁବବର୍ଗଙ୍କୁ ଫୁଟବଲରେ ଅଂଶଗ୍ରହଣ କରିବା, ଜିଲ୍ଲା ସ୍ତରରେ ପ୍ରତିଯୋଗିତା କରିବା ଏବଂ କ୍ରୀଡ଼ା କ୍ଷେତ୍ରରେ ଉନ୍ନତି କରିବାରେ ଗୁରୁତ୍ୱ ଦେଇ ଆସିଛି ।

# ବିଜୟଙ୍କ ଲେଡି ଲକ୍ ତ୍ରିଶା କ୍ରିଷ୍ଣନ୍



ଭାରତର ରାଜନୈତିକ ଇତିହାସରେ ୨୦୨୬ ମେ ୪ ତାରିଖ ଏକ ଐତିହାସିକ ଦିନ ହୋଇ ରହିବ । ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ୧୫ ବର୍ଷର ଟିଏମ୍ସି ଦୁର୍ଗର ପତନ ଘଟାଇ ବିଜେପି ରାଜ୍ୟରେ ପ୍ରଥମଥର ପାଇଁ କ୍ଷମତା ଦଖଲ କରିବାର ସ୍ୱପ୍ନ ପୂରଣ କରିଛି । ତାମିଲନାଡୁରେ ସୁପରଷ୍ଟାର ବିଜୟଙ୍କ ଟିଭିକେ ସୁନାମୀରେ ଦ୍ରାବିଡ ଦଳ ଭାସିଯାଇଛନ୍ତି । ଦୀର୍ଘ ୬ ଦଶନ୍ଧୀରେ ପ୍ରଥମ ଥର ପାଇଁ ରାଜ୍ୟରେ ଅଣଦ୍ରାବିଡ ସରକାର ଗଠନ ହେବାକୁ ଯାଉଛି । ତାମିଲ ସୁପର୍ଷ୍ଟାର୍ ବିଜୟଙ୍କ ଝଡ଼ରେ ଉଡ଼ିଗଲେ ଷ୍ଟାଲିନ । ଅଭିନେତାରୁ ରାଜନେତା ପାଲଟିଥିବା ଥାଲାପତି ବିଜୟ ତାମିଲନାଡୁରେ ରାଜ କରିବେ । ଚର୍ଚ୍ଚା ହେଉଛି କି ତାଙ୍କ ଲକି ସାବ୍ୟସ୍ତ ହେଲେ ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନ୍ । ଟିଭିକେର ଏହି ସଫଳତା ପଛରେ ବିଜୟଙ୍କ ଗାର୍ଲଫ୍ରେଣ୍ଡ ବୋଲି କୁହାଯାଉଥିବା ତ୍ରିଶା କ୍ରିଷ୍ଣନ୍ଙ୍କୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ତେବେ କଣ ତ୍ରିଶା କଣ ସକ୍ରିୟ ରାଜନୀତିରେ ଏଣ୍ଟ୍ରୀ କରିବେ କି ତାହା ଉପରେ ଏବେ ସମସ୍ତଙ୍କ ନଜର ବିଜୟଙ୍କ 'ଲେଡି ଲକ୍'ତ୍ରିଶା - ଥଲାପତି ବିଜୟ ତାମିଲନାଡୁ ରାଜନୀତିରେ ହିରୋ ଭଳି ଏଣ୍ଟ୍ରି କରିଛନ୍ତି । ତାଙ୍କ ଦଳ ଟିଭିକେ ଡିଏମ୍କେ ଏବଂ ଏଆଇଏଡିଏମ୍କେକୁ ଧରାଶାୟୀ କରିଦେଇଛି । ଟିଭିକେର ଏହି ସଫଳତା ପଛରେ ବିଜୟଙ୍କ ଗାର୍ଲଫ୍ରେଣ୍ଡ ବୋଲି କୁହାଯାଉଥିବା ତ୍ରିଶା କ୍ରିଷ୍ଣନ୍ଙ୍କୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଏପରିକି କିଛି ତାଙ୍କୁ ବିଜୟଙ୍କ 'ଲେଡି ଲକ୍' ଭାବେ ସମ୍ବୋଧନ କରୁଛନ୍ତି । ଆଜି ତ୍ରିଶାଙ୍କର ଜନ୍ମଦିନ ଥିବାବେଳେ ନିର୍ବାଚନ ଫଳାଫଳ ସାମ୍ନାକୁ ଆସିବା ପୂର୍ବରୁ ସେ ତିରୁମାଳା ମନ୍ଦିର ଯାଇଥିଲେ । ଦର୍ଶନ ଏବଂ ପୂଜାର୍ଚ୍ଚନା ସାରି ବିଜୟଙ୍କ ଘରେ ପହଞ୍ଚି କିଛି ଘଣ୍ଟା ବିତାଇଥିଲେ । ୫୧ ବର୍ଷୀୟ ବିଜୟ ତାମିଲ ଫିଲ୍ମ ଜଗତର ବଡ଼ ଷ୍ଟାର ହୋଇଥିବାବେଳେ ତ୍ରିଶାଙ୍କୁ 'କ୍ୱିନ୍ ଅଫ୍ ସାଉଥ୍ ଇଣ୍ଡିଆ' ଭାବେ ସମ୍ବୋଧନ କରାଯାଏ । ଉଭୟ ପ୍ରାୟ ୫ଟି ଫିଲ୍ମରେ ଏକାଠି ନଜର ଆସିଛନ୍ତି । ସେଥିମଧ୍ୟରେ ୨୦୨୩ର ସୁପରହିଟ୍ ଫିଲ୍ମ 'ଲିଓ' ସାମିଲ । ସେହି ସମୟରେ ବିଜୟଙ୍କର ପତ୍ନୀ ସଙ୍ଗୀତା ସୋମାଲିଙ୍ଗମ ଛାଡ଼ପତ୍ର ଲାଗି କୋର୍ଟରେ ମାମଲା ଲଢୁଥିଲେ । ନିଜର ଆବେଦନରେ ସେ ବିଜୟଙ୍କ ବିରୋଧରେ ବିବାହବ୍ରତୋର ସଂପର୍କର ଅଭିଯୋଗ ଆଣିଥିଲେ। ଅବଶ୍ୟ ସେ କାହାରି ନାମକୁ ସ୍ପଷ୍ଟ ଭାବେ ନେଇନଥିଲେ । ବିଜୟ ଏବଂ ସଙ୍ଗୀତା ୧୯୯୯ରେ ବିବାହ କରିଥିଲେ ।



# 'ସନା'ରେ ମୁଖ୍ୟ ଭୂମିକାରେ ରାଧିକା



ଚଳିତ ବର୍ଷ ଥିଏଟରକୁ ଆସିପାରେ ବହୁଦିନ ଧରି ଅଟକି ରହିଥିବା ଫିଲ୍ମ 'ସନା' । ଦୀର୍ଘ ବର୍ଷ ତଳେ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ପ୍ରଥମେ ପ୍ରିମିୟର ହୋଇଥିବା ଏହି ଫିଲ୍ମର ରିଲିଜ୍ ବିଳମ୍ବ ସମ୍ପର୍କରେ ନିର୍ଦ୍ଦେଶକ ସୁଧାଂଶୁ ସାରିୟା ଗଣମାଧ୍ୟମକୁ ଜଣାଇଛନ୍ତି । ଫିଲ୍ମକୁ ଦର୍ଶକଙ୍କ ପାଖରେ ଠିକ୍ ମାର୍ଗରେ ପହଞ୍ଚାଇବା ପାଇଁ ନିର୍ମାତା ଠିକ୍ ସମୟକୁ ପ୍ରାଧାନ୍ୟ ଦେଇଛନ୍ତି । ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ରାଧିକା ମଦାନ । ସିନେ ମହୋତ୍ସବରେ ପ୍ରଶଂସା ସାଉଁଟିବା ପରେ ବି ଥିଏଟରରେ ଫିଲ୍ମର ରିଲିଜ୍ ପାଇଁ ସେ ଅପେକ୍ଷା କରି ରହିଛନ୍ତି । ନିର୍ଦ୍ଦେଶକ ସୁଧାଂଶୁ କହନ୍ତି, ଫିଲ୍ମ ରିଲିଜ୍ ପାଇଁ ସେ ଆଦୌ ତରବର ନୁହନ୍ତି, ବରଂ ଠିକ୍ ସମୟ ଓ ପ୍ଲାଟ୍‌ଫର୍ମ ଚାହାନ୍ତି । ତାଙ୍କ ଅନୁସାରେ, 'ସନା' ଭଳି ଫିଲ୍ମର ରିଲିଜ୍ ପୂର୍ବରୁ ଯୋଜନା ଆବଶ୍ୟକ । ଏହାକୁ ଏକ କମର୍ସିଆଲ ପ୍ରୋଜେକ୍ଟ ଭାବେ ନୁହେଁ, ବରଂ ଉଚିତ୍ ଦର୍ଶକଙ୍କ ପାଖରେ ପହଞ୍ଚାଇବା ତାଙ୍କର ଉଦ୍ଦେଶ୍ୟ । ଏକାଧିକ ଅନ୍ତର୍ଜାତୀୟ ସିନେ ମହୋତ୍ସବରେ 'ସନା' ପ୍ରଦର୍ଶିତ ହୋଇଛି ଏବଂ ନିଜର କାହାଣୀ ଓ ପ୍ରଦର୍ଶନ ପାଇଁ ପ୍ରଶଂସିତ ହୋଇଛି । ମାନସିକ ସ୍ୱାସ୍ଥ୍ୟ ସହ ସଂଘର୍ଷ କରୁଥିବା ଓ ବ୍ୟକ୍ତିଗତ ଆହ୍ୱାନ ମଧ୍ୟଦେଇ ଗତି କରୁଥିବା ଜଣେ ଯୁବତୀ ଉପରେ 'ସନା'ର କାହାଣୀ ପର୍ଯ୍ୟବସିତ । ଫିଲ୍ମରେ ରାଧିକାଙ୍କ ପ୍ରଦର୍ଶନ ସିନେ ମହୋତ୍ସବରେ ସବୁରି ଧ୍ୟାନ ଆକର୍ଷଣ କରିଥିଲା ।



# 'ଦି ସାଇଲେଣ୍ଟ ସେଭିଅର: ଗଭର୍ଣ୍ଣର' ୧୨ରେ ରିଲିଜ

ପୁଣି ବଡ଼ ପରଦାରେ ଧମାକା କରିବାକୁ ଯାଉଛନ୍ତି ମନୋଜ ବାଜପେୟୀ । ଫିଲ୍ମ "ଦ ସାଇଲେଣ୍ଟ ସେଭିଅର: ଗଭର୍ଣ୍ଣର"ର ରିଲିଜକୁ ନେଇ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଥିବାବେଳେ ଶେଷରେ ଟିଜର ରିଲିଜ ହୋଇଛି। ଯାହା ଦର୍ଶକଙ୍କୁ ମନୋଜ ବାଜପେୟୀଙ୍କ ନୂତନ ଭୂମିକାର ଝଲକ ପ୍ରଦାନ କରୁଛି । ୧୯୯୦ ଦଶକରେ ଭାରତର ଆର୍ଥିକ ସଙ୍କଟର ସତ୍ୟ ଘଟଣା ଦ୍ୱାରା ଅନୁପ୍ରାଣିତ ହୋଇ, ଏହି ଫିଲ୍ମଟି ଦେଶର ସବୁଠାରୁ କଠିନ ସମୟ ମଧ୍ୟରେ ନେତୃତ୍ୱ, ଦାୟିତ୍ୱ ଏବଂ ବଞ୍ଚିବା ବିଷୟରେ ଏକ ଆକର୍ଷଣୀୟ କାହାଣୀ ନେଇ ନିର୍ମିତ ହୋଇଛି । ଟିଜରରେ, ମନୋଜ ବାଜପେୟୀ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭୂମିକା ନିର୍ବାହ କରିଛନ୍ତି, ଜଣେ ବ୍ୟକ୍ତି ଯାହାଙ୍କ ଉପରେ ଏକ ରାଷ୍ଟ୍ରକୁ ରକ୍ଷା କରିବାର ଦାୟିତ୍ୱ ଭାରାକ୍ରାନ୍ତ। ଏହି ଛୋଟ ଭିଡିଓରେ ସେ ଦେଶର ବର୍ଦ୍ଧିତ ଆର୍ଥିକ ସଙ୍କଟର ମୁକାବିଲା କରିବା ପାଇଁ ପଦକ୍ଷେପ ନେଇଥାଏ ଏବଂ ବ୍ୟବସ୍ଥାରେ ସ୍ଥିରତା ଫେରାଇ ଆଣିବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି । ଟିଜରଟି ଏକ ନାଟକୀୟ ପରିବେଶ ସହ ଆରମ୍ଭ ହୁଏ, ଯାହା ସେହି ସମୟରେ ଭାରତର ଆର୍ଥିକ ଅବସ୍ଥାକୁ ଘେରି ରହିଥିବା ଆତଙ୍କ ଏବଂ ଅନିଶ୍ଚିତତା ଦେଖିବାକୁ ମିଳେ । ଦେଶ ବୈଦେଶିକ ଭଣ୍ଡାର ହ୍ରାସ ଏବଂ ବୃଦ୍ଧି ପାଉଥିବା ଆର୍ଥିକ ଚାପ ଯୋଗୁଁ ସଂଘର୍ଷ କରୁଥିବା ବେଳେ, ବାଜପେୟୀଙ୍କ ଚରିତ୍ରକୁ ତାଙ୍କ କାନ୍ଧରେ କଷ୍ଟକର ନିଷ୍ପତ୍ତିନେବା ଦେଖାଯାଇଛି । ଚିନ୍ମୟ ମାଣ୍ଡଲେକରଙ୍କ ଦ୍ୱାରା ନିର୍ଦ୍ଦେଶିତ, ଏହି ଫିଲ୍ମକୁ ସନସାଇନ୍ ପିକଚର୍ସ ଅଧୀନରେ ପ୍ରଯୋଜକ ବିପୁଲ ଅମୃତଲାଲ ଶାହଙ୍କ ଦ୍ୱାରା ସମର୍ଥିତ । କଳାକାରମାନଙ୍କ ମଧ୍ୟରେ ଅଦା ଶର୍ମା ଏବଂ ନୌଶାଦ ମହମ୍ମଦ କୁଞ୍ଜୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ଚିତ୍ରନାଟ୍ୟ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟଜୀ, ସୌରଭ ଭାରତ, ରବି ଆସରାନୀ ଏବଂ ବିପୁଲ ଅମୃତଲାଲ ଶାହ ଲେଖିଛନ୍ତି । ସଙ୍ଗୀତ ଅମିତ ତ୍ରିବେଦୀ ଦ୍ୱାରା ରଚିତ, ଗୀତ ସହିତ ପ୍ରସିଦ୍ଧ କବି ଏବଂ ଲେଖକ ଜାଭେଦ ଅଖତର। ସ୍ତରୀଭୂତ ଏବଂ ଅର୍ଥପୂର୍ଣ୍ଣ ଭୂମିକା ବାଛିବା ପାଇଁ ଜଣାଶୁଣା ମନୋଜ ବାଜପେୟୀ ପୁଣି ଥରେ ଏକ ଶକ୍ତିଶାଳୀ ଅଭିନୟ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି । ଫିଲ୍ମଟି ୧୨ ଜୁନ୍ ୨୦୨୬ରେ ମୁକ୍ତିଲାଭ କରିବ ।




# ଜୀବନ ଥିବା ଯାଏ ଶିଖୁଥିବି

ବଲିଉଡର ମେଗାଷ୍ଟାର ଅମିତାଭ ବଚ୍ଚନ ତାଙ୍କ ଜୀବନର ଏକ ଭିନ୍ନ ପର୍ଯ୍ୟାୟ ଦେଇ ଗତି କରୁଛନ୍ତି। ଏହି ଅଭିନେତା ପ୍ରାୟ ୫୫ ବର୍ଷ ଧରି ଫିଲ୍ମ ଇଣ୍ଡଷ୍ଟ୍ରିର ଏକ ଅଂଶ ହୋଇ ରହିଛନ୍ତି , ଆଉ ଆଜି ବି ଅକ୍ଳାନ୍ତ ପରିଶ୍ରମ କରି ଚାଲିଛନ୍ତି। ୮୩ ବର୍ଷ ବୟସରେ ମଧ୍ୟ ଅମିତାଭ ବଚ୍ଚନ କାମ କରିବା ଓ ଶିଖିବା ଜାରି ରଖିଛନ୍ତି। ସେ ଏହି ବୟସରେ ମଧ୍ୟ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇଛନ୍ତି। ନୂଆ ପ୍ରୋଜେକ୍ଟ ଏବଂ ଫିଲ୍ମରେ ସାମିଲ ହେବାକୁ ଚାହୁଁଛନ୍ତି। ଏବେ ଏହି ବରିଷ୍ଠ ଅଭିନେତା ଏକ ନୂଆ ବ୍ଲଗ୍ ପୋଷ୍ଟ ସେୟାର କରିଛନ୍ତି, ଯେଉଁଥିରେ ସେ ଜୀବନରେ ଶିଖିବା ଜାରି ରଖିବା ପାଇଁ ତାଙ୍କର ପ୍ରତିବଦ୍ଧତା ବିଷୟରେ କହିଛନ୍ତି। ଯେପର୍ଯ୍ୟନ୍ତ ତୁମେ ବଞ୍ଚିଛ ସେପର୍ଯ୍ୟନ୍ତ ଶିଖିବା ଉଚିତ - Tumblrରେ ନୂଆ ବ୍ଲଗ୍ ସେୟାର କରି ଅମିତାଭ ବଚ୍ଚନ ଅଭିବୃଦ୍ଧି ଓ ବିଭିନ୍ନ ବିଷୟରେ ଶିଖିବା ନେଇ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ଯେପର୍ଯ୍ୟନ୍ତ ଜୀବନ ଅଛି ଶିଖିବା ଜାରି ରଖିବା ଉଚିତ୍। ନିଜ ଜୀବନର ସମସ୍ୟା , ଉପଲବ୍ଧତା, ପ୍ରତି ଜିନିଷ ବିଷୟରେ ଶିକ୍ଷା ଲାଭ କରିବା ଉଚିତ୍। ଏହାକୁ ଚିହ୍ନିବା ଜରୁରି। ଇଚ୍ଛା ,ବିଶ୍ୱାସର ଆବଶ୍ୟକ ଅଛି। ଶେଷରେ କର୍ମ। ଆମ ମଧ୍ୟରୁ ଅନେକ ଏହା ସହିତ ଜଡିତ, ଏବଂ ଏହା ମଧ୍ୟ ଏକ ପ୍ରକାର ଶିକ୍ଷା। ତେଣୁ, ମୁଁ ପ୍ରତିଦିନ ଶିଖୁଛି କାରଣ କୌଣସି ଦିନ ସମାନ ନୁହେଁ। ତେଣୁ, ଆମେ ଯେତେ ଶୀଘ୍ର ମୁକାବିଲା କରିବାକୁ ଶିଖିବା, ସେତେ ଭଲ। ଅମିତାଭ ଗତ ମାସରେ ଆଉ ଏକ ବ୍ଲଗ୍ ସେୟାର କରିଥିଲେ , ଯେଉଁଥିରେ ସେ କାମ କରିବାର ଇଚ୍ଛା ବିଷୟରେ ଲେଖିଛନ୍ତି। ଅଭିନେତା ଲେଖି ଥିଲେ ଯେ, ଯଦି ସେ ଗୋଟିଏ ଦିନ ମଧ୍ୟ କାମ ନ କରନ୍ତି ତ ତାଙ୍କ ଦିନଚର୍ଯ୍ୟା ବିଗିଡ଼ି ଯାଏ। ପ୍ରତିଦିନ କାମ ନ କରି ପାରିଲେ ବିଚଳିତ ଲାଗେ। ସେ କହିଥିଲେ ଯେ , ଯଦି ଗୋଟିଏ ଦିନ ପାଇଁ ମଧ୍ୟ ଆପଣଙ୍କ କାର୍ଯ୍ୟସୂଚୀ ଅନୁଯାୟୀ କାମ ନ କରନ୍ତି ତ ସମଗ୍ର ପ୍ରକ୍ରିୟା ବିଗିଡ଼ି ଯାଏ। ସେ କାମ ଜାରି ରଖିବାକୁ ଚାହାଁନ୍ତି। ଅମିତାଭ ଏହି ବୟସରେ ମଧ୍ୟ ସକ୍ରିୟ ଅଛନ୍ତି। ସୁଟିଂ ବ୍ୟତୀତ, ସେ ପ୍ରତି ରବିବାର ତାଙ୍କ ପ୍ରଶଂସକଙ୍କୁ ଭେଟନ୍ତି ଏବଂ ସେମାନଙ୍କ ସହିତ ସମୟ ବିତାଇ ଥା'ନ୍ତି। ସୋସିଆଲ ମିଡିଆରେ ସଣ୍ଡେ ଦର୍ଶନର ଅନେକ ଭିଡ଼ିଓ ଭାଇରାଲ ହୋଇଥାଏ। ୱାର୍କ ଫ୍ରଣ୍ଟର କଥା ଯଦି କହିବା ତ ଅମିତାଭ ବଚ୍ଚନ ଏହି ବୟସରେ ମଧ୍ୟ କାମ କରୁଛନ୍ତି। ତାଙ୍କୁ ଶେଷ ଥର ପାଇଁ ଦୀପିକା ପାଦୁକୋଣଙ୍କ ସହ ଫିଲ୍ମ କଳ୍କି ୨୮୯୮ ଏଡିରେ ଦେଖିବାକୁ ମିଳିଥିଲା। ଏବେ ଏହାର ଦ୍ୱିତୀୟ ପାର୍ଟରେ ମଧ୍ୟ ଅଭିନେତା ନଜର ଆସୁଛନ୍ତି। ସେ ଏହି ସାଇନ୍ସ ଫିକ୍ସନ ଫିଲ୍ମରେ ଅଶ୍ୱତ୍ଥାମାଙ୍କ ଚରିତ୍ରରେ ଆସିଥିଲେ। ଏବେ ଏହି ଫିଲ୍ମର ସିକ୍ୱେଲର ସୁଟିଂ କରୁଛନ୍ତି।



# ବିସ୍କୁଟ ଖାଇ ଦିନ କାଟୁଥିଲେ ନୱାଜ୍

ନୱାଜୁଦ୍ଦିନ ସିଦ୍ଦିକି ଇଣ୍ଡଷ୍ଟ୍ରିର ସର୍ବୋତ୍ତମ ଅଭିନେତାମାନଙ୍କ ମଧ୍ୟରୁ ଜଣେ। ସେ ଫିଲ୍ମ ହେଉ କିମ୍ବା ସିରିଜ୍, ସବୁଥିରେ ଚମତ୍କାର ଅଭିନୟ କରନ୍ତି। ହେଲେ ଏହି ଅଭିନେତା ଇଣ୍ଡଷ୍ଟ୍ରିରେ ଦୀର୍ଘ ସଂଘର୍ଷ ପରେ ଲୋକପ୍ରିୟତା ହାସଲ କରିଥିଲେ। ସେ ପ୍ରଥମେ ସଲମାନ ଖାନଙ୍କ 'ଗ୍ୟାଙ୍ଗସ୍ ଅଫ୍ ୱାସେପୁର' ଏବଂ 'ବଜରଙ୍ଗୀ ଭାଇଜାନ' ଭଳି ଫିଲ୍ମ ମାଧ୍ୟମରେ ପରିଚିତି ପାଇଥିଲେ। ସେ ମାତ୍ର ୨,୫୦୦ ଟଙ୍କା ନେଇ ମୁମ୍ବାଇ ଆସିଥିଲେ ଏବଂ ଗୁଜୁରାଣ ମେଣ୍ଟାଇବା ପାଇଁ ଚୌକିଦାର ଭାବରେ କାମ କରିଥିଲେ। ସଫଳତା ତାଙ୍କ ପାଇଁ ସହଜ ହୋଇନଥିଲା। ସେ ଦଶନ୍ଧି ଧରି ନିରାଶ ଅନୁଭବ କରୁଥିଲେ। ନିକଟରେ ଏକ ସାକ୍ଷାତକାରରେ ଅଭିନେତା କହିଛନ୍ତି, "ଯେତେବେଳେ ମୁଁ ପ୍ରଥମେ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଥିଲି, ଖୁବ୍ ଆତ୍ମବିଶ୍ୱାସର ସହିତ ଆସିଥିଲି। ବିଶ୍ୱାସ କରୁଥିଲି ଯେ ମୁଁ ଜଣେ ଅଭିନେତା। ଯିଏ ଥିଏଟରରୁ ଆସିଥାଏ ସେ ସେହି ବିଶ୍ୱାସ ସହିତ ଆସିଥାଏ। କିନ୍ତୁ ସଂଘର୍ଷ କରି କରି କିଛି ଆତ୍ମବିଶ୍ୱାସ ମଧ୍ୟ ହ୍ରାସ ପାଏ। କେତେବେଳେ ମୁଁ ନିଜକୁ ସନ୍ଦେହ କରିବାକୁ ଆରମ୍ଭ କରେ, କି ମୁଁ ଯାହା ଶିଖିଛି ତାହା ଭୁଲ ଏବଂ ମୋତେ କାମ ମିଳୁନାହିଁ।" ନୱାଜୁଦ୍ଦିନ ଆହୁରି କହିଛନ୍ତି, "ମୁଁ ମାନସିକ ଅବସ୍ଥା ଦେଖିଥିଲି, ଯେତେବେଳେ ନିଜକୁ ସନ୍ଦେହ କରିବା ଆରମ୍ଭ କଲି। କାମ ମିଳୁ ମିଳୁ ହାତରୁ ଚାଲିଯାଉଥିଲା। ଅନେକ ସମୟରେ ମୁଁ ନିଜକୁ ଅନଲକି ଭାବୁଥିଲି। ୧୦ ବର୍ଷ ପର୍ଯ୍ୟନ୍ତ, ମୁଁ ନିଜକୁ ଦୁର୍ଭାଗ୍ୟବାନ ମନେ କରୁଥିଲି। ମୋ ପାଖକୁ ଏକ ବଡ଼ କାମ ଆସିବା ମାତ୍ରେ ତାହା ଖସି ଯାଉଥିଲା। ମୁଁ ସମସ୍ତଙ୍କୁ କହିଦେଉଥିଲି।



### ବିଦ୍ୟାଳୟରେ ଶିକ୍ଷାଦାନଠାରୁ ବଳି ଯାଉଛି ଫଳକ ରାଜନୀତି

# ଗୋଟେ କାର୍ଯ୍ୟ ପାଇଁ ୩ଟି ଫଳକ



**ବାଲିପାଟଣା,୭।୫(ସଂଚାର ବ୍ୟୁରୋ):** ବିଦ୍ୟାଳୟ ଜ୍ଞାନର ଆଲୋକ ବର୍ତ୍ତିକା ହେବା କଥା, କିନ୍ତୁ ବାଲିପାଟଣା ଶିକ୍ଷାଞ୍ଚଳ ଅନ୍ତର୍ଗତ ଚଣାହାଟ ଜନ ବିଦ୍ୟା ମନ୍ଦିର ଏବେ ରାଜନୈତିକ ଚକ୍ରବ୍ୟୁହରେ। ନୂତନ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ହିଁ ଶ୍ରେୟ ନେବା ପାଇଁ ବିଦ୍ୟାଳୟ ପରିସରରେ ଲାଗିଲାଣି ତିନି-ତିନିଟି ପଥର ଫଳକ।ଆଶ୍ଚର୍ଯ୍ୟର ବିଷୟ, ଏହି ଫଳକ କିଏ ଏବଂ କେଉଁ ଅନୁମତିରେ ଲଗାଇଲା, ସେ ସମ୍ପର୍କରେ ସ୍ଥାନୀୟ ବିଡିଓ, ଯନ୍ତ୍ରୀ କିମ୍ବା ବିଦ୍ୟାଳୟ ପରିଚାଳନା କମିଟି ନିକଟରେ କୌଣସି ସୂଚନା ନାହିଁ। ପ୍ରଶାସନିକ ସ୍ୱୀକୃତି ବିନା ଏଭଳି କାର୍ଯ୍ୟ ସରକାରୀ ନିୟମକୁ ସିଧାସଳଖ ଆହ୍ୱାନ ଦେଇଛି। ଏପରିକି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ସରପଞ୍ଚଙ୍କ 'ଆମେ କିଛି ଜାଣିନୁ' ବୋଲି କହି ଏଡ଼ାଇଯିବା ଘଟଣାକୁ ଅଧିକ ରହସ୍ୟମୟ ଓ ସନ୍ଦେହଜନକ କରିଛି। କିନ୍ତୁ ଏସବୁ ଭିତରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ସରପଞ୍ଚଙ୍କ ଭୂମିକା। ଯେଉଁମାନଙ୍କ କାନ୍ଧରେ ଶିକ୍ଷାନୁଷ୍ଠାନର ସୁରକ୍ଷା ଓ ସ୍ୱଚ୍ଛତାର ଦାୟିତ୍ୱ ରହିଛି, ସେମାନଙ୍କର 'ଆମେ କିଛି ଜାଣିନୁ' ବୋଲି କହି ଏଡ଼ାଇଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବିଦ୍ୟାଳୟର ସର୍ବେସର୍ବା ଭାବେ ପ୍ରଧାନଶିକ୍ଷୟିତ୍ରୀଙ୍କ ଅଜ୍ଞାତରେ ପରିସର ମଧ୍ୟରେ ପଥର ଫଳକ ଖଞ୍ଜାଗଲା କିପରି? ଯଦି ସେ ଏ ବିଷୟରେ ଜାଣି ନାହାନ୍ତି, ତେବେ ବିଦ୍ୟାଳୟର ପରିଚାଳନା ଉପରେ ତାଙ୍କର କି ପ୍ରକାର ନିୟନ୍ତ୍ରଣ ରହିଛି, ତାହା ଏବେ ବଡ଼ ପ୍ରଶ୍ନ। କେବଳ 'ସୂଚନା ନାହିଁ' କହି ନିଜ କର୍ତ୍ତବ୍ୟରୁ ଓହରିଯିବା ତାଙ୍କର ପଦବୀ ପ୍ରତି ଅସମ୍ମାନ ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ପଞ୍ଚାୟତର ମୁଖ୍ୟ ଭାବେ ସରପଞ୍ଚଙ୍କ ନିରବତା ଏହି ରହସ୍ୟକୁ ଅଧିକ ଘନୀଭୂତ କରୁଛି। ପଞ୍ଚାୟତ ଅଧୀନରେ ଥିବା ଏକ ସରକାରୀ ବିଦ୍ୟାଳୟରେ ପ୍ରକଳ୍ପ ଆସୁଛି, କାମ ଆରମ୍ଭ ନହେଉଣୁ ଫଳକ ଲାଗୁଛି, ଅଥଚ ସରପଞ୍ଚ କହୁଛନ୍ତି ସେ ଅଜ୍ଞ! ଏହା କଣ ସତରେ ଅଜ୍ଞତା ନା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସୁହାଇଲା ଭଳି ଏକ ସୁଚିନ୍ତିତ ନିରବତା? ଯେଉଁଠି ନେତାମାନେ ନିଜ ନାମ ଖୋଦିତ କରିବାକୁ ବ୍ୟଗ୍ର, ସେଠାରେ ବିଦ୍ୟାଳୟର ବାସ୍ତବ ଚିତ୍ର ଅତ୍ୟନ୍ତ ଦୟନୀୟ। ପରିସରରେ ଥିବା ୩ଟି ଯାକ ନଳକୂପ ବର୍ଷ ବର୍ଷ ଧରି ଅଚଳ। ପିଲାମାନେ ପାନୀୟ ଜଳ ପାଇଁ କେବଳ ଅନିଶ୍ଚିତ ବସୁଧା ଯୋଜନା ଉପରେ ନିର୍ଭରଶୀଳ।ଶୌଚାଳୟର ଅବସ୍ଥା ଏତେ ଖରାପ ଯେ, ଦୁର୍ଗନ୍ଧ ଯୋଗୁଁ ଛାତ୍ରଛାତ୍ରୀ ପାଖ ମାଡ଼ିବା କଷ୍ଟକର ହୋଇପଡ଼ିଛି।ଶିକ୍ଷାନୁଷ୍ଠାନର ସର୍ବନିମ୍ନ ସୁବିଧା ସଜାଡ଼ିବା ପରିବର୍ତ୍ତେ କେବଳ ଫଳକ ମାରି ବାହାବା ନେବାର ଏହି ଶସ୍ତା ରାଜନୀତିକୁ ଅଭିଭାବକ ମହଲରେ ତୀବ୍ର ନିନ୍ଦା କରାଯାଇଛି। ବିଦ୍ୟାଳୟର ଗରିମା ରକ୍ଷା କରିବା ପାଇଁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ହେଉଛି।

# ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ତହସିଲ ଅଞ୍ଚଳ, ପ୍ରଶାସନ ନୀରବ




**ବୈଶିଙ୍ଗା,୭।୫(ସଂଚାର ବ୍ୟୁରୋ):** ଦିନକୁ ଦିନ ବାଲି ମାଫିଆ ଙ୍କର ଭୂସ୍ୱର୍ଗ ପାଲଟିଥିବା ଆମ ବେତନଟୀ ତହସିଲ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି କାର୍ଯ୍ୟାଳୟ ଅଧିନ ବୁଢାବଳଙ୍ଗ ନଦୀର ଉଭୟ ପଠାର ବିସ୍ତୃତ ଅଞ୍ଚଳରୁ ଦୈନିକ ଶହ ଶହ ବାଲି ବୋଝେଇ ଡମ୍ପର, ହାଇୱା ଆଦି ବଡ ବଡ ଗାଡିରେ ବାଲି ସବୁ ବାଲେଶ୍ୱର ଅଞ୍ଚଳକୁ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ନିଲାମ ହୋଇଥିବା ବାଲି ଖାଦାନ ଗୁଡିକୁ ଆବଶ୍ୟକ କେ ଫର୍ମ ନ ଯୋଗାଇ ତହସିଲଦାର ମଧ୍ୟସ୍ଥି ଙ୍କ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ବଟୀ ନେଉଥିବାର ଅଭିଯୋଗ ହେଉଛି। ବୁଢାବଳଙ୍ଗ ନଦୀର କାଠପାଳ.ଦାରିହା, ନାଖରା, ବେଲାଣପୁରା, ପାଟଳିପୁରା, ପ୍ରତିମାଦେଇପୁର, ଖଣ୍ଡଦେଉଳା, ଡେଁଫୌଦା, କଣ୍ଟିପୁର ପର୍ଯ୍ୟନ୍ତ ନଦୀ ପଠାରୁ ଏତେ ପରିମାଣର ବାଲି ଉଠାଯାଇଛି ଯାହାକି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରିଛି। ଦୀର୍ଘଦିନ ଧରି ବର୍ଷା ହୋଇ ନ ଥିବାରୁ ନଦୀରେ ଆଦୌ ପାଣି ନାହିଁ, ଫଳରେ ବାଲି ମାଫିଆ ଙ୍କୁ ସାରା ରାତି ବାଲି ଚାଲାଣ କରିବାକୁ ସୁବିଧା ହେଉଛି। ମାତ୍ର ଗରୀବ ଆବାସ ହିତାଧିକାରୀ ନିଜର ଛୋଟ କାମଟିଏ କରିବାପାଇଁ ଟ୍ରାକ୍ଟର ଯୋଗେ ୨/୩ ଟ୍ରିପ୍ ବାଲି ଆଣିବା ବେଳକୁ ତାଙ୍କ ଗାଡିକୁ ଜବଦ କରି ଲୋକଦେଖାଣିଆ ଭାବେ ତାଙ୍କଠାରୁ ଜୋରିମାନା ଆଦାୟ କରା ଯାଉଥିବାର ଅଭିଯୋଗ ହେଉଛି। ସେହି ଜୋରିମାନା ଆଦାୟରେ ମଧ୍ୟ ହେରଫେର ହେଉଥିବାର ଖବର ଟ୍ରାକ୍ଟର ମାଲିକ ଙ୍କ ଠାରୁ ଜଣାଯାଇଛି। ଦଶ ହଜାର ଟଙ୍କାର ଜୋରିମାନା ନେଲେ ହଜାରେ ଟଙ୍କାର ରସିଦ ଦିଆଯାଉଛି। ଏଭଳି ଖବର ହସ୍ତଗତ ହେବାପରେ ତହସିଲଦାର ଙ୍କ କାର୍ଯ୍ୟାଳୟର ଜନୈକ ଅଧିକାରୀଙ୍କୁ ଯୋଗା ଯୋଗ କରାଯିବା ପରେ ସେ ଏହାକୁ ଖଣ୍ଡନ କରିବା ସହିତ ମାଇନିଂ ବିଭାଗର ଏହି ଦାୟିତ୍ୱ ଥିବାରୁ ଆମ୍ଭ ସ ବିଷୟରେ ଜାଣିନାହୁଁ।

## ଗଛରୁ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ଶବ ଉଦ୍ଧାର




**ସୁବର୍ଣ୍ଣପୁର,୭।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ଗୁଲୁଣ୍ଡା- ସିଲାଟି ରାସ୍ତାରେ ଯୁବକ ଓ ଯୁବତୀ ଙ୍କ ଝୁଲନ୍ତା ମୃତ ଶରୀର ଦେଖିବାକୁ ମିଳିଛି। ଉଭୟେ ଗୋଟିଏ ଓଢଣୀ ର ଉଭୟ ପାର୍ଶ୍ୱରେ ଗଛର ଗୋଟିଏ ଡାଳରେ ଝୁଲୁଥିବା ଦେଖାଯାଇଛି। ପ୍ରଥମେ ସ୍ଥାନୀୟ ଲୋକେ ପ୍ରାତଃ ଭ୍ରମଣ ପାଇଁ ଯିବା ବେଳେ ବରଗଛ ମୂଳରେ ବ୍ୟାଗ୍ ଓ ଚପଲ ଦେଖି ଗଛ ଉପରକୁ ଦେଖିଲା ବେଳକୁ ଦୁଇଟି ମୃତ ଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ପୋଲିସ କୁ ଖବର ଦେଇଥିଲେ। ଗଛ ମୂଳରେ ଏକ ଏୟାର ବ୍ୟାଗ ଓ ୨ ହଳ ଚପଲ ରଖାଯାଇଥିବା ଦେଖିବାକୁ ମିଳିଛି। ଦୁଇଜଣ ପ୍ରେମୀ ଯୁଗଳ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ଗତ ମାର୍ଗଶୀର ମାସରୁ ଉଭୟେ ଘରୁ ପଳାଇଯାଇ ତାମିଲନାଡୁ ରେ ରହୁଥିଲେ ହେଲେ ଗତକାଲି ସେମାନେ ଟ୍ରେନ୍ ରେ ବଲାଙ୍ଗୀର ରେ ଓହ୍ଲାଇ ନିଜ ଗାଁ କୁ ଆସିଥିଲେ ହେଲେ ଝିଅ ଟି ନାବାଳକ ଥିବାଯୋଗୁଁ ତାଙ୍କ ପରିବାର ଲୋକେ ତାଙ୍କୁ ଘରକୁ ପ୍ରବେଶ ପାଇଁ ଅନୁମତି ଦେଇନଥିଲେ ତାପରେ ଝିଅଘରେ ମଧ୍ୟ ଝିଅକୁ ଗ୍ରହଣ କରିନଥିବା ଜଣାପଡ଼ିଛି। ପରେ ହୁଏତ ହତୋତ୍ସାହିତ ହୋଇ ଉଭୟ ପ୍ରେମୀ ଯୁଗଳ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ପୁଅର ବଡ଼ଭାଇ ଗଣମାଧ୍ୟମରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ତେବେ ବିନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ଅନୁଧ୍ୟାନ କରିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରିଛନ୍ତି।ଅଧିକ ତଦନ୍ତ ପାଇଁ ବଲାଙ୍ଗୀର ରୁ ସାଇଣ୍ଟିଫିକ୍ ଟିମ ଆସି ଅଧିକ ଛାନଭିନ ଆରମ୍ଭ କରିଛନ୍ତି।

## ୨୨ରୁ ଭୂମିକାର ନାଟ୍ୟ କର୍ମଶାଳା

**ବଲାଙ୍ଗିର,୭।୫(ସଂଚାର ବ୍ୟୁରୋ):** ବଲାଙ୍ଗିରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ଆସନ୍ତା ୨୨ ତାରିଖରୁ ଏକ ନାଟ୍ୟ କର୍ମଶାଳାର ଆୟୋଜନ କରାଯିବ। କର୍ମଶାଳା ୨୨ ତାରିଖରୁ ଆରମ୍ଭ ହୋଇ ଜୁନ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ନାଟ୍ୟକର୍ମୀ ନବୀନ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଏନଏସଡିଆଲୁମ୍ନାଙ୍କ ଦ୍ୱାରା କେତେକ ସ୍ୱତନ୍ତ୍ର ତାଲିମର ମଧ୍ୟ କାର୍ଯ୍ୟକ୍ରମ ରହିଛି। ସେହିପରି ଆମ ଅଞ୍ଚଳର ପ୍ରସିଦ୍ଧି ପ୍ରାପ୍ତ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକମାନେ ମଧ୍ୟ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ୨୨ ତାରିଖ ଅପରାହ୍ନରେ କର୍ମଶାଳା ଆରମ୍ଭ ହୋଇ ପ୍ରତ୍ୟେହ ସକାଳ ୭ଟାରୁ ସନ୍ଧ୍ୟା ୮ଟା ୩୦ ପର୍ଯ୍ୟନ୍ତ ଚାଲିବ। କେବଳ ୨୫ ଜଣ ପ୍ରଶିକ୍ଷାର୍ଥୀ ହିଁ ଏଥିରେ ଅଂଶଗ୍ରହଣ କରିବେ। ସେମାନଙ୍କ ପାଇଁ ସକାଳେ ଓ ସନ୍ଧ୍ୟାରେ ଜଳପାନ ସହ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି ବୋଲି ଭୂମିକାର ସମ୍ପାଦକ ଶକ୍ତିଧର ମିଶ୍ର କହିଛନ୍ତି।

# ଗାଁକୁ ଚୂଆ ପାଣି ଭରସା



**ଫିରିଙ୍ଗିଆ,୭।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡା ପଞ୍ଚାୟତ କଟାବାଲି ଗାଁ ର ଲୋକେ ଚୂଆ ପାଣି ଭରଷା। ଗ୍ରାମବାସୀ ଅଭିଯୋଗ ମୁତାବକ କଟାବାଲି ଗାଁରେ ବସୁଧା ଯୋଜନା ତରଫରୁ ଗାଁକୁ ପାଇପ୍ ଘରକୁ ଘର ପହଞ୍ଚିଛି ସତ କିନ୍ତୁ ଗୋଟିଏ ଦିନ ମଧ୍ୟ ପହଞ୍ଚି ପାରୁନାହିଁ ବସୁଧାରୁ ପାନୀୟଜଳ। ଘର କୁ ଘର ପହଞ୍ଚି ଥିବା ପାଇପ୍ ଗୁଡ଼ିକ ଫାଟି ଯାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ଭାବରେ ଲୋକ ଙ୍କ ପାଖରେ ପହଞ୍ଚିବାକୁ ଅସୁବିଧା ରହୁଛି କୋଉଠି ନା ଜାଣି ଶୁଣି ପ୍ରଶାସନ ନିରବ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ଯାହା ଫଳରେ କଟାବାଲି ଗାଁରେ ବସବାସ କରୁଥିବା ୧୧ ପରିବାର ଚୂଆ ପାଣି ବ୍ୟବହାର କରୁଛନ୍ତି। ବାରମ୍ବାର ବିଶୁଦ୍ଧ ପାନୀୟ ଜଳ ସମସ୍ୟା କୁ ନେଇ ଅଭିଯୋଗ କରିଥିଲେ ମଧ୍ୟ କେହି ବିଭାଗୀୟ ଅଧିକାରୀ ମାନେ କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି ଗ୍ରାମବାସୀ। ଅନ୍ୟ ପଟେ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବସୁଧା ଯୋଜନା ମାଧ୍ୟମରେ ଘର ଘର ପାଇପ୍ ଯୋଗାଇ ଦେଇଥିବା ବେଳେ ଠିକାଦାର ଓ ଦାଇତ୍ୱ ଥିବା କନିଷ୍ଠ ଯନ୍ତ୍ରୀ ଅବହେଳା ଯୋଗୁଁ ଗାଁରେ ପାଇପ୍ ପହଞ୍ଚି ଥିଲେ ସୁଦ୍ଧା ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ହୋଇପାରୁନାହିଁ ବୋଲି କହିଛନ୍ତି କଟାବାଲି ଗାଁର ପ୍ରଭାଜିନି ଦିଗାଲ, ନାତୁଡ଼ି ଦିଗାଲ, ମିଶି ଦିଗାଲ, ଚଞ୍ଚଳା, ଦିଗାଲ, କନାଡି ମଲିକ, ରାମା ଦିଗାଲ, ଲତା ଦିଗାଲ, ସୁରଜିନି ମଲ୍ଲିକ, ପୁରନ୍ଦର ଦିଗାଲ, ଅଭିମନ୍ୟୁ ଦିଗାଲ, ଜାହିର୍ ଦିଗାଲ, ନବିନ ଦିଗାଲ ତୁରନ୍ତ ବିଶୁଦ୍ଧ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି।

# ବ୍ଲକ ଅଧ୍ୟକ୍ଷା ସରକାରୀ ଫାଇଲ ଚିରିବା ଘଟଣା, ଥାନାରେ ମାମଲା ରୁଜୁ

**ବଲାଙ୍ଗିର,୭।୫(ସଂଚାର ବ୍ୟୁରୋ):** ପାଟଣାଗଡ଼ ବ୍ଲକ ର ଚେୟାରମେନ ବ୍ଲକ କାର୍ଯ୍ୟାଳୟରେ ନିଜେ ଗତକାଲି ବଡ଼ବାବୁଙ୍କୁ ଫାଇଲ ମାଗି ସରକାରୀ ଉନ୍ନତିମୂଳକ ଫାଇଲ ଚିରିଦେବା ଅଭିଯୋଗ ହୋଇଛି। ଏହି ଘଟଣା ଏବେ ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଜଣେ ଜନ ପ୍ରତିନିଧିଙ୍କ ନାମରେ ଏପରି ଅଭିଯୋଗ କେବଳ ଦୁଃଖଦ ନୁହେଁ, ବରଂ ସରକାରୀ ବ୍ୟବସ୍ଥା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଖୋଲା ଅସମ୍ମାନ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ସୂଚନା ଅନୁଯାୟୀ, ପାଟଣାଗଡ଼ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ କୌଣସି କାମରେ ବ୍ଲକ ସ୍ଥିତ ହେଡ୍ କ୍ଲର୍କଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଧାତୁକ ଗ୍ରାମପଞ୍ଚାୟତର ମଲ୍ଲିକ ମୁଣ୍ଡାରୁ ଧାତୁକ ରାସ୍ତା ଉନ୍ନତି କାର୍ଯ୍ୟ ସମ୍ବନ୍ଧୀୟ ଫାଇଲ ଦେଖି ବିରକ୍ତି ପ୍ରକାଶ କରିଥିଲେ କୌଣସି କାମ ହେଉନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ଅଭିଯୋଗ ଅନୁସାରେ ସେ ଉକ୍ତ ସରକାରୀ ଫାଇଲକୁ ଚିରି ଦେଇଥିବା ସହ ଗୋଡ଼ରେ ଆଡେଇ ଦେଇଥିଲେ। ପରେ ସେ ଅଫିସରୁ ବାହାରି ଯାଇଥିବା କୁହାଯାଉଛି। ଘଟଣା ପରେ ହେଡ୍ କ୍ଲର୍କ ସରୋଜ କୁମାର ବାବୁ ପାଟଣାଗଡ଼ ବିଡିଓଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ।

ବିଡିଓ ସେତେବେଳେ ବାହାରେ ଥିବାରୁ ପୋଲିସକୁ ଅବଗତ କରାଯାଇଥିଲା। ସୂଚନା ପରେ ପାଟଣାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ସିସିଟିଭି ଫୁଟେଜ ସହ ଅନ୍ୟାନ୍ୟ ପରିସ୍ଥିତିକୁ ନେଇ ତଦନ୍ତ ଆରମ୍ଭ କରି କରିଥିଲେ। ପରେ ଗତକାଲି ବିଡିଓ ଆସି ଏ ସମ୍ପର୍କରେ ଥାନାରେ ଏତଲା ଦେଲାପରେ ପୋଲିସ ଏକ କେସ ରୁଜୁ କରି ତଦନ୍ତ ଜାରି ରଖିଛି।

ଏକ ସରକାରୀ ଫାଇଲ କେବଳ କାଗଜ ନୁହେଁ, ଏହା ଲୋକଙ୍କ ଉନ୍ନତି, ସରକାରୀ ନିୟମ ଓ ପ୍ରଶାସନିକ ପ୍ରକ୍ରିୟାର ପ୍ରତୀକ।

ଯଦି ଜଣେ ଜନପ୍ରତିନିଧି ନିଜ ରୋଷରେ ସରକାରୀ ଦଲିଲକୁ ଚିରି ଦେଇଥାନ୍ତି, ତେବେ ଏହା ନିଶ୍ଚିତ ଭାବେ ଅନୁଶାସନ ହୀନତା ଓ ଅଧିକାରର ଦୁରୁପଯୋଗର ଉଦାହରଣ ବୋଲି ଲୋକେ ଆଲୋଚନା କରୁଛନ୍ତି। ଏସମ୍ପର୍କରେ ପାଟଣାଗଡ଼ ଏସଡିପିଓ ସଦାନନ୍ଦ ପୂଝାରୀ ପାଟଣାଗଡ଼ ଥାନାରେ ମାମଲା ରୁଜୁ ପରେ ତଦନ୍ତ ଜାରୀ ରହିଛି କୌଣସି ଗିରଫ ଦାରି ହୋଇନଥିବା ସୂଚନା ଦେଇଛନ୍ତି।

## ଅଭିମନ୍ୟୁ ଓ ନାରାୟଣ ବିଜେଡି ରାଜ୍ୟ ସମ୍ପାଦକ

**ସୁବର୍ଣ୍ଣପୁର,୭।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ବିଜେଡିର ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଦଳର ସଭାପତି ନବୀନ ପଟ୍ଟନାୟକ ସୋନପୁର ର ଅଭିମନ୍ୟୁ କୁଶଳ ଓ ବୀରମହାରାଜପୁର ର ନାରାୟଣ ଲୁହାଙ୍କୁ ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ପୂର୍ବତନ ବିଧାୟକ କୁନ୍ଦୁରୁ କୁଶଳଙ୍କ ସାନ ଭାଇ ଅଭିମନ୍ୟୁ ପୂର୍ବରୁ ରାଜ୍ୟ ମତ୍ସ୍ୟ ନିଗମର ଅଧ୍ୟକ୍ଷ ଏବଂ ଏସି ସେଲର ରାଜ୍ୟ ଉପସଭାପତି ଥିଲେ। ଏବେ ତାଙ୍କୁ ପୁଣି ନୂତନ ଦାୟିତ୍ୱ ମିଳିଛି। ସେହିପରି ଜିଲ୍ଲାର ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହାଙ୍କୁ ମଧ୍ୟ ରାଜ୍ୟ ବିଜେଡି ସମ୍ପାଦକ ଭାବରେ ମନୋନୀତ କରାଯାଇଛି। ଉଭୟ ଦାୟିତ୍ୱ ପାଇବା ପରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହାସହ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଓ ଦଳର ବରିଷ୍ଠ ନେତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହା ଜଣାପଡ଼ିବା ପରେ ଜିଲ୍ଲା ବିଜେଡିରେ ଖୁସିର ଲହରୀ ଖେଳିଯାଇଛି ଏବଂ ଜିଲ୍ଲାରେ ବିଜେଡି ଆହୁରି ଶକ୍ତିଶାଳୀ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।



# ଖେଦାପଡ଼ା ଗ୍ରାମପଞ୍ଚାୟତ ପକ୍ଷରୁ ନଦୀବନ୍ଧ ନିଲାମ



**କୋଲନରା,୭।୫(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ଖେଦାପଡା ଗ୍ରାମପଞ୍ଚାୟତ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତ ଅଧୀନରେ ଥିବା ୪ ଗୋଟି ବନ୍ଧକୁ ୧ବର୍ଷ ପର୍ଯ୍ୟନ୍ତ ନିଲାମ ଦିଆଯାଇଛି। ସରପଞ୍ଚ ଶ୍ରୀ ନରସିଂହ କିଲାକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନିଲାମ କାର୍ଯ୍ୟକ୍ରମରେ କୋଲନରା ପଞ୍ଚାୟତସମିତି ଉପାଧ୍ୟକ୍ଷ ଶ୍ରୀ ହଳଧର ହିମିରିକା, ନାଏବ ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟସଭ୍ୟା, ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଯୋଗଦେଇଥିଲେ। ଗୌଡ଼ଗୁଡା, ଶଙ୍ଖୁଲିପଦର, ବାଲିଖମ୍ବାର ଓ ଦେଓପୁର ମୋଟ ୪ଟି ବନ୍ଧ ମଧ୍ୟରୁ ୩ଟି ବନ୍ଧକୁ ନିଲାମ କରାଯାଇଥିବା ବେଳେ ଦେଓପୁର ଗ୍ରାମର ବନ୍ଧକୁ ସ୍ଥଗିତ ରଖାଯାଇଥିଲା। ଏହା ପରବର୍ତ୍ତୀ ମୁହୂର୍ତ୍ତରେ ନିଲାମ କରାଯିବ ବୋଲି ସରପଞ୍ଚ ଶ୍ରୀ କିଲାକା ସୂଚନା ପ୍ରଦାନ କରିଥିଲେ। ନିଲାମରୁ ପ୍ରାପ୍ତ ରାଶି ପଞ୍ଚାୟତର ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରାଯିବ। ସରକାରୀ ନିୟମ ଓ ପରିବେଶ ଅନୁମତି ଅନୁସାରେ ହିଁ ନିଲାମଧାରୀମାନେ କାର୍ଯ୍ୟ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲିଙ୍ଗରାଜ ତାଡିଙ୍ଗି ସଭା ପରିଚାଳନା କରିଥିବା ବେଳେ ଏଡିଓ ରାଧାନାଥ ଷଡ଼ଙ୍ଗୀ ଏବଂ ଯୋଗାଣ ସହାୟକ ତପନ ଗାଣ୍ଟା ପ୍ରମୁଖ ଉପସ୍ଥିତ ରହି ନିଲାମ ପ୍ରକ୍ରିୟାରେ ସହଯୋଗ କରିଥିଲେ।

## ଆବାସ ଯୋଜନାରୁ ବଞ୍ଚିତ ଦାଶକାଠିଆ କଳାକାର



**ରିଷିଡ଼ା,୭।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରାଜପୁର ପଞ୍ଚାୟତ ଗ୍ରାମର ଲୋକପ୍ରିୟ ଦାଶକାଠିଆ କଳାକାର ସ୍ୱର୍ଗତ ଇନ୍ଦ୍ରମଣି ଭୋଇଙ୍କ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ପରିବାର କହିଲେ ତାଙ୍କ ଝିଅ ଜାମା ଭୋଇ ଓ ସ୍ତ୍ରୀ ସାବିତ୍ରୀ ଭୋଇ। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ବାରମ୍ବାର ଆବେଦନ କରି ସୁଦ୍ଧା ପରିବାର ଏଥିରୁ ବଞ୍ଚିତ ହୋଇଛି। ଫଳରେ ଭଙ୍ଗା ଦଦରା କୁଡିଆରେ ଜୀବନ ବିତୁଛି। ଏପରି କି ସମ୍ବଳ ଅଭାବରୁ ଘରକୁ ମରାମତି କରିପାରୁନାହାନ୍ତି। ଦୀର୍ଘ ୧୦ବର୍ଷ ହେବ ଏମାନେ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଯୋଜନା ଅପହଞ୍ଚ ରହିଥିବା ଅଭିଯୋଗ ହୋଇଛି। ଏହି ସମ୍ପର୍କରେ ସରପଞ୍ଚ କୌଶଲ୍ୟା ରଣାଙ୍କୁ ପଚାରିବାରୁ ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପରିବାରକୁ ସାମିଲ କରି ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ୧୦ଟି 'ହେଲମେଟ୍ ହବ୍' ଉଦ୍‌ଘାଟିତ

**ନୂଆପଡ଼ା,୭।୫(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ସଡକ ସୁରକ୍ଷା ସମିତି ଦ୍ୱାରା ଆଜି ଜିଲ୍ଲାର ୧୦ଗୋଟି ପ୍ରମୁଖ ସ୍ଥାନରେ "ହେଲମେଟ୍ ହବ୍" ଉଦଘାଟନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ସିଡିଓ ଲମ୍ବୋଦର ଧରୁଆ ସହିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଏହି ବିଶାଳ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଜିଲ୍ଲାରେ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଓ ଦୁର୍ଘଟଣାଜନିତ ମୃତ୍ୟୁ ଓ ଆହତ ସଂଖ୍ୟା କମାଇବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ହେଲମେଟ୍ ହବ୍ ମାଧ୍ୟମରେ ସହଜ ଉପଲବ୍ଧତା ଓ ସଚେତନତା ବୃଦ୍ଧି ପାଇବା ସହିତ ଲୋକମାନଙ୍କୁ ହେଲମେଟ୍ ପ୍ରୟୋଗ ପ୍ରତି ଉତ୍ସାହିତ କରାଯିବ। ଜିଲ୍ଲାପାଳ ଏହି ଅବସରରେ କହିଥିଲେ ଯେ, "ସମସ୍ତଙ୍କ ସହଯୋଗ ଓ ସଚେତନତା ମାଧ୍ୟମରେ ଆମେ ନୂଆପଡ଼ାକୁ ୧୦୦ ପ୍ରତିଶତ ହେଲମେଟ୍ ବ୍ୟବହାରକାରୀ ଜିଲ୍ଲାରେ ପରିଣତ କରିପାରିବୁ।" ସମସ୍ତଙ୍କ ପ୍ରୟାସ ଓ ଦାୟିତ୍ୱବୋଧ ମାଧ୍ୟମରେ ସୁରକ୍ଷିତ ନୂଆପଡ଼ା ଗଠନରେ ଏହି ଉଦ୍ୟମ ନିଶ୍ଚୟ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

## ଗୋ ଚାଲାଣରେ ସଂପୃକ୍ତ ଫେରାର ଆସାମୀ ଉସ୍ତାର ମଲ୍ଲିକ ଗିରଫ



**ବୈଶିଙ୍ଗା,୭।୫(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଞ୍ଚଳରେ ଗୋ ତସ୍କରୀ ଦିନକୁ ଦିନ ବୃଦ୍ଧି ପାଇବା ଯୋଗୁଁ ପୋଲିସ ର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଏଥି ସହିତ ଗୋ ପାଳନ କରୁଥିବା ଗ୍ରାମୀଣ ସାଧାରଣ ଜନତା ଯନ୍ତ୍ରଣା ଭୋଗୁଛନ୍ତି। ଗତ କିଛିଦିନ ତଳେ ବିଭିନ୍ନ ଗ୍ରାମରେ ରାସ୍ତାରେ ବୁଲୁଥିବା ୭ଟି ଗୋରୁଙ୍କୁ ନେଇ ପଳାଇ ଯାଉଥିବା ସମୟରେ ଖବର ପାଇ ଗ୍ରାମବାସୀ ମାନେ ଅଟକାଇ ଗୋରୁ ଉଦ୍ଧାର କରିଥିଲେ ମଧ୍ୟ ଗୋ ତସ୍କର ଫେରାର ହୋଇ ଯାଇଥିଲେ। ସେମାନଙ୍କ ମଧ୍ୟରୁ ପୂର୍ବରୁ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ଏହି ଥାନା ଅଧିନ ତାଳପଦା ଗ୍ରାମର ଉସମାନ ମଲ୍ଲିକ ର ପୁଅ ଉସ୍ତାର (୩୫) କୁ ଗିରଫ କରିଥିବା ଜଣାଯାଇଛି। ବୈଶିଙ୍ଗା ପୋଲିସ ଖବର ପାଇଁ ତାର ଘରେ ଚଢାଉ କରିବା ବେଳେ ଅଭିଯୁକ୍ତ ଉସ୍ତାର ପାଚେରୀ ଡେଇଁ ପଳାଉଥିବା ବେଳେ ଆହତ ହୋଇଥିବା କାରଣରୁ ଗିରଫ ପୂର୍ବରୁ ପୋଲିସ ହେପାଜତ ରେ ବୈଶିଙ୍ଗା ଡାକ୍ତରଖାନା ରେ ଚିକିତ୍ସିତ ହେଉଥିବା ଜଣାଯାଇଛି।

## ଜମି ବିବାଦର ଉଗ୍ରରୂପ: ଭାଇକୁ ହାଣିଲା ଭାଇ

**କନ୍ଧମାଳ,୭।୫(ସଂଚାର ବ୍ୟୁରୋ):** ଜମି ବିବାଦ ନେଲା ଜୀବନ। ମାତ୍ର କିଛି ଗୁଣ୍ଠ ଚାଷ ଜମି ପାଇଁ ବଡ଼ ଭାଇ ଜଣକ ସାନ ଭାଇକୁ ଜୀବନରେ ମାରିଦେବାକୁ ପଛାଇ ନାହାନ୍ତି। ସିଧା ଧାରୁଆ ଅସ୍ତ୍ରରେ ବେକକୁ ହାଣି ହତ୍ୟା କରିବା ଘଟଣା ଏବେ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳାଇଦେଇଛି। ଏଭଳି ଘଟଣା ଘଟିଛି ଗୁରୁବାର ପୂର୍ବାହ୍ନରେ କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ପରପାଙ୍କା ଅଞ୍ଚଳରେ। ମୃତକ ହେଲେ ଉକ୍ତ ଥାନା ରୁକାନବାଡି ଗ୍ରାମର ଇଲିସାୟ ପତ୍ରା (୩୨ ) ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ରୁକାନବାଡିର ଇଲିସାୟ ଓ ତାଙ୍କ ବଡ ବାପାଙ୍କ ପୁଅ ତପନ ପତ୍ରାଙ୍କ ମଧ୍ୟରେ ପରପାଙ୍କା ଅଞ୍ଚଳରେ ରହିଥିବା ନୁଦୁପାକାନି ହଳଦୀ ପଦର ଜମିକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ଗୁରୁବାର ଏହା ଉଗ୍ର ରୂପ ନେଇଥିଲା। ଫଳରେ ଉତ୍ୟକ୍ତ ହୋଇ ତପନ ଏକ ଧାରୁଆ ଅସ୍ତ୍ରରେ ଇଲିସାୟଙ୍କ ବେକକୁ ହାଣି ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଦାରିଙ୍ଗବାଡି ଆଇଆଇସି ସଂଗ୍ରାମ କେଶରୀ ଜେନା ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ଅଭିଯୁକ୍ତକୁ ଧରି ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଆଇଆଇସି କହିଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା (୧୧୬/୨୬) ରୁଜୁ କରି ଅଧିକ ତଦନ୍ତ ଚଳାଇବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇଥିବା ପୋଲିସ କହିଛି।

### ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଅଣ୍ଟା ଭିଡ଼ିଲା ଲାଞ୍ଜିଗଡ଼ ପ୍ରେସ କ୍ଲବ୍

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ



**ଲାଞ୍ଜିଗଡ଼,୭।୫(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଛି ଅଗ୍ରଣୀ ସାମ୍ବାଦିକ ସଂଗଠନ ଲାଞ୍ଜିଗଡ଼ ପ୍ରେସ କ୍ଲବ। ଲାଞ୍ଜିଗଡ଼ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ୧୩ଗୋଟି ପଞ୍ଚାୟତ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର କୋଠାକୁ ଶତାଧିକ ବର୍ଷ ବିତି ସାରିଛି। ଏହା ଏବେ ଭଙ୍ଗାଦଦରା ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଣ୍ଠୁଏ ପାଣି ଜମୁଛି। ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ନିର୍ମାଣ ପାଇଁ ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ଜାଗା ଚିହ୍ନଟ ହୋଇପାରୁନଥିବାରୁ ଏହା ଅଟକି ରହିଛି। ଷ୍ଟାଫ କ୍ୱାର୍ଟର ନଥିବାରୁ ଡାକ୍ତର ଓ କର୍ମଚାରୀମାନେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ଶିକ୍ଷାଞ୍ଚଳ ଲାଞ୍ଜିଗଡ଼ରେ ଜାଗା ଚିହ୍ନଟ ସହିତ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଓ ଷ୍ଟାଫ କ୍ୱାର୍ଟର ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୧୬ ଗୋଟି ପଞ୍ଚାୟତ ଲୋକେ ନିର୍ଭର କରୁଥିବାବେଳେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ଅଲଟ୍ରାସାଉଣ୍ଡ ମେସିନ, ଦୁର୍ଘଟଣା ପ୍ରବଣ ଅଞ୍ଚଳ ହେତୁ ଏକ୍ସରେ ମେସିନ ସ୍ଥାପନ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ ସମେତ ଭେଷଜ ବିଶେଷଜ୍ଞ ପଦବୀ ପୂରଣ, ଖାଲି ଥିବା ଚାରିଜଣ ଷ୍ଟାଫ ନର୍ସ, ଖାଲି ଥିବା ଦୁଇ ଜଣ ଫାର୍ମାସିଷ୍ଟ, ଦୁଇ ଜଣ ଲାବ ଟେକ୍ନିସିଆନ ପଦବୀ, ଖାଲି ଥିବା ୫ ଜଣ ପରିଦର୍ଶକ, ଜନସ୍ୱାସ୍ଥ୍ୟ ଅଧିକାରୀ ପଦବୀ ପୂରଣ, ଷ୍ଟାଫ କ୍ୱାର୍ଟର ନିର୍ମାଣର ଅତ୍ୟନ୍ତ ଆବଶ୍ୟକତା ରହିଛି। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଏଚସି ମାନ୍ୟତା, ଷ୍ଟାଫ୍ କ୍ୱାର୍ଟର ନିର୍ମାଣ, ଲାଞ୍ଜିଗଡ଼ ରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ, ନୂତନ ହସ୍ପିଟାଲ କୋଠା ନିର୍ମାଣ, ଷ୍ଟାଫ୍ କ୍ୱାର୍ଟର ନିର୍ମାଣ, ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ଥିବା ପଦବୀ ପୂରଣର ଆବଶ୍ୟକତା ରହିଛି।ବିଶ୍ୱନାଥପୁରଠାରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣର ଆବଶ୍ୟକତା ରହିଛି।ଦୁଇଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ତିନୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିରାମୟ ଯୋଜନାରେ ପର୍ଯ୍ୟାପ୍ତ ପରିମାଣର ଔଷଧ ଯୋଗାଇଦେବାର ଆବଶ୍ୟକତା ରହିଛି।